DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜୁନ୍ ୧୧/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, June 11/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୧୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 196 | ମୂଲ୍ୟ₹୭/-

DSPL-107



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବର୍ଷ ୧
## ଉପଲବ୍ଧି ଅନେକ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ
ନେତୃତ୍ୱରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ

# ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫

୧୧ - ୧୮ ଜୁନ୍, ୨୦୨୫
ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର

## ବିଶେଷ ଆକର୍ଷଣ

- ବିଭିନ୍ନ ବିଭାଗର ସଫଳତା ପ୍ରଦର୍ଶନ
- ପ୍ରତି ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ
- ନିଆରା ଉତ୍ପାଦର କିଣାବିକା
- ସୁଆଦିଆ ଓଡ଼ିଆ ଖାଦ୍ୟର ପସରା

## ଉଦ୍‌ଘାଟନୀ କାର୍ଯ୍ୟକ୍ରମ

୧୧ ଜୁନ୍, ଅପରାହ୍ଣ ୪ଟା

**ସେବା, ସୁଶାସନ ଓ ସଫଳତାର ୧ବର୍ଷ**

OIPR-31034/13/0002/2526



ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ଜୁନ୍ ୧୧/୨୦୨୫ | Bhubaneswar, Wednesday, June 11/2025 | ପୃଷ୍ଠା-୧



DADLS-27

ବର୍ଷ ଏକ ଉପଲବ୍ଧି ଅନେକ

## ସମୃଦ୍ଧ ଓଡ଼ିଶା ପାଇଁ ମହିଳା ସଶକ୍ତିକରଣ

- ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ
- ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ
- ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ



OIPR-15001/13/0680/2526





ଦିଲ୍ଲୀର ଦ୍ୱାରକା ସେକ୍ଟର-୧୩ସ୍ଥିତ ଶବଦ୍ ସୋସାଇଟି ଆପାର୍ଟମେଣ୍ଟର ୮ମ ଏବଂ ୯ମ ମହଲାରେ ମଙ୍ଗଳବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ନିଆଁରୁ ବର୍ତ୍ତିବାକୁ ଯାଇ ଯଶ୍ ଯାଦବ (୩୫) ଓ ତାଙ୍କର ୨ ପିଲା ଆପାର୍ଟମେଣ୍ଟର ୯ମ ମହଲାରୁ ଡେଇଁ ପ୍ରାଣ ହରାଇଛନ୍ତି।

# ମୋ ସରଳତା ଦୁର୍ବଳତା ନୁହେଁ

## ରାଜ୍ୟରେ ଭାଜପା ସରକାରଙ୍କ ବର୍ଷପୂର୍ତ୍ତି: ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ

ମୋ ସରଳତାକୁ ଦୁର୍ବଳତା ଭାବିବା ଅନୁଚିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାରେ ଭାଜପା ସରକାର କ୍ଷମତାସୀନ ହେବାର ବର୍ଷପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଯେଉଁମାନେ ମୋ ସରକାରକୁ ନେଇ ଦୁର୍ବଳ ମନେକରୁଛନ୍ତି, ସମୟ ଆସିବ ସେମାନେ ଜାଣିପାରିବେ ଯେ, ମୁଁ କେତେ ସବଳ। ତାଙ୍କ ଶାସନରେ ସ୍ୱଚ୍ଛତା ଓ ପାରଦର୍ଶିତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଦୁର୍ନୀତି ପ୍ରତି ଶୂନ ସହନଶୀଳତା, ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ଯୋଗସୂତ୍ର ସ୍ଥାପନ ସହ ଗରିବ, କୃଷକ, ଯୁବ ଓ ମହିଳାଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରାଯାଉଛି। ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଦୁର୍ନୀତିର ମୂଳୋତ୍ପାଟନ ଏବଂ ଲୋକଙ୍କୁ ଦକ୍ଷ ସେବା ପ୍ରଦାନ ସହ ଓଡ଼ିଶାରେ ସୁଶାସନର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କହିଛନ୍ତି।




ଭୁବନେଶ୍ୱର,୧୦।୬(ରବିନାରାୟଣ ଜେନା)

ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ କଠୋର ନୀତି ଅବଲମ୍ବନ କରୁଛନ୍ତି। ପିଅନଙ୍କଠାରୁ ଆରମ୍ଭ କରି ଆଇଏଏସ୍‌ଙ୍କ ପର୍ଯ୍ୟନ୍ତ କାହାକୁ ତ୍ରାହି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ସୁଶାସନ ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ପ୍ରଥମେ ଦୁର୍ନୀତି ହଟାଇବାକୁ ପଡ଼ିବ। ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ଲଗାତର ଭାବେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଯେଉଁମାନେ ମୋ ସରଳତାକୁ ନେଇ ଦୁର୍ବଳ ମନେକରୁଛନ୍ତି ସେମାନେ ସମୟ ଆସିବ ଜାଣିପାରିବେ ଯେ ମୁଁ କେତେ ସବଳ।

- **ଲୋକଙ୍କ ଦୁଆରମୁହଁକୁ ଯାଉଛି 'ତୃତୀୟ ମହଲା'**
- **ନିଷ୍ପତ୍ତି ପାଇଁ ୨୪ ବର୍ଷ ନୁହେଁ, ୨୪ ମିନିଟ୍**

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସାଧାରଣ ଜନତା ଏବଂ ସରକାରଙ୍କ ମଧ୍ୟରେ ଥିବା କୃତ୍ରିମ ପ୍ରାଚୀରକୁ ଆମେ ଧୂଳିସାତ୍ କରିଦେଇଛୁ। ଏବେ ଯେ କୌଣସି ଲୋକ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀମାନଙ୍କୁ ଅବାଧରେ ଭେଟି ପାରୁଛନ୍ତି। 'ତୃତୀୟ ମହଲା' ଲୋକଙ୍କ ଦୁଆର ମୁହଁକୁ ଯାଉଛି, ଏହା ହେଉଛି ଆମ ସୁଶାସନର ଏକ ନୂତନ ଦିଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଭାଜପା ସରକାର ଲୋକଙ୍କୁ ଯେଉଁ ପ୍ରମୁଖ ୨୧ଟି ପ୍ରତିଶ୍ରୁତି ଦେଇଥିଲା, ସେଥିରୁ ୧୨ମାସ ମଧ୍ୟରେ ପ୍ରାୟ ୧୨ଟି ☞ପୃଷ୍ଠା-୨

## ଆଜି ସ୍ନାନଯାତ୍ରା

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବୁଧବାର ଦାରୁଦିଅଁ ଶ୍ରୀମନ୍ଦିର ରତ୍ନବେଦି ଛାଡ଼ି ସ୍ନାନବେଦିକୁ ବିଜେ କରି ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦି ସଜେଇ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ଆଇନଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ପାଇଁ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ଭୋର ୪.୩୦ରେ ମଙ୍ଗଳାର୍ପଣ, ଭୋର ୫ଟାରେ ଧାଡ଼ି ପହଣ୍ଡି, ସକାଳ ୯ଟାରେ ମଙ୍ଗଳଆଳତି ପରେ ଅନ୍ୟାନ୍ୟ ନୀତି ହେବ। ଅପରାହ୍ନ ୩ଟା ୩୦ରେ ଛେରାପହଁରା, ୪ଟା ୩୦ରେ ହାତୀବେଶ ଅନୁଷ୍ଠିତ ହେବ। ରାତି ୧୧ଟାରେ ହାତୀବେଶ ମଇଲମ କରାଯିବ।

## ଓଜେଇଇ: ୫୫,୩୬୨ଜଣଙ୍କୁ ର୍ୟାଙ୍କ୍

ଭୁବନେଶ୍ୱର,୧୦।୬(ସୁଚିସ୍ମିତା ସାହୁ)

- **ନର୍ସିଂ ପାଠ୍ୟକ୍ରମର ଫଳ ଡିଏମ୍‌ଇଟି ପକ୍ଷରୁ ପ୍ରକାଶ ପାଇବ**
- **ଜୁଲାଇ ୧୫ ଓ ୧୬ରେ ସ୍ପେଶାଲ ଓଜେଇଇ**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ-୨୦୨୫) ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସନ୍ଧ୍ୟାରେ ଫଳ ଘୋଷଣା କରିବା ସହ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଚଳିତବର୍ଷ ମୋଟ ୯୨,୪୮୮ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ୮୦,୩୨୪(୮୬.୮୪%) ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୫୫,୩୬୨ଜଣ ଅର୍ଥାତ୍ ୬୮.୯୨% ପରୀକ୍ଷାର୍ଥୀଙ୍କୁ ବିଭିନ୍ନ ପାଠ୍ୟକ୍ରମ ପାଇଁ ର୍ୟାଙ୍କ ପ୍ରଦାନ କରାଯାଇଛି। ପରୀକ୍ଷାର୍ଥୀମାନେ www.ojee.nic.inରୁ ନିଜ ର୍ୟାଙ୍କ କାର୍ଡ ପାଇପାରିବେ। ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନରେ ପ୍ରଚଳିତ ୧୭ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ କାଉନ୍‌ସେଲିଂରେ ଅଂଶଗ୍ରହଣ ☞ପୃଷ୍ଠା-୨

## ଅଷ୍ଟ୍ରିଆ ସ୍କୁଲରେ ଗୁଳି: ୧୦ ମୃତ

ଭିଏନା,୧୦।୬

### ଆକ୍ରମଣକାରୀଙ୍କ ଆତ୍ମହତ୍ୟା

ଅଷ୍ଟ୍ରିଆର ଗ୍ରାଜ ସହର ଅନ୍ତର୍ଗତ ଏକ ସ୍କୁଲରେ ମଙ୍ଗଳବାର ଜଣେ ଆତତାୟୀ ପ୍ରବେଶ କରିଆଖିବୁଜା ଗୁଳି ଚଳାଇବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଆକ୍ରମଣକାରୀ ଅଛନ୍ତି। ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିବା ମେୟର ଏଲ୍‌କେ କହର କହିଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ଶିକ୍ଷକ ହୋଇଥିବାବେଳେ ୯ ଜଣ ଛାତ୍ର। ଗୁଳିମାଡ଼ରେ ଆହତ ହୋଇଥିବା ଅନେକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡ ଖବର ପାଇ କର୍ତ୍ତୃପକ୍ଷ ବୋର୍ଗ ଡ୍ରେଇରସୁଟ୍‌ଜେଙ୍ଗସେ ହାଇସ୍କୁଲରେ ପହଞ୍ଚି ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଆକ୍ରମଣକାରୀ ଜଣେ ଛାତ୍ର ହୋଇଥିବାବେଳେ ତାଙ୍କ ମୃତଦେହ ସ୍କୁଲ୍ ୱାଶ୍‌ରୁମ୍‌ରୁ ମିଳିଛି। ଆକ୍ରମଣକାରୀଙ୍କ ନାଁ ଓ ପରିଚୟ ମିଳି ନ ଥିବାବେଳେ ସେ ଏକାକୀ ଆକ୍ରମଣ କରିଥିବା ପୋଲିସ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ମଣିଷତ୍ୱ ହ୍ରାସପାଉଛି

# ଗାଜର ହାଲୁଆ, ଆମ୍ବରସ ନେଇ ମହାକାଶ ଯିବେ ଶୁଭାଂଶୁ ଶୁକ୍ଳା

ଲକ୍ଷ୍ନୌ/ଫ୍ଲୋରିଡା,୧୦।୬

### ଆଜି 'ଆକ୍ସିଓମ-୪' ମିଶନ ଲଞ୍ଚ୍



ବହୁପ୍ରତୀକ୍ଷିତ 'ଆକ୍ସିଓମ୍-୪' ମିଶନର ଲଞ୍ଚ୍ ବୁଧବାର ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଫାଲ୍‌କନ୍-୯ ରକେଟ ଯୋଗେ ହେବ। ଏହି ମିଶନ ସହ ଭାରତ ମହାକାଶ କ୍ଷେତ୍ରରେ ଇତିହାସ ରଚିବ। ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

ବିଭିନ୍ନ ରିପୋର୍ଟ ଅନୁଯାୟୀ, ମହାକାଶରେ ମସଲାଯୁକ୍ତ ଖାଦ୍ୟ ଖାଇବା ନିଷେଧ ହୋଇଥିବାରୁ ଶୁଭାଂଶୁ କେବଳ କିଛି ଭାରତୀୟ ମିଠା ଏବଂ ହାଲୁକା ଖାଦ୍ୟ ନେଇ ଆଇଏସ୍‌ଏସ୍ ଯିବେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଶୁଭାଂଶୁ ନିଜ ସହ ଆମ୍ବ ରସ, ମୁଗ ହାଲୁଆ, ଗାଜର ହାଲୁଆ ପରି କେତେକ ଭାରତୀୟ ବ୍ୟଞ୍ଜନ ନେଇ ଆଇଏସ୍‌ଏସ୍ ଯିବେ ବୋଲି ଉତ୍ତରପ୍ରଦେଶର ଲକ୍ଷ୍ନୌରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଶୁଭାଂଶୁଙ୍କ ଭଉଣୀ ସୁଚୀ ଶୁକ୍ଳା କହିଛନ୍ତି। ଅଧିକାଂଶ ଭାରତୀୟ ଖାଦ୍ୟରେ ମସଲା ଅଧିକ ରହୁଥିବାରୁ ସେଗୁଡ଼ିକୁ ଆଇଏସ୍‌ଏସ୍ ନେଇ ଯିବା ପାଇଁ ଶୁଭାଂଶୁଙ୍କୁ ଅନୁମତି ମିଳି ନ ଥିଲା। ଶେଷରେ କିଛି ମିଠା ଏବଂ ମସଲାହୀନ ଭାରତୀୟ ଖାଦ୍ୟ ନେଇ ଆଇଏସ୍‌ଏସ୍ ଯିବାକୁ ଶୁଭାଂଶୁଙ୍କୁ ଅନୁମତି ମିଳିଥିବା ସୁଚୀ କହିଛନ୍ତି। ଶୁଭାଂଶୁ ସର୍ବଦା ନିଜ ଫିଟ୍‌ନେସ୍ ପ୍ରତି ସଚେତନ ରହିବା ସହ ନିୟମିତ ଯୋଗ କରିବାକୁ ପସନ୍ଦ କରନ୍ତି। ତେଣୁ ଆଇଏସ୍‌ଏସ୍‌ରେ ଭାରତୀୟ ଖାଦ୍ୟ ଖାଇ ମଧ୍ୟ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମହାବିଶ୍ରାମର ଶତବାର୍ଷିକୀ ଅବସରରେ ଆୟୋଜିତ ପ୍ରଥମ ଜାତୀୟ ଭୁଲିଆ ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗୀତ ଭାରତୀ ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ଇମାମୀ ଜଗନ୍ନାଥ ମନ୍ଦିର, ବାଲଗୋପାଳପୁର, ରେମୁଣା, ସମୟ: ଦିବସବ୍ୟାପୀ।
- ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମଇତାପୁର, ଅମଣିଆସାହି, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ଚନ୍ଦନେଶ୍ୱର ଓ ରସିଦପୁର କୃପାକ୍ଷେତ୍ର, ଭୋଗରାଇ, ସମୟ: ସକାଳ ୯ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଅଚ୍ୟୁତପୁର ଏବଂ ଡାଲଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ସୁଭଦ୍ରା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ଖଇରା ମହାବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାର୍କ୍ସବାଦୀ ନେତାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର, ସ୍ଥାନ: ଖେଡ଼ସାହି, ଭୋଗରାଇ, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଶନିମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ରାଢୋ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

- ରାମଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ଖୋଳାମୁହଁ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମିଶନ ଶକ୍ତି ପକ୍ଷରୁ ସୁଭଦ୍ରା ଶକ୍ତି ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମେଳା, ସ୍ଥାନ: ପାଟଣା ବ୍ଲକ୍ ପରିସର, ସମୟ: ସକାଳ ୭ଟା।
- ବାର୍ଷିକ ଅଷ୍ଟମ ପ୍ରହରୀ ନାମଯଜ୍ଞ, ରସ କୀର୍ତ୍ତନ ଓ ନଗର ଭ୍ରମଣ, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ
- ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ଶ୍ରୀ ଶ୍ରୀ ହରିବଳଦେବଜୀଉ ମନ୍ଦିର ଦେଉଳସାହି, ବାରିପଦା, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ଓ ନାମଯଜ୍ଞ, ସ୍ଥାନ: ମାର୍କେଟ ସାହି, ଚିତ୍ରଡ଼ା, ମୋରଡ଼ା, ସମୟ:ସକାଳ ୭ଟା।
- ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ହରିହର ପୀଠ ମାଣତ୍ରୀ ବଡ଼ସାହି ବ୍ଲକ, ସମୟ: ସକାଳ ୮ଟା।
- ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ବାଣ୍ଡିଆ ଜଗନ୍ନାଥ ମନ୍ଦିର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୟୂର କଳା ଭୂମି ପକ୍ଷରୁ ଡ୍ୟାନ୍ସ ତାଲିମ ଶିବିର, ସ୍ଥାନ:ତୁଳସୀ ମଣ୍ଡପ, ଡାରଗାଡିହି ଗୋଲେଇ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମହାବାହୁଙ୍କ ସ୍ନାନ ଉତ୍ସବ,ସ୍ଥାନ:ଉଦଳା ଜଗନ୍ନାଥ ମନ୍ଦିର ପରିସର,ସମୟ:ପୂର୍ବାହ୍ନ ୧୦ଟା୩୦।
- ଚତୁର୍ଦ୍ଧାଦେବଙ୍କ ସ୍ନାନ ଉତ୍ସବ,ସ୍ଥାନ: ଉଦଳା ବ୍ଲକ ଅଧୀନ ଡିହିରାକୁଳ ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା୩୦।
- ଡିଆର୍‌କେ କ୍ଲବ୍ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।
- ୫୫୨ତମ ସନ୍ଥ ଦିବସ, ସ୍ଥାନ: ଗୋପବନ୍ଧୁ ଭବନ, ବାରିପଦା,ସମୟ: ଅପରାହ୍ନ ୫ଟା।
- ସ୍ୱରତାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ନିଚୁଆପଦା ଛଉ ପଡ଼ିଆ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ମାଗଣା ଆଧାର କାର୍ଡ ପଞ୍ଜୀକରଣ , ସ୍ଥାନ: ଗୋଷାଣୀ ନୂଆଗାଁ ଚଣ୍ଡୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ବୁଗୁଡ଼ା ବଳଦେବ ମନ୍ଦିର, ସମୟ: ସକାଳ ୯ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା, ସ୍ଥାନ: ବୁଗୁଡ଼ା ଅନ୍ତରପଡା,ସମୟ: ଅପରାହ୍ନ ୩ଟା।

## ଗଜପତି
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ସ୍ନାନ ପୂର୍ଣ୍ଣିମା, ସ୍ଥାନ: ବଳରାମ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୫ଟା।
- କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୧ଟା।

## ଜଗତ୍‌ସିଂହପୁର
- ସାଗରିକା କଳା ନିକେତନ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: କଳା ନିକେତନ ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ସ୍ନାନ ଉତ୍ସବ ଓ ଗଜବଦନ ବେଶ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଗରଦପୁର, ଶ୍ରୀଜଗନ୍ନାଥ ମନ୍ଦିର, ମାହାଳ, ଗରଦପୁର, ଶ୍ରୀଲକ୍ଷ୍ମୀ ନାରାୟଣ ମନ୍ଦିର, ଆଳି, ଶ୍ରୀ ଦଧିବାମନଜୀଉ ମନ୍ଦିର, ତମାଳ ଶାସନ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଭକ୍ତ ଦାସିଆ ଡ୍ୟାନ୍ସ ଏକାଡେମୀ ଓ ସେବା ମହାସଂଘ ପକ୍ଷରୁ ତୁଳସୀ କ୍ଷେତ୍ର ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ୯ଟା।
- ଇସ୍କନ ରାଜନଗର ପକ୍ଷରୁ ଶ୍ରୀନୀଳାଦ୍ରିନାଥଙ୍କ ସ୍ନାନଯାତ୍ରା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀଦଧିବାମନଜୀଉ ମନ୍ଦିର, ଡେରାବିଶ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ରାମଲୀଳାର ଅନ୍ତିମ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା।
- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ନୀତି ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୮ଟା।
- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ନୀତି ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ:ସକାଳ ୭ଟା।
- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ନୀତି ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ଦେବସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଦର୍ଶନ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ଅପରାହ୍ନ ୫ଟା।
- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ନୀତି, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ନୀତି, ସ୍ଥାନ: ଗୋଡିପଡା ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଉନ୍ନତି କେନ୍ଦ୍ର ଗୃହ ପ୍ରତିଷ୍ଠା ଓ ହରିନାମ ସଙ୍କୀର୍ତ୍ତନ, ସ୍ଥାନ -କାହ୍ନୁଗୁଡା ଗ୍ରାମ,କାଶୀପୁର
- ସମୟ: ପୂର୍ବାହ୍ନ ୧୦ ଟା।
- ଦେବସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୨ଟା।

## ନବରଙ୍ଗପୁର
- ଦେବସ୍ନାନ ଉତ୍ସବ, ସ୍ଥାନ: ଝରିଗାଁ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ ଟା।
- ମାଣିକପୁରୀ ପନକା ସମାଜ ପକ୍ଷରୁ କବିର ଜୟନ୍ତୀ, ସ୍ଥାନ: ଝରିଗାଁ ବ୍ଲକ କୁସୁମି ଗାଁ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ବ୍ଲକ ଦାଡ଼ିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମହାପ୍ରଭୁଙ୍କ ଦେବ ସ୍ନାନ ଉତ୍ସବ, ସ୍ଥାନ: ହାଲ ଜଗନ୍ନାଥ ମନ୍ଦିର ପରିସର, ସୁନାବେଡା-୧, ସମୟ: ସକାଳ ୬ଟା।
- ଦେବସ୍ନାନ ପୂର୍ଣ୍ଣିମା, ତିନିଠାକୁରଙ୍କ ହାତୀବେଶ ନୀତିକାନ୍ତି, ସ୍ଥାନ: ନନ୍ଦପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ସ୍ନାନଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର, ନାଲକୋ ଟାଉନଶିପ ଦାମନଯୋଡି, ସମୟ: ୧୦ଟା ୩୦।
- ଆଇଟିଡିଏର ପ୍ରକଳ୍ପସ୍ତରୀୟ କମିଟି ବୈଠକ,ସ୍ଥାନ: ସଦଭାବନା ସଭା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶାବର ଶ୍ରୀକ୍ଷେତ୍ରରେ ଜିଉଙ୍କ ଗଜାନନ ବେଶ, ସ୍ଥାନ: ସ୍ନାନବେଦି,କୋରାପୁଟ,ସମୟ: ଅପରାହ୍ନ ୩ ଟା।

**ପ୍ରଥମ ପୃଷ୍ଠାରୁ...**

## ମୋ ସରଳତା...

ସଂକଳ୍ପ ପୂରଣ କରାଯାଇ ସାରିଲାଣି। ଆଉ ଯାହା ପ୍ରତିଶ୍ରୁତି ରହିଛି ତାକୁ ସମୟ ଭିତରେ ପୂରଣ କରାଯିବ ଏବଂ ଲୋକଙ୍କ ଆଶା ପୂରଣ କରାଯିବ। ବର୍ଷକରେ ୧୭ଲକ୍ଷ ଦିଦି ଆମ ସରକାରର ବଡ଼ ସଫଳତା। ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ସବୁ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଭଲ ପାଇବା ଆମକୁ ଚଳଚଞ୍ଚଳ କରିଛି। ଆସନ୍ତା ୨୦ ତାରିଖରେ ପୁଣି ଥରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ଏହାକୁ ମିଶାଇଲେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ୬ଥର ହେବ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନକୁ ନେଇ ଚାରିଗୋଟି ଜାତି ଯେପରି କି, 'ଗରିବ, ଅନ୍ନଦାତା, ଯୁବ ଏବଂ ମହିଳା' ପାଇଁ ଆମେ ନିରନ୍ତର କାର୍ଯ୍ୟ କରିବୁ। ୨୦୩୬ ମିଶନ ପାଇଁ ଖୁବ୍‌ଶୀଘ୍ର ୩୬ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡ଼ିଶା ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡ଼ିଶାକୁ ଏକ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ଓଡ଼ିଶା ହେବ ସମୃଦ୍ଧ ଏବଂ ୨୦୪୭ ସୁଦ୍ଧା ମୋଦିଙ୍କ ପରିକଳ୍ପିତ ବିକଶିତ ଭାରତ ଗଢ଼ିବାରେ ଓଡ଼ିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସେ କହିଛନ୍ତି, ଜୁନ୍ ୧୨ରେ ରାଜ୍ୟ ସରକାର ଶପଥପାଠ ଗ୍ରହଣ କରିବା ଦିନ ରାଜ୍ୟ କ୍ୟାବିନେଟରେ ୪ଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଥିଲା। ସେଥିମଧ୍ୟରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ସହ ସୁଭଦ୍ରା ଯୋଜନା ଲାଗୁ କରିବା ଏବଂ ଶ୍ରୀମନ୍ଦିର ପାଇଁ ୫ ଶହ କୋଟି ଟଙ୍କାର କର୍ପସ ଫଣ୍ଡ ସହିତ ଧାନ କୁଇଣ୍ଟାଲ ପିଛା ୮ ଶହ ଟଙ୍କା ବୋନସ୍ ଫାଇଲରେ ମୋହର ବାଜିଥିଲା। ସମୃଦ୍ଧ କୃଷି ଯୋଜନାରେ ଆମେ ୩୭,୮୦୦ କୋଟିର ବଜେଟ କରିଛୁ। ପୂର୍ବ ସରକାର ଯାହା ୨୪ବର୍ଷରେ କରିପାରି ନ ଥିଲା, ଆମ ସରକାର ୨୪ ମିନିଟ୍‌ରେ କରି ଦେଖାଇଛି।୨୦୨୬ ସୁଦ୍ଧା ରାଜ୍ୟର ୯୦% ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ଇଣ୍ଟେଣ୍ଟ ଆସିଥିଲା। ସେଥିରୁ ୧୩ ଲକ୍ଷ କୋଟିର ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଖୋର୍ଦ୍ଧା, ଢେଙ୍କାନାଳ, କଳିଙ୍ଗନଗର ଓ ଗଞ୍ଜାମରେ ୧.୩୮ଲକ୍ଷ କୋଟିର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି। ଏହାଦ୍ୱାରା ୧.୫ଲକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋଦି ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ସମ୍ପର୍କରେ କହିଥିଲେ, ମୋଦିସରକାରଙ୍କ ୧୧ ବର୍ଷ, ୩ୟ ପାଳିର ପ୍ରଥମ ବର୍ଷ ପୂରିଛି। ୨୦୧୪ ମେ' ୨୬ ତାରିଖରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଶପଥ ନେଇଥିଲେ। ମୋଦି ସରକାର ୧୧ ବର୍ଷ ଭିତରେ ଅନେକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଧାରା ୩୭୦ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଭାରତ ସହ ପୂର୍ଣ୍ଣ ଭାବେ ଯୋଡ଼ିଛନ୍ତି। ଏହାସହିତ ଟ୍ରିପଲ ତଲାକ, ଏକକ ଜିଏସ୍‌ଟି, ଜନଧନ ଯୋଜନାର ସୁଫଳ ଲୋକଙ୍କୁ ମିଳିଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ ୧୩ ବର୍ଷ ମଧ୍ୟରେ ଦେଶରେ ଅତ୍ୟଧିକ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ୨୭.୧ ପ୍ରତିଶତରୁ ୫.୩ ପ୍ରତିଶତକୁ ହ୍ରାସ ପାଇଛି। ଅର୍ଥାତ୍ ଏହି ସମୟ ଭିତରେ ପ୍ରାୟ ୨୭ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ତାଡ଼ନାରୁ ମୁକ୍ତ ହୋଇଛନ୍ତି। ଏହି ଗୋଟିଏ ମାପଦଣ୍ଡରୁ ମୋଦି ସରକାରଙ୍କ ସାଧାରଣ ଜନତାଙ୍କ ବିକାଶ ବିଷୟରେ ଜାଣିହେବ।

ପ୍ରଧାନମନ୍ତ୍ରୀଙ୍କ ତୃତୀୟ ପାଳିର ପ୍ରଥମ ବର୍ଷର ଶେଷ ଆଡ଼କୁ, ଦେଶର ଇତିହାସରେ ଏକ 'ନୂଆ ଅଧ୍ୟାୟ' ଯୋଡ଼ା ହୋଇଛି। ଦେଶରେ ଆତଙ୍କବାଦର କଡ଼ା ଜବାବ ଦେବା ପାଇଁ ଗତ ପଚାଶ ବର୍ଷରେ ଇତିହାସ ସୃଷ୍ଟିକରି ପଡ଼ୋଶୀ ଦେଶ ଭିତରେ ପଶି ଆତଙ୍କବାଦକୁ ସଫା କରିବା ପାଇଁ 'ଅପରେଶନ ସିନ୍ଦୂର' ପାଇଁ ମୋଦି ନିର୍ଣ୍ଣୟ ନେଇଥିଲେ। ସାରା ବିଶ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସବୁଠାରୁ ଆଗରେ ବୋଲି ପ୍ରମାଣିତ ହୋଇଛି। 'ଅପରେଶନ ସିନ୍ଦୂର' କେବଳ ଏକ ନାଁ ନୁହେଁ, ଏହା ଦେଶର ସୁରକ୍ଷା ତଥା ଭାରତର କୋଟିକୋଟି ମାତା ଏବଂ ଭଉଣୀଙ୍କ ପାଇଁ ସମ୍ମାନର ଗ୍ୟାରେଣ୍ଟି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ବୈଷୟିକ ଶିକ୍ଷାରେ ଖୁବ୍‌ଶୀଘ୍ର ସଂରକ୍ଷଣ ବ୍ୟବସ୍ଥା କରାଯିବ। ସେହିଭଳି ଖୁବ୍‌ଶୀଘ୍ର ରାଜ୍ୟରେ ଲୋକାଯୁକ୍ତ ନିଯୁକ୍ତି ହେବ। ଦୀଘା ଜଗନ୍ନାଥ ଧାମ ବିବାଦ ନେଇ ବେଙ୍ଗଲ ସରକାରଙ୍କୁ ଚିଠି ଲେଖାଯାଇଥିବା ବେଳେ ବେଙ୍ଗଲ ସରକାର ଏହାର ଉତ୍ତର ଲିଖିତ ଭାବେ ଦେଇ ନାହାନ୍ତି। ବେଙ୍ଗଲ ସରକାରଙ୍କ ଷ୍ଟେଟମେଣ୍ଟ ସାମ୍ନାକୁ ଆସିଛି, ଯାହାକି ଗ୍ରହଣଯୋଗ୍ୟ ନୁହେଁ। ବେଙ୍ଗଲ ସରକାରଙ୍କ ଅହଙ୍କାର ଜଣାପଡ଼ିଛି, ଲୋକେ ଏହାର ଜବାବ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

## ଅଷ୍ଟ୍ରିଆ ସ୍କୁଲରେ...

ବିଶ୍ୱାସ କରୁଛି। ଗୁଳିକାଣ୍ଡ ସମ୍ପର୍କରେ ସ୍ଥାନୀୟ ସମୟ ପୂର୍ବାହ୍ନ ୧୦ଟାରେ ଖବର ମିଳିବା ପରେ ସ୍କୁଲ୍‌କୁ ତୁରନ୍ତ ସ୍ୱେଶାଲ ଫୋର୍ସ ପଠାଯାଇଥିଲା ବୋଲି ପୋଲିସ କହିଛି। କ'ଣ ପାଇଁ ଗୁଳିକାଣ୍ଡ ଘଟିଲା ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟୂନ ୧୦ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୟୁରୋପୀୟ ସଂଘ ମୁଖପାତ୍ର ପାଉଲା ପିନ୍‌ହୋ ମୃତକଙ୍କ ପରିବାର ଏବଂ ଗ୍ରାଜ ସହର ବାସିନ୍ଦାଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ରାଜଧାନୀ ଭିଏନାଠାରୁ ଦକ୍ଷିଣ-ପଶ୍ଚିମରେ ୨୦୦ କିଲୋମିଟର ଦୂରରେ ଅବସ୍ଥିତ ଗ୍ରାଜ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ ସହର। ସେଠାରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଅଷ୍ଟ୍ରିଆରେ କଠୋର ବନ୍ଧୁକ ନିୟନ୍ତ୍ରଣ ଆଇନ ରହିଛି। ସେଠାରେ ବନ୍ଧୁକ ରଖିବା ପାଇଁ ଲାଇସେନ୍ସ ବାଧ୍ୟତାମୂଳକ ହୋଇଥାଏ। ଏଥିପାଇଁ ଜଣକୁ ବନ୍ଧୁକ ସୁରକ୍ଷା ଉପରେ ପାଠ୍ୟକ୍ରମ କରିବାକୁ ପଡ଼ିଥାଏ ଓ ଏହାକୁ ରଖିବା ପାଇଁ ସୁରକ୍ଷିତ ସ୍ଥାନ ଦର୍ଶାଇବାକୁ ହୋଇଥାଏ। ମେଶିନ୍‌ଗନ୍, ଉଚ୍ଚ କ୍ଷମତାବିଶିଷ୍ଟ ମାଗାଜିନ, ରାପିଡ୍-ଫାୟାର ଗନ୍ ଏବଂ ସାଉଣ୍ଡ ସପ୍ରେସର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ନାବାଳକ ବନ୍ଧୁକ ରଖିବା ଅନୁମତି ନ ଥିଲାବେଳେ ଅଷ୍ଟ୍ରିଆକୁ ବନ୍ଧୁକ ନେଇ ଯିବା ପାଇଁ ଅଣୟୁରୋପୀୟଙ୍କୁ ସ୍ୱତନ୍ତ୍ର ଅନୁମତି ଆବଶ୍ୟକ ପଡ଼ିଥାଏ। ଏହା ସତ୍ତ୍ୱେ ଅଷ୍ଟ୍ରିଆ ଜନସାଧାରଣ ସର୍ବାଧିକ ବନ୍ଧୁକ ରଖୁଥିବା ୟୁରୋପର ଅନ୍ୟତମ ରାଷ୍ଟ୍ର। ଏକ ସର୍ଭେ ଅନୁଯାୟୀ ସେଠାରେ ପ୍ରତି ୧୦୦ ଲୋକଙ୍କ ମଧ୍ୟରୁ ୩୦ ଜଣଙ୍କ ପାଖରେ ବନ୍ଧୁକ ରହିଛି।

## ଗାଜର ହାଲୁଆ...

ସେ ନିଜ ଶରୀରର ସନ୍ତୁଳନକୁ ବଜାୟ ରଖିବେ ବୋଲି ସୂଚୀ କହିଛନ୍ତି। ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଏହି ମିଳିତ ମିଶନରେ ଶୁଭାଂଶୁଙ୍କ ସମେତ ୪ ଆଷ୍ଟ୍ରୋନଟ ସ୍ପେସ୍‌ଏକ୍ସ'ର ଡ୍ରାଗନ ମହାକାଶ ଯାନ ସାହାଯ୍ୟରେ ୨୮ ଘଣ୍ଟା ମଧ୍ୟରେ ଆଇଏସ୍ଏସ୍‌ରେ ପହଞ୍ଚିବେ। ଶୁକ୍ସ ନାମରେ ଜଣାଶୁଣା ଶୁଭାଂଶୁ ଏହି ମିଶନରେ ପାଇଲଟ ଭୂମିକା ନିର୍ବାହ କରିବେ। ୨ ସପ୍ତାହର ଏହି ମିଶନରେ ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ତଥା ମିଶନ କମାଣ୍ଡର ପେଗୀ ହ୍ୱିଟ୍‌ସନ୍ ଏବଂ ମିଶନ ସ୍ୱେଶାଲିଷ୍ଟ ଭାବେ ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଓ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର କାପୁ ରହିଛନ୍ତି। ଆଇଏସ୍ଏସ୍‌ରେ ମିଶନର ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍‌ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିବେ। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିବେ। ସେହିପରି ନାସାର ମାନବ ଗବେଷଣା କାର୍ଯ୍ୟକ୍ରମର ଅଂଶ ଭାବେ ସେ ଆହୁରି ୫ଟି ପରୀକ୍ଷଣରେ ସାମିଲ ହେବେ।

# ଓଜେଇଇ: ଅନୁରାଗ ଏମ୍‌ବିଏ, ସିସେନ୍ଦ୍ରୀ ଏମ୍‌ସିଏ ଟପ୍ପର

| ପାଠ୍ୟକ୍ରମ | ଟପ୍ପରଙ୍କ ନାମ |
|---|---|
| ବି.ଫାର୍ମ | ଯତୀନ ମେହେର |
| ଲାଟେରାଲ ଏଣ୍ଟ୍ରି -ଟେକ୍ (ଡିପ୍ଲୋମା) | ଗୌରବ ସ୍ୱାଇଁ |
| ଲାଟେରାଲ ଏଣ୍ଟ୍ରି -ଟେକ୍ (ବିଏସ୍‌ସି) | ସାକ୍ଷୀ କୁମାରୀ |
| ଲାଟେରାଲ ଏଣ୍ଟ୍ରି-ଫାର୍ମ | ସାଗରିକା ଦାସ |
| ଏମ୍‌ବିଏ | ଅନୁରାଗ ମିଶ୍ର |
| ଏମ୍‌ସିଏ/ଏମ୍‌ଏସ୍‌ସି (କମ୍ପ୍ୟୁଟର ସାଇନ୍ସ) | ଏସ ସିସେନ୍ଦ୍ରୀ |
| ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ | ଅଂଶୁମାନ ପତି |
| ବି.କ୍ୟାଟ୍ (ସିନେ ଆଣ୍ଡ୍ ସାଉଣ୍ଡ୍) | ନେହା ପ୍ରିୟଦର୍ଶିନୀ |
| ବି.କ୍ୟାଟ୍ (ଫିଲ୍ମ ଏଡିଟିଂ) | ସାନିଧ୍ୟା ନାୟକ |
| ଏମ୍.ଫାର୍ମ | ହିତେଶ କୁମାର ଧଳ |
| ଏମ୍. ଆର୍କ | ଅସ୍ମିତା ସୁବୁଦ୍ଧି |
| ଏମ୍. ପ୍ଲାନ୍ | ଉର୍ମିକାନ୍ତ ମଣିନନ୍ଦନ ସାହୁ |
| ଏମ୍. ଟେକ୍ | |
| ସିଭିଲ ଇଞ୍ଜିନିୟରିଂ | ସୂରଜ କୁମାର ଦାଶ |
| ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ | ମନ୍ମଥ ବେହେରା |
| ମେକାନିକାଲ ଇଞ୍ଜିନିୟରିଂ | ଶୁଭଙ୍କର ଜେଠୀ |
| କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ/ଆଇଟି | ପ୍ରାଚୀ ପ୍ରଜ୍ଞା |
| ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ | କୃଷ୍ଣ ଚନ୍ଦ୍ର ନାୟକ |
| କେମିକାଲ ଇଞ୍ଜିନିୟରିଂ | ଜିତୁ ପାତ୍ର |
| ମେଟାଲୁର୍ଜିକାଲ ଇଞ୍ଜିନିୟରିଂ | ତ୍ରିଲୋଚନ ପ୍ରଧାନ |
| ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ | ଅଶ୍ୱିନୀ କୁମାର ପାଣିଗ୍ରାହୀ |
| ବାୟୋଟେକ୍ନୋଲୋଜି | ଦେବପ୍ରିୟ ପାଲ |
| ପ୍ଲାଷ୍ଟିକ ଇଞ୍ଜିନିୟରିଂ | ସର୍ବଜିତ ଦାସ |
| ଟେକ୍ସଟାଇଲ ଇଞ୍ଜିନିୟରିଂ | ମନିଷା ରାଉଳ |

## ଓଜେଇଇ...

କରିପାରିବେ। ଚଳିତବର୍ଷ ବି.କ୍ୟାଟ୍, ଲାଟେରାଲ ଏଣ୍ଟ୍ରି -ଟେକ୍(ଡିପ୍ଲୋମା), ଲାଟେରାଲ ଏଣ୍ଟ୍ରି -ଟେକ୍(ବିଏସ୍‌ସି) ବି. ଫାର୍ମ, ଏମ୍‌ବିଏ, ଏମ୍‌ସିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି-ଫାର୍ମ, ଏମ୍. ଫାର୍ମ, ଏମ୍.ଆର୍କ, ଏମ୍. ପ୍ଲାନ୍, ଏମ୍. ଟେକ, ବେସିକ ସାଇନ୍ସ ନର୍ସିଂ, ପୋଷ୍ଟ ବେସିକ ସାଇନ୍ସ ନର୍ସିଂ, ଏମ୍. ସାଇନ୍ସ ନର୍ସିଂ, ପୋଷ୍ଟ ଡିପ୍ଲୋମା ନର୍ସିଂ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବି.ଫାର୍ମରେ ୧୪,୦୫୪ ଜଣ ପରୀକ୍ଷା ଦେଇଥିବାବେଳେ ୧୪,୦୩୨ ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ସେହିପରି ଲାଟେରାଲ ଏଣ୍ଟ୍ରି -ଟେକ୍(ଡିପ୍ଲୋମା)ରେ ୧୮,୩୯୮ଜଣ ପରୀକ୍ଷା ଦେଇଥିବା ବେଳେ ୧୮,୩୯୮ଜଣ, ଲାଟେରାଲ ଏଣ୍ଟ୍ରି -ଟେକ୍(ବିଏସ୍‌ସି)ରେ ୬୩୧ଜଣ ପରୀକ୍ଷା ଦେଇଥିବା ବେଳେ ୬୨୯ଜଣ, ବି.କ୍ୟାଟ୍(ସିନେ ଆଣ୍ଡ ସାଉଣ୍ଡ)ରେ ୨୭୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭୧ ଜଣ ଓ ଏମ୍‌ବିଏରେ ୯୦୨୬ଜଣଙ୍କ ମଧ୍ୟରୁ ୯୦୨୨ଜଣ ର୍‍ୟାଙ୍କ୍ ପାଇଛନ୍ତି। ଏମ୍‌ସିଏ/ଏମ ଏସ୍‌ସିରେ ୬୭୯୫ଜଣ, ଇଣ୍ଟିଗ୍ରେଟେଡ୍ ଏମବିଏରେ ୧୫୬୪ଜଣ, ଲାଟେରାଲ ଏଣ୍ଟ୍ରି-ଫାର୍ମରେ ୯୭୭ ଜଣ, ଏମ୍ ଫାର୍ମରେ ୧୬୫୧ଜଣ, ଏମ.ଆର୍କରେ ୧୬ଜଣ, ଏମ୍. ପ୍ଲାନରେ ୧୮ଜଣ, ଏମ୍. ଟେକ୍‌ରେ ୧୮୨୭ଜଣ ଏବଂ ବି.କ୍ୟାଟ( ଫିଲ୍ମ ଏଡିଟିଂ)ରେ ୧୬୩ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତଙ୍କୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବେସିକ ସାଇନ୍ସ ନର୍ସିଂରେ ୨୨,୯୦୨ଜଣ, ପୋଷ୍ଟ ବେସିକ ସାଇନ୍ସ ନର୍ସିଂରେ ୧୨୫୯ଜଣ, ଏମ୍. ସାଇନ୍ସ ନର୍ସିଂରେ ୬୮୦ଜଣ ଏବଂ ପୋଷ୍ଟ ଡିପ୍ଲୋମା ନର୍ସିଂରେ ୯୧ଜଣ ପରୀକ୍ଷା ଦେଇଥିଲେ ମଧ୍ୟ ସେମାନଙ୍କ ଫଳ ପ୍ରକାଶ ପାଇନାହିଁ। ଏସବୁ ନର୍ସିଂ ପାଠ୍ୟକ୍ରମର ଫଳାଫଳ ପରବର୍ତ୍ତୀ ସମୟରେ ରାଜ୍ୟ ଡାଇରେକ୍ଟର ଅଫ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ(ଡିଏମ୍‌ଇଟି) ପକ୍ଷରୁ ପ୍ରକାଶ ପାଇବ। ସେହିପରି ଜୁଲାଇ ୧୫ ଓ ୧୬ ତାରିଖରେ ସ୍ୱେଶାଲ ଓଜେଇଇ ଅନୁଷ୍ଠିତ ହେବ। ଏଥିପାଇଁ ଜୁନ୍ ୧୪ରୁ ଆବେଦନ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ସମସ୍ତ ୩୦ ଜିଲା ସହିତ କୋଲକାତା, ପାଟନା ଏବଂ ରାଞ୍ଚିରେ ମୋଟ ୭୦ଟି ପରୀକ୍ଷା କେନ୍ଦ୍ରରେ ସିବିଟି ମାଧ୍ୟମରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଫଳ ପ୍ରକାଶ କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପରିଶ୍ରମ ଓ ଅଧ୍ୟବସାୟ ଅବ୍ୟାହତ ରଖି ଆଗାମୀ ଜୀବନରେ ସଫଳତା ହାସଲ କରିବା ସହିତ ସୁନାଗରିକ ହୋଇ ଓଡ଼ିଶାର ସୁନାମକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧିକରୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମର୍ଥ ବର୍ମା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଅଧ୍ୟକ୍ଷ ଦେବ ପ୍ରକାଶ ଶତପଥୀ, ସମ୍ପାଦକ ରଞ୍ଜନ କୁମାର ଜେନା ଓ ଯୁଗ୍ମ ପ୍ରବେଶିକା ପରୀକ୍ଷାର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୂରେ ଥିଲେ ପଚାରୁ ଥାଏ**
**ପାଖକୁ ଗଲେ କଥା ନ କହେ।**

ଉପର ଠାଉରିଆ ଭଲ ପାଇବା। କେତେକଙ୍କ ମନରେ ପଛେ କିଛି ଥାଉ କି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧାଭାବ ଅଜାଡ଼ି ଦେଇଥାନ୍ତି। ଆଖି ଛଳ ଛଳ କରି ନିଜର ଭାବପଣିଆ ଜାହିର କରିବସିଥାନ୍ତି। ନ ଦେଖିଲେ ନ ଆସିଲେ ମନ ଊଣା, ମନ କଷ୍ଟ ପରନ୍ତୁ ଆସିଲେ ଆଡ଼ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ଭାବ ଅଛି ବୋଲି ଦେଖେଇହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଇଥିଲେ ପାଇ ବୁଣିଥିଲେ ଦାଇ,**
**ପଡ଼ିଆ ବାଡ଼ିରେ ଗୋଧନ ଚରାଇ।**

କର୍ମ ଅନୁସାରେ ଫଳ। ସୌଭାଗ୍ୟ ଆସିଲେ ଆଶା ଯେଉଁଠି ହେଲେ ଫଳବତୀ ହୁଏ। ଅନ୍ୟକୁ ଅଯାଚିତ ଭାବେ ସାହାଯ୍ୟ କରିଥିଲେ ତା'ର ସୁଫଳ ଦିନେ ନା ଦିନେ ପ୍ରାପ୍ତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶୁକ୍ରଙ୍କ ସୁପ୍ରଭାବରେ ଆବଶ୍ୟକତା ପୂରଣ ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନିଜ ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଦୂରେଇ ଯାଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ବୃଷ** ନୀଚସ୍ଥ ତୃତୀୟାଧିପ ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ବିବାଦୀୟ ସ୍ଥିତି ଉତ୍ପନ୍ନ କରିପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ଯାନ୍ତ୍ରିକ ଜିନିଷ, ଯାନବାହନ, ବସ୍ତ୍ରାଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅତୀତ ଘଟଣାର ଆଲୋଚନା ଓ ସନ୍ତାନ ହେତୁକ ଦୁଶ୍ଚିନ୍ତା ଆସିପାରେ।

**ମିଥୁନ** ମଙ୍ଗଳଙ୍କ ପ୍ରଭାବ ଦ୍ୱାରା ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରି ଆଶ୍ୱସ୍ତି ଲଭିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କର ଗୁପ୍‌ଚୁପ୍ କଥା ଶୁଣି ମନରେ ଆଶଙ୍କା ଉଦ୍ରେକ ହେବ। ବୃତ୍ତିଗତ ଧନ୍ଦା, ହୋଟେଲ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ଧନାଧିପ ଷଷ୍ଠଭାବସ୍ଥ ଯୋଗୁ ଅର୍ଥସମ୍ପର୍କୀୟ ବିବାଦର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ଶୁକ୍ର ଚତୁର୍ଥଭାବକୁ ଅବଲୋକନ କରୁଥିବାରୁ ନୂତନ ଗୃହ, ଯାନବାହନ, ସୌଖୀନ ଜିନିଷ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନିଜଲୋକ କେହି ସାହାଯ୍ୟ କରିବାକୁ ଆଗେଇ ଆସିବେ। ନୂତନ କମ୍ପାନୀରେ ମୋଟା ଦରମାର ଚାକିରି ଅଫର କିମ୍ବା ପଦୋନ୍ନତି ଘଟିପାରେ। ଜମିଜମା, କାରଖାନା, ପ୍ଲଟିଂ ବ୍ୟବସାୟରୁ ସୁଫଳ ପାଇବେ।

**ସିଂହ** କର୍ମାଧିପ ଭାଗ୍ୟସ୍ଥ ହେତୁ ଅଭିଳଷିତ ଜିନିଷକୁ ହାସଲ କରାଇବାରେ ପଦସ୍ଥବ୍ୟକ୍ତିଙ୍କ ସହାୟତା ପ୍ରାପ୍ତ ହେବେ। ଫାଇଦା ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବାକୁ ମନ ବଳାଇବେ। ଅନୁସନ୍ଧାନ, ଅଧ୍ୟୟନ, ଅଧ୍ୟାପନା ଓ ସାହିତ୍ୟ କ୍ଷେତ୍ରରେ ଉନ୍ନତି କରିବେ। ଅଫିସ୍‌ରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ପାରିବାରିକ ସ୍ତରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ଅବଶ୍ୟ ବନ୍ଧୁଙ୍କ ସହାୟତାରେ ଈପ୍ସିତ ଅର୍ଥ ପାଇବେ ଓ କାର୍ଯ୍ୟସାଧନ କରିପାରିବେ। ରାଶ୍ୟାଧିପ ଗୁରୁଯୁକ୍ତ ହୋଇ ଭାଗ୍ୟସ୍ଥାନସ୍ଥ ଯୋଗୁ ହସ୍ତା ନକ୍ଷତ୍ର ପାଇଁ ବିଶେଷ ଶୁଭପ୍ରଦ ରହିବ।

**ତୁଳା** ମିତ୍ରଙ୍କ ସହାୟତା ଲାଭକରି ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପ୍ରଦାନ କରିପାରନ୍ତି। ଗ୍ରହଙ୍କ ସୁପ୍ରଭାବରେ ଯେ କୌଣସି ପ୍ରତିରୋଧକୁ ଆଡ଼େଇ ଯାଇ କାମ ହାସଲରେ ସମର୍ଥ ହେବେ। ଚତୁର୍ଥାଧିପଙ୍କ ଦୁର୍ବଳତା କାରଣରୁ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ତଥାପି ବାଟରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ବିଛା** ରାଶ୍ୟାଧିପଙ୍କ ଦୁର୍ବଳତା ସଙ୍ଗକୁ ନୀଚସ୍ଥ ଭାଗ୍ୟାଧିପ କାର୍ଯ୍ୟହାସଲରେ ସମସ୍ୟା ସୃଷ୍ଟି କରିପାରନ୍ତି। କୌଣସି କାମରେ ମନର ସ୍ଥିରତା ନ ରହିବା ହେତୁ କାମ ଅସମ୍ପୂର୍ଣ୍ଣ ରହିଯିବ। କେତେକ କାମକୁ ଅବହେଳା କରି ସମାଲୋଚିତ ହେବେ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ବରଂ କିଛି ଲୋଭନୀୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଲାଭ କରିବେ।

**ଧନୁ** ବୃହସ୍ପତି ପ୍ରଭାବରୁ ପ୍ରତ୍ୟେକ ପାରିବାରିକ କାର୍ଯ୍ୟ ଶୃଙ୍ଖଳିତ ରହିବ। କୌଣସି ଅଭାବ ନ ଥିଲେ ମଧ୍ୟ ଆଜି ବନ୍ଧୁଙ୍କ ସଦ୍‌ଭାବ କିମ୍ବା ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶୁଭଖବର ପାଇ ଉଲ୍ଲସିତ ହେବେ ଏବଂ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ଶୁକ୍ରଙ୍କ ସ୍ଥିତିଜନିତ ବ୍ୟବହାରରେ ବ୍ୟତିକ୍ରମ ସମ୍ପର୍କହାନି କରାଇପାରନ୍ତି।

**ମକର** କେନ୍ଦ୍ରସ୍ଥ ଶୁକ୍ର ପାରିବାରିକ ଓ କର୍ମକ୍ଷେତ୍ରକୁ ସରସ କରିବାରେ ସହାୟକ ହେବ। କର୍ମଭାବରୁ ଅଷ୍ଟମସ୍ଥ ଓ ରବି ସଙ୍ଗତ୍ୱ କାରଣରୁ କର୍ମହାନି ଓ ସମସ୍ୟା ବିଜଡ଼ିତ ରହିବେ। ଆଜିର ପ୍ରତ୍ୟୁଷ ଯାତ୍ରା ଆନନ୍ଦଦାୟକ ରହିବ ଓ ନୂତନ ମିତ୍ରତା ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ କୌଶଳପୂର୍ଣ୍ଣ କଥା କହି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିପାରିବେ।

**କୁମ୍ଭ** ରାହୁ ରାଶିରେ ଅବସ୍ଥାନ ପ୍ରତ୍ୟେକ କାମକୁ କୌଶଳରେ ସମ୍ପନ୍ନ କରିପାରିବେ। ଜମିଜମା, ନୂତନ ଗୃହ, କଚେରି ମାମଲା ପ୍ରଭୃତିରେ ଆଶାନୁରୂପ ସଫଳତା ପ୍ରଦାନ କରିବେ। ଦୂରଦୃଷ୍ଟି ଓ କୌଶଳପୂର୍ଣ୍ଣ କାର୍ଯ୍ୟଶୈଳୀ ହେତୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ।

**ମୀନ** ମୁଖଭାବରେ ଶୁକ୍ର ବ୍ୟବହାରରେ ବ୍ୟତିକ୍ରମଜନିତ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିବ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଆନୁଷ୍ଠାନିକ କାମରେ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇପାରନ୍ତି।

ଆଜି ଜୁନ୍ ୧୧ ତାରିଖ, ବୁଧବାର, ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ, ଅଣସର ଆରମ୍ଭ, ସନ୍ଥ କବୀର ଜୟନ୍ତୀ, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶ୍ରାଦ୍ଧ ଦିବସ। ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୪୯ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁ କାଳ।

# ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ବ୍ୟକ୍ତି ଗିରଫ


ଗିରଫ ପ୍ରକାଶ ସୋନି

ମାଲକାନଗିରି,୧୦।୬ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ସଦର ଥାନା ଅଞ୍ଚଳରେ ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ଜଣେ ବ୍ୟକ୍ତିଙ୍କୁ ଯବାନମାନେ ମଙ୍ଗଳବାର ଗିରଫ କରିଛନ୍ତି। ସେ ହେଲେ ପ୍ରକାଶ ସୋନି। ଗତ କିଛିଦିନ ଧରି ଛତିଶଗଡ଼ରେ ମାଓବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ତଲାସି ଅଭିଯାନ ଜାରି ରହିଥିବା ବେଳେ ପୋଲିସ ନାକାବନ୍ଦୀକରି ନାରାୟଣପୁର କୁତୁଲ ରାସ୍ତାରୁ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରି ପଚରାଉଚରା କରିଥିଲା। ସେ ତାଙ୍କ ନାମ ପ୍ରକାଶ ସୋନି ବୋଲି କହିବା ସହ ତାଙ୍କ ନିକଟରୁ ୩ ମିଟର କୋଡେକ୍ସ ତାର, ବିଦ୍ୟୁତ୍ ତାର, ସ୍କାନର (ୱାକିଟକି), ୨୦ ରାଉଣ୍ଡ ଗୁଳି, ୩ ଡିଟୋନେଟର ଜବତ କରାଯାଇଛି। ଏ ସାମଗ୍ରୀ ସେ ମାଓବାଦୀଙ୍କୁ ଯୋଗାଇବା ପାଇଁ ରଖିଥିବା ସ୍ୱୀକାର କରିବା ପରେ ତାଙ୍କ ନାମରେ ଏକ ମାମଲା ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଇଡ୍କଲ ୫୬୪.୫୪ କୋଟି ଟଙ୍କା କ୍ଷତି ସହିଥିଲା

## ଅପାରଗତାର ମୂଳ ପ୍ରସଙ୍ଗକୁ ଅଣଦେଖା: ସିଏଜି

ଯାଜପୁର,୧୦।୬(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶାର ଅର୍ଥନୈତିକ ବିକାଶ ପାଇଁ ଶିଳ୍ପ ଗ୍ରହଣୀୟ। ଏହି କ୍ଷେତ୍ରରେ ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ(ଇଡ୍କଲ)ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଇଡ୍କଲ କର୍ତ୍ତୃପକ୍ଷଙ୍କ ରଣନୀତିକ, କାର୍ଯ୍ୟକ୍ଷମତା ଏବଂ କାରବାରଗତ ଅଭାବ ଯୋଗୁ ଉଭୟ ଖଣି ଓ ଶିଳ୍ପ କ୍ଷତି ସହିଥିଲା। ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ(ସିଏଜି) ରିପୋର୍ଟ-୨୦୨୪ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଇଡ୍କଲ ୨୦୯.୨୨ କୋଟି ଟଙ୍କା ଆୟ କରିଥିବାବେଳେ ୭୭୩.୭୬ କୋଟି ଟଙ୍କା ବ୍ୟୟ ଅର୍ଥାତ ୫୬୪.୫୪ କୋଟି ଟଙ୍କା କ୍ଷତି ସହିଥିଲା। ଶେଷରେ ଉତ୍ପାଦନ ଶିଳ୍ପ ସହିତ କେବେ ଜଡିତ ନ ଥିବା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ସହିତ ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଗଲା। ଇଡ୍କଲର ଅପରାଗତାର ମୂଳ ପ୍ରସଙ୍ଗକୁ ସରକାର ଅଣଦେଖା କରିବାର ଏହା ଏକ ସୂଚକ ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି।

ସିଏଜି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏହା ମଧ୍ୟରେ ଦେଶର ୯୬% କ୍ରୋମାଇଟ, ୯୨% ନିକେଲ, ୫୧% ବକ୍ସାଇଟ, ୩୩% ଲୁହାପଥର, ୪୩% ମାଙ୍ଗାନିଜ ଏବଂ ୨୪% କୋଇଲା ରହିଛି। ଏହି ପ୍ରାକୃତିକ ସମ୍ପଦକୁ ଆଧାର କରି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନେକ ସୁଯୋଗ ରହିଛି। ଏହିକ୍ରମରେ ଇଡ୍କଲ ୧୩ଟି ସହାୟକ ସଂସ୍ଥା ଏବଂ ଗୋଟିଏ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିଥିଲା। ଏଥିରେ ଏବିଏସ୍ ସ୍କିନିଂ ଓଡ଼ିଶା ଲିମିଟେଡ୍, ଇଷ୍ଟକୋଷ୍ଟ ବ୍ରିୱରିଜ୍ ଓ ଡିଷ୍ଟିଲେରୀ ଲିମିଟେଡ୍, ପୂର୍ବତଟ ଲୁଣ ଏବଂ କେମିକାଲ୍ସ ଲିମିଟେଡ, ହୀରାକୁଦ ଇଣ୍ଡଷ୍ଟ୍ରିଆଲ ୱର୍କସ ଲିମିଟେଡ, ହୀରା ଷ୍ଟିଲ ଏବଂ ଆଲଏଜ ଲିମିଟେଡ୍, ଇଡ୍କଲ ସିମେଣ୍ଟ ଲିଃ, ଇଡ୍କଲ ଫେରୋକ୍ରୋମ ଏବଂ ଆଲଏଜ ଲିଃ, ଇଡ୍କଲ କଳିଙ୍ଗ ଆଇରନ ୱାର୍କସ୍ ଲିଃ, ଇଡ୍କଲ ପାଇପ୍ ଏବଂ ଇଞ୍ଜିନିୟରିଂ ୱାର୍କସ୍ ଲିଃ, ଇଡ୍କଲ ରୋଲିଂ ମିଲ୍ସ ଲିଃ, ଇଡ୍କଲ ସଫ୍ଟୱେର ଲିଃ, କୋଣାର୍କ ଝୋଟ ଲିଃ ଓ ଓରିକେମ ଲିଃ ଏବଂ ଏସ୍.ଏନ୍. ନିଗମ ଲିଃ ରହିଛି। ତେବେ ଶାହା କମିଶନଙ୍କ ରିପୋର୍ଟ ଅନୁସାରେ ବେଆଇନ ଖଣି ଖନନ ପାଇଁ ଇଡ୍କଲ ୨୦୧୭-୧୮ ବର୍ଷରେ ୧୧୧.୧୫ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲା। ଏହା ଯାଜପୁର ଜିଲା ସୁକିନ୍ଦା ତଳଙ୍ଗୀ କ୍ରୋମାଇଟ ଖଣିରେ ପରିବେଶ ମଞ୍ଜୁରୀ ବିନା ଖଣି ଖନନ ପାଇଁ ଓଡ଼ିଶା ସରକାରଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରମୁଖ କାରଣ ହୋଇଥିଲା। ଏହାବାଦ ହାଇ କାର୍ବନ ଫେରୋକ୍ରୋମ(ଏଚ୍‌ସିଏଫ୍‌ସି) ଏବଂ ଲୁହାପଥର ଆବଶ୍ୟକତାଠାରୁ ବହୁଗୁଣ କମ୍ ଦରରେ ବିକ୍ରି କରି ଇଡ୍କଲ କ୍ଷତି ସହିଥିଲା। ଲୁହାପଥର ମେଟ୍ରିକ ଟନ୍(ଏମ୍‌ଟି) ପ୍ରତି ୧୬୫୦ ଟଙ୍କାରୁ ୮,୫୦୫ ଟଙ୍କାକୁ ବୃଦ୍ଧି ହୋଇଥିଲା। କିନ୍ତୁ ଇଡ୍କଲ ଏହି ବର୍ଦ୍ଧିତ ଦରକୁ ଲାଗୁ ନ କରି ଏମ୍‌ଟି ପ୍ରତି ୫,୨୧୫ ଟଙ୍କାରେ ଖଣିରୁ ଲୁହାପଥର ଉଠାଇବାକୁ ଅନୁମତି ଦେଇଥିଲା। ଫଳରେ ଏମ୍‌ଟି ପ୍ରତି ୩,୨୯୦ ଟଙ୍କା କମ୍ ଆଦାୟ ହୋଇ ବିପୁଳ କୋଟି ଟଙ୍କା କ୍ଷତି ସହିଥିଲା। ଏହାବାଦ ଇଡ୍କଲ ୨୦୨୧ରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ୮ଟି ଇ-ନିଲାମ କରିଥିଲା। ଏଥିରେ ଶେଷ ବିଡ୍ ମୂଲ୍ୟ ବଦଳରେ ଶେଷ ନିଲାମ ମୂଲ୍ୟକୁ ବିଚାର କରି ଏମ୍‌ଟି ପ୍ରତି ୫,୭୦୦ରୁ ୧୧୦୦୦ ଟଙ୍କା ପର୍ଯ୍ୟନ୍ତ ଲୁହାପଥରର ସର୍ବନିମ୍ନ ମୂଲ୍ୟ ସ୍ଥିର କରାଯାଇଥିଲା। ଫଳରେ କମ୍ପାନୀ ୧୧.୪୬ କୋଟି ଟଙ୍କା କ୍ଷତି ସହିଥିଲା। ଇଡ୍କଲ ସର୍ବନିମ୍ନ ମୂଲ୍ୟ ସ୍ଥିର କରି ଏଚ୍‌ସିଏଫ୍‌ସି ବିକ୍ରୟ ପାଇଁ ୭ଟି ଇ-ନିଲାମ କରିଥିଲା। କିନ୍ତୁ ସର୍ବନିମ୍ନ ମୂଲ୍ୟ ସ୍ଥିର ନ କରିବାରୁ କମ୍ପାନୀ ୩.୦୮ କୋଟି ଟଙ୍କା କ୍ଷତିରେ ପଡ଼ିଥିଲା। ଏଭଳି ଭାବେ ସିଏଜି ରିପୋର୍ଟରେ ଅନେକ ଅନିୟମିତତା ଦର୍ଶାଯାଇଛି। ଏହିକ୍ରମରେ ଇଡ୍କଲ ଏହାର ବୃହତ ବକେୟା ଋଣ ପରିଶୋଧ କରିବାରେ ସକ୍ଷମ ହେଉ ନ ଥିବା ବିଷୟକୁ ବିଚାରକୁ ନେଇ ଇଡ୍କଲ ତଥା ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀଗୁଡ଼ିକୁ ଓଏମ୍‌ସିରେ ମିଶ୍ରଣ କରିବାକୁ ୨୦୨୩ ମାର୍ଚ୍ଚରେ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିଲେ। ଏବେ ଯାଜପୁର ରୋଡ୍ ସ୍ଥିତ ଫେରୋ ଆଲଏଜ ଲିଃ ଓଏମ୍‌ସି ଦ୍ୱାରା ପରିଚାଳିତ ହେଉଛି। ତେଣୁ ଇଡ୍କଲ ରାଜ୍ୟର ଆର୍ଥିକ ବିକାଶରେ ସେତେଟା ସହାୟକ ହୋଇ ପାରି ନ ଥିଲା। ଏହିକ୍ରମରେ ଇଡ୍କଲର ଭୂମିକା ଏବଂ କାର୍ଯ୍ୟଦକ୍ଷତା ଉପରେ ସରକାର ପୁନଃବ୍ୟାଖ୍ୟା କରିବାକୁ ସିଏଜି ପରାମର୍ଶ ଦେଇଛି।






# ଭୁବନେଶ୍ୱର ପରେ କଟକରେ ଚଢ଼ାଉ

- ବିପୁଳ ମାତ୍ରାରେ ଗର୍ଭପାତ କିଟ୍ ଠାବ କଲା ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଟିମ୍
- ପ୍ରେସ୍‌କ୍ରିପଶନ୍ ବିନା ଅନ୍‌ୱାଣ୍ଟେଡ୍ କିଟ୍ ବିକ୍ରି କରିବାକୁ ତାଗିଦ

କଟକ,୧୦।୬(ଶିଳ୍ପା ପ୍ରିୟଦର୍ଶିନୀ)



ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ କିମ୍ବା ପ୍ରତିଷେଧକ ବ୍ୟବହାର କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ତେଣୁ ବିନା ପ୍ରେସ୍‌କ୍ରିପଶନରେ ଔଷଧ ବିକ୍ରି କରିବା ବେଆଇନ। ହେଲେ ଅନେକ ଦୋକାନୀ ଏହାର ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ହେଉଛି। ବିଶେଷକରି ଔଷଧ ଦୋକାନଗୁଡ଼ିକରେ ଗ୍ରାହକଙ୍କୁ ବେଆଇନ ଭାବେ ଗର୍ଭପାତ ମେଡିସିନ (ଅନ୍‌ୱାଣ୍ଟେଡ୍ କିଟ୍) ବା ଏମ୍‌ଟିପି (ମେଡିକାଲ୍ ଟର୍ମିନେଶନ୍ ଅଫ୍ ପ୍ରେଗ୍‌ନେନ୍ସି) ବିକ୍ରି କରାଯାଉଥିବା ଜଣାପଡ଼ିବା ପରେ ସୋମବାର ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଅଞ୍ଚଳର ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଏହାର ପରଦିନ ମଙ୍ଗଳବାର କଟକରେ ମଧ୍ୟ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ବିଭାଗର ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଛି। ମଙ୍ଗଳାବାଗ ପୋଲିସ ଉପସ୍ଥିତିରେ ଟିମ୍ ବିଭିନ୍ନ ଦୋକାନଗୁଡ଼ିକରେ ଛାନ୍‌ଭିନ୍ କରିଛି। ରାଣୀହାଟ, ଏସ୍‌ସିବି ନିକଟସ୍ଥ ମେଡିକାଲ ରୋଡ୍ ଓ କଲେଜଛକ ଅଞ୍ଚଳର ବିଭିନ୍ନ ଦୋକାନରେ ଅନ୍‌ୱାଣ୍ଟେଡ୍ କିଟ୍ (ଗର୍ଭପାତ ବଟିକା), ମେଡିସିନ ଷ୍ଟୋରରେ ନିଶାଯୁକ୍ତ କଫ୍ ସିରପ୍ ଓ ମେଡିସିନ ମଧ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ପରେ ଟିମ୍ ଦୋକାନଗୁଡ଼ିକରେ ଯାଞ୍ଚ କରିଛି। ଯାଞ୍ଚ ସମୟରେ ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ଠାବ କରାଯାଇଛି। ଏହାସହ ଦୋକାନୀଙ୍କଠାରୁ ମେଡିସିନର କ୍ରୟ ବିକ୍ରୟ ଚିଠା ଯାଞ୍ଚ କରିବା ସହ ଡାକ୍ତରଙ୍କ ପ୍ରେସ୍‌କ୍ରିପଶନ ବିନା ଏହି ମେଡିସିନ ବିକ୍ରି ନ କରିବାକୁ ଟିମ୍ ତାଗିଦ୍ କରିଛି। ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ଧର୍ମଦେବ ପୁହାଣ କହିଛନ୍ତି, ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ବିକ୍ରି ହେଉଥିବା ଅଭିଯୋଗ ପରେ ଯାଞ୍ଚ କରାଯାଇଛି। ଦୋକାନୀମାନଙ୍କ ମେଡିସିନ କିଣାବିକାର ତଥ୍ୟ ଯାଞ୍ଚ କରାଯାଇଛି। ନିୟମ ଅନୁସାରେ ବିନା ଡାକ୍ତର ପରାମର୍ଶରେ ଅନ୍‌ୱାଣ୍ଟେଡ୍ କିଟ୍ କୌଣସି ଦୋକାନୀ ବିକ୍ରି କରିପାରିବେ ନାହିଁ। ମୁଖ୍ୟତଃ ଅବିବାହିତ ଯୁବତୀମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଏହାକୁ ବ୍ୟବହାର କରୁଥିବାବେଳେ ତାଙ୍କ ଜୀବନ ବିପଦକୁ ଠେଲି ଦେଉଥିବା ଘଟଣା ସାମ୍ନାକୁ ଆସିବାରୁ ଏଭଳି ଯାଞ୍ଚ କରାଯାଇଛି। ଏହାସହ ମେଡିସିନ ଦୋକାନୀମାନଙ୍କୁ ସଚେତନ କରାଯାଇଥିବା ସେ କହିଛନ୍ତି। କଟକ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ହରପ୍ରିୟା ମଲ୍ଲିକ କହିଛନ୍ତି, ଡାକ୍ତରଙ୍କ ବିନା ପରାମର୍ଶରେ ଏହି କିଟ୍ ବ୍ୟବହାର କରିବା କ୍ଷତିକାରକ। ଏପରି କି ଏହା ବିକ୍ରି କରିବା ମଧ୍ୟ ବେଆଇନ। ଅଭିଯୋଗ ପରେ ଦୋକାନୀଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିବା ସେ କହିଛନ୍ତି।

# ନିଲମ୍ବନ ହେଲେ ଧୀମାନ୍ ଚକ୍‌ମା

## ଜେଲରେ ରହିବା ପରେ ବିଗିଡ଼ିଲା ସ୍ୱାସ୍ଥ୍ୟାବସ୍ଥା


ଉପଜିଲାପାଳ ଧୀମାନ ଚକ୍‌ମା

ଭୁବନେଶ୍ୱର/ ଭବାନୀପାଟଣା,୧୦।୬ (ସୁନୀତ୍ ମିଶ୍ର/ ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଯୁବ ଆଇଏଏସ୍ ଅଫିସର ଧୀମାନ ଚକ୍‌ମାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଲମ୍ବନ କରିଛନ୍ତି। ଏହି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଧୀମାନ ସୋମବାର ଗିରଫ ହୋଇଥିଲେ। ସେ ଜାମିନ ପାଇଁ ଆବେଦନ କରିଥିବାବେଳେ ତାହା ନାମଞ୍ଜୁର ହେବାରୁ ତାଙ୍କୁ ଭବାନୀପାଟଣା ଜେଲକୁ ପଠାଇ ଦିଆଯାଇଛି। ମାରାଥନ ଜେରା ପରେ ଧୀମାନଙ୍କୁ ଗିରଫ କରାଯାଇଥିବା ନେଇ ଭିଜିଲାନ୍ସ ସେଲ୍ ଏସ୍‌ପି ସୂଚନା ଦେଇଥିଲେ। ଭିଜିଲାନ୍ସ ତାଙ୍କ ସରକାରୀ ବାସଭବନରେ ଛାନ୍‌ଭିନ୍ ବେଳେ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ତାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ଅଣାଯାଇ ଜେରା କରାଯାଇଥିଲା। ଏହି ସମୟରେ ସେ ଜବତ ଟଙ୍କାର ହିସାବ ଦେଇ ନ ପାରିବାରୁ ସୋମବାର ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ କାରାଗାରକୁ ପଠାଯାଇଥିଲା। ସେଠାରେ ରହିବା ପରେ ଡିପ୍ରେସନ (ମାନସିକ ଅବସାଦ) କାରଣରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଫଳରେ ତାଙ୍କୁ କାରାଗାର ପରିସରରେ ଥିବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତିରେ ଜେଲରେ ତାଙ୍କୁ ଚୁଡ଼ା ଓ ଗୁଡ଼ ଦିଆଯାଇଥିବାବେଳେ ମଙ୍ଗଳବାର ସକାଳେ ଚୁଡ଼ା, ସନ୍ତୁଳା, ଡାଲମା ଓ ଚା ଦିଆଯାଇଥିବା ସୂଚନା ମିଳିଛି।

# ଫୁସ୍‌ଫୁସ୍‌ରୁ ବାହାରିଲା ତୀର

## ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର

ବ୍ରହ୍ମପୁର,୧୦।୬(ସୁବାସ ଚନ୍ଦ୍ର ପାଢ଼ୀ)



ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ସୋମବାର ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଡାକ୍ତରୀ ଟିମ୍ ୩ ଘଣ୍ଟା ପରିଶ୍ରମ କରି ଜଣେ ବ୍ୟକ୍ତିଙ୍କ ଫୁସ୍‌ଫୁସ୍‌ରୁ ଧନୁତୀରକୁ ବାହାର କରିଛନ୍ତି। ହୃତ୍‌ପିଣ୍ଡରୁ ମାତ୍ର ୨ ସେ.ମି. ଦୂରରେ ତୀର ରହିଥିଲା। କିଛି ସମୟ ବିଳମ୍ବ ହୋଇଥିଲେ ପରିସ୍ଥିତି ଜଟିଳ ହୋଇଥାନ୍ତା ବୋଲି ଏମ୍‌କେସିଜି ସିଟିଭିଏସ୍ ବିଭାଗର ବିଭାଗୀୟ ମୁଖ୍ୟ ଡା. ସାରଦା ପ୍ରସନ୍ନ ସାହୁ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲା ଖଇରିପୁଟ ବ୍ଲକ ଫାଲ୍‌କାଗୁଡ଼ା ଗ୍ରାମର ତ୍ରିପତି ମୁଦୁଲିଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ହାଡ଼ି ମୁଦୁଲି ଜମିଜମା ବିବାଦକୁ ନେଇ ଗତ ୮ ତାରିଖରେ ତୀର ମାରିଥିଲେ। ତୀରଟି ତ୍ରିପତିଙ୍କ ଛାତିରେ ପଶିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଖଇରିପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ରେଫର୍ କରାଯାଇଥିଲା। ସେଠାରେ ତ୍ରିପତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସୋମବାର ସେ ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତରଙ୍କ ଏକ ଟିମ୍ ସମସ୍ତ ପରୀକ୍ଷାନିରୀକ୍ଷା କରି ତୁରନ୍ତ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ପରେ ସିଟିଭିଏସ୍ ବିଭାଗ ମୁଖ୍ୟ ଡା. ସାହୁଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର ଆରମ୍ଭ କରାଯାଇଥିଲା। ଏମ୍‌କେସିଜିର ଟ୍ରାନ୍‌ସଫ୍ୟୁଜନ, ରଞ୍ଜନ ରଶ୍ମି ବିଭାଗ, ନିଶ୍ଚେତକ ବିଭାଗର ବରିଷ୍ଠ ଡାକ୍ତରଙ୍କ ଉପସ୍ଥିତିରେ ସୋମବାର ସନ୍ଧ୍ୟାରେ ୩ ଘଣ୍ଟା ଧରି ଅସ୍ତ୍ରୋପଚାର ହୋଇଥିଲା, ଯାହାକି ସଫଳ ହୋଇଛି। ତୀରଟି ଫୁସଫୁସ୍‌ରେ ୧୫ ସେ.ମି. ପର୍ଯ୍ୟନ୍ତ ପଶି ରହିଥିଲା ବୋଲି ସୂଚନା ମିଳିଛି। ଡା. ଶିବ ପ୍ରସାଦ ଦାସ, ଡା. ଜଗଦୀପ ନାୟକ ଓ ଅନ୍ୟାନ୍ୟ ଡାକ୍ତର ଓ ନର୍ସିଂ ଅଫିସର ଅସ୍ତ୍ରୋପଚାରରେ ସହାୟତା କରିଥିଲେ। ତ୍ରିପତିଙ୍କୁ ଆଇସିୟୁରୁ ୱାର୍ଡକୁ ଅଣାଯାଇଛି। ସେ ବିପଦମୁକ୍ତ ଥିବା ଜଣାପଡ଼ିଛି।


Government of India


ମାଇଲଗୁଡ଼ିକ ମାଇଲଖୁଣ୍ଟରେ ହେଉଛି ପରିଣତ



ବିମାନବନ୍ଦରଗୁଡ଼ିକ ଦ୍ୱିଗୁଣିତ ହୋଇଛି – ୭୪ରୁ ୧୬୨।

ଉଡ଼ାନ୍ ଅଧୀନରେ **୧.୫୦ କୋଟିରୁ** ଅଧିକ ଲୋକ ସୁଲଭ ବିମାନ ଯାତ୍ରାର ସୁବିଧା ପାଇଛନ୍ତି।


୨୦୧୪ରେ **ମେଟ୍ରୋ ନେଟ୍‌ୱାର୍କ** ୨୪୮ କିଲୋମିଟରରୁ **୧୦୦୦+ କିଲୋମିଟରକୁ** ବିସ୍ତାରିତ ହୋଇଛି, ୨୦୧୪ରେ କେବଳ ୫ଟି ସହର ତୁଳନାରେ ଏବେ ୨୩ଟି ସହରରେ ମେଟ୍ରୋ ସୁବିଧା।



**ଜାତୀୟ ଜଳପଥ** ୫ରୁ **୧୧୧କୁ** ବୃଦ୍ଧି ପାଇଛି ; ୨୦୨୪ରେ ରେକର୍ଡ **୧୪୫+ ଏମ୍‌ଏମ୍‌ଟି ମାଲ ପରିବହନ**, ୨୦୧୪ ତୁଳନାରେ ୮ଗୁଣ।

**ସାଗରମାଳା** ଅଧୀନରେ **୧.୪୧+ ଲକ୍ଷ କୋଟି** ଟଙ୍କାର **୨୭୨ଟି** ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଉପକୂଳ ନେଟ୍‌ୱାର୍କର ବିସ୍ତାର ଏବଂ **ବନ୍ଦର-କେନ୍ଦ୍ରିତ ବିକାଶକୁ** ପ୍ରୋତ୍ସାହିତ କରାଯାଇଛି।

ଭାରତରେ **ଅଟଳ ସୁଡ଼ଙ୍ଗ** ଅଛି – ୧୦,୦୦୦ ଫୁଟ ଉଚ୍ଚତାରେ ବିଶ୍ୱର ସବୁଠୁ ଲମ୍ବା ରାଜପଥ ସୁଡ଼ଙ୍ଗ ଏବଂ **ଚେନାବ୍ ସେତୁ** – ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ବ୍ରିଜ୍।




ଭାରତରେ **୬୬ଲକ୍ଷ କିଲୋମିଟରରୁ** ଅଧିକ ସଡ଼କ ରହିଛି – **ବିଶ୍ୱରେ ଦ୍ୱିତୀୟ ସର୍ବବୃହତ୍**।

**ଜାତୀୟ ରାଜପଥ** ୯୧,୦୦୦ କିଲୋମିଟରରୁ ୬୦%ରୁ ଅଧିକ ବୃଦ୍ଧି ପାଇ **୧.୪୬ଲକ୍ଷ କିଲୋମିଟର** ହୋଇଛି।

**ଗ୍ରାମୀଣ ସଡ଼କ ଯୋଗାଯୋଗର** କଭରେଜ୍ ୯୯%ରେ ପହଞ୍ଚିଛି।

CBC 37101/13/0008/2526



**୧୪୨ଟି ବିଶ୍ୱସ୍ତରୀୟ ବନ୍ଦେ ଭାରତ** ଟ୍ରେନ୍ ସେବା ଆଧୁନିକ ରେଳପଥର ପରିଚୟ ପାଲଟିଛି, ଯାହା ଏକ ଦ୍ରୁତ ଏବଂ ଆରାମଦାୟକ ଯାତ୍ରା ଅନୁଭୂତି ସୁନିଶ୍ଚିତ କରୁଛି।

**ଉଧମପୁର-ବାରାମୁଲ୍ଲା-ଶ୍ରୀନଗର ରେଳ ଲିଙ୍କ୍** ସହିତ, କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରେଳ ସଂଯୋଗ ପରିବାର ସ୍ୱପ୍ନ ଏବେ ସାକାର ହୋଇଛି।

**ଅମୃତ ଭାରତ ଷ୍ଟେସନ ଯୋଜନା** ଅଧୀନରେ **୧୩୦୦ରୁ ଅଧିକ ରେଳ ଷ୍ଟେସନର ପୁନଃ ବିକାଶ** କରାଯାଉଛି।

Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ

-ଦେବସ୍ନାନ ପୂର୍ଣ୍ଣିମା, ଅନବସର ଆରମ୍ଭ



# ମଣିଷତ୍ୱ ହ୍ରାସ ପାଉଛି

ଭାରତ ଉପରେ ଯେତେବେଳେ ଇଂରେଜ ଶାସନ କରୁଥିଲେ, ସେତେବେଳେ ତାଙ୍କ ନିଜ ସୁବିଧା ଓ ଯାତାୟାତ ପାଇଁ ବମ୍ବେରୁ ଠାଣେ ପର୍ଯ୍ୟନ୍ତ ରେଳ ଲାଇନ୍ ପକାଇ ୧୬ ଏପ୍ରିଲ ୧୮୫୩ରେ ପ୍ରଥମେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲେ। ଏବେ 'ଇଣ୍ଡିଆନ୍ ରେଲ୍‌ୱେଜ'କୁ ଭାରତୀୟ ରେଲ୍‌ୱେ ଭାବେ ନାମ ପରିବର୍ତ୍ତନ କରାଯାଇଥିବା ସତ୍ତ୍ୱେ ରେଲ୍‌ୱେର ହିନ୍ଦୁସ୍ଥାନୀ ଶବ୍ଦ ଖୋଜି ବାହାର କରିପାରୁନାହାନ୍ତି ସମ୍ପୃକ୍ତ କର୍ତ୍ତୃପକ୍ଷ। ଭାରତୀୟ ରେଲ୍‌ୱେର ପୁରୁଣା ସ୍ମୃତି ବହନ କରୁଥିବା ଠାଣେ ନିକଟସ୍ଥ ଡିବା ଷ୍ଟେସନରେ ୯ ଜୁନରେ ପ୍ରବଳ ଭିଡ଼ ଥିବା ଏକ ଲୋକାଲ ଟ୍ରେନ୍‌ରୁ ଖସିପଡ଼ି ୪ ଜଣଙ୍କ ମୃତ୍ୟୁ ହେବା ସହ ୯ ଆହତ ହୋଇଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟିବା ଦେଖାଯାଏ। ଉଭୟ ୱେଷ୍ଟର୍ନ ଓ ସେଣ୍ଟ୍ରାଲ ରେଲ୍‌ୱେର ମୁମ୍ବାଇ ସବ୍‌ଅର୍ବାନ ବା ସହରୀତଳ ଅଞ୍ଚଳରେ ଚଳାଚଳ କରୁଥିବା ଲୋକାଲ ଟ୍ରେନ୍‌ଗୁଡ଼ିକରେ ପ୍ରତିଦିନ ପାଖାପାଖି ୭୦ ଲକ୍ଷ ଲୋକ ଯାତ୍ରା କରିଥା'ନ୍ତି। ଟ୍ରେନ୍‌ଗୁଡ଼ିକରେ ପ୍ରବଳ ଭିଡ଼ ହୋଇଥାଏ। ଏମିତିକି ଲୋକେ ଫୁଟ୍‌ବୋର୍ଡ କିମ୍ବା ଝରକା ରେଲିଂରେ ଝୁଲି ଯିବାଆସିବା କରିବାର ନିତିଦିନ ଦୃଶ୍ୟ ଦେଖିବାକୁ ମିଳେ।

ବମ୍ବେ ସହରର ପରିସ୍ଥିତି ଭାରତୀୟମାନଙ୍କର ମସ୍ତିଷ୍କ ବାଚାଳାମିର ଏକ ବିଶେଷ ଦୃଷ୍ଟାନ୍ତ। ପୃଥିବୀର ସବୁ ଦେଶରେ ଅର୍ଥନୈତିକ ଗୁରୁତ୍ୱ ରହିଥିବା ସହରଗୁଡ଼ିକରେ ପ୍ରଥମେ ଉନ୍ନତିର ଛବି ଦେଖିବାକୁ ମିଳିଥାଏ। ପୂର୍ବରୁ ଲଣ୍ଡନ, ନ୍ୟୁୟର୍କ, ଲସ୍ ଆଞ୍ଜେଲ୍ସ, ଟୋକିଓ ଭଳି ସହର ଯେଉଁ ଅର୍ଥନୈତିକ ଉନ୍ନତିର ପ୍ରତୀକ ଭାବରେ ଗଢ଼ି ଉଠିଥିଲେ, ତାହାର ଅବିକଳ ନକଲ ଏକବିଂଶ ଶତାବ୍ଦୀରେ ଚାଇନାର ଶାଙ୍ଘାଇ ଭଳି ସହରରେ ଦେଖିବାକୁ ମିଳୁଛି। ଅନେକ ଦଶନ୍ଧି ଧରି ଭାରତର ଅର୍ଥନୈତିକ କେନ୍ଦ୍ରବିନ୍ଦୁ ଭାବେ ମୁମ୍ବାଇ ବା ବମ୍ବେ ପରିଚିତ ହୋଇ ଆସୁଥିଲେ ମଧ୍ୟ ତାହାର ସ୍ଥିତି କ୍ରମଶଃ ଧ୍ୱଂସାଭିମୁଖୀ ହେଉଥିବାର ସମସ୍ତେ ଲକ୍ଷ୍ୟ କରୁଥିବେ। ଏହା ସତ୍ୟ ଯେ, ସମୁଦ୍ର ତଟବର୍ତ୍ତୀ ଦୁଇଟି ପୋଲ ଉପରେ ରାସ୍ତା ନିକଟ ଅତୀତରେ ନିର୍ମାଣ କରାଯାଇଛି। ସେହି କାର୍ଯ୍ୟ ପାଇଁ ସବୁ ରାଜନୈତିକ ଦଳ ଏବଂ ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ନାମ ନେବା ପାଇଁ ତତ୍ପରତା ଦେଖାଇ ଆସୁଛନ୍ତି। କିନ୍ତୁ ବର୍ଷାଋତୁ ଆରମ୍ଭ ହେବା ମାତ୍ରକେ ବମ୍ବେ ସହର ପ୍ରାୟତଃ ବୁଡ଼ିଯାଏ। ସେଠାରେ ଭୂତଳ ମେଟ୍ରୋ ରେଲ୍ ଆଜି ମଧ୍ୟ ପ୍ରାରମ୍ଭିକ ସ୍ତରରେ ଅଟକି ରହିଛି। ସବୁବେଳେ ରାସ୍ତାଘାଟ ଖୋଳାହୋଇ ପଡ଼ିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ଏପରିକି ପାଦରେ ଚାଲିଯିବା ମଧ୍ୟ ଅନେକ ସ୍ଥାନରେ ଅସମ୍ଭବ ହୋଇପଡୁଛି।

> ଅନେକ ଦଶନ୍ଧି ଧରି ଭାରତର ଅର୍ଥନୈତିକ କେନ୍ଦ୍ରବିନ୍ଦୁ ଭାବେ ମୁମ୍ବାଇ ବା ବମ୍ବେ ପରିଚିତ ହୋଇ ଆସୁଥିଲେ ମଧ୍ୟ ତାହାର ସ୍ଥିତି କ୍ରମଶଃ ଧ୍ୱଂସାଭିମୁଖୀ ହେଉଥିବାର ସମସ୍ତେ ଲକ୍ଷ୍ୟ କରୁଥିବେ। ଏହା ସତ୍ୟ ଯେ, ସମୁଦ୍ର ତଟବର୍ତ୍ତୀ ଦୁଇଟି ପୋଲ ଉପରେ ରାସ୍ତା ନିକଟ ଅତୀତରେ ନିର୍ମାଣ କରାଯାଇଛି। ସେହି କାର୍ଯ୍ୟ ପାଇଁ ସବୁ ରାଜନୈତିକ ଦଳ ଏବଂ ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ନାମ ନେବା ପାଇଁ ତତ୍ପରତା ଦେଖାଇ ଆସୁଛନ୍ତି। କିନ୍ତୁ ବର୍ଷାଋତୁ ଆରମ୍ଭ ହେବା ମାତ୍ରକେ ବମ୍ବେ ସହର ପ୍ରାୟତଃ ବୁଡ଼ିଯାଏ।

ଅନ୍ୟପଟେ ବମ୍ବେର ରିୟଲ ଇଷ୍ଟେଟ୍ ବା ଜମି ଓ ଆପାର୍ଟମେଣ୍ଟ ଦର ପୃଥିବୀର ସର୍ବୋଚ୍ଚ ସ୍ତରରେ ପହଞ୍ଚିଲାଣି। ସବୁ ବର୍ଷ ପୁରୁଣା କୋଠା ଧସି ସାଧାରଣ ଲୋକଙ୍କ ମୃତ୍ୟୁଖବର ପଢ଼ିବାକୁ ମିଳିଥାଏ। ଏପରିକି ବିଜ୍ଞାପନ ଉଦ୍ଦେଶ୍ୟରେ ନିର୍ମିତ ହୋର୍ଡିଂ ପଡ଼ିଯିବା ଫଳରେ ରାସ୍ତାକଡ଼ରେ ଚାଲୁଥିବା ଲୋକଙ୍କର ମୃତ୍ୟୁ ଘଟୁଛି। ମୋଟାମୋଟି କହିବାକୁ ଗଲେ, ବମ୍ବେ ସହରର ପରିସ୍ଥିତି ଭାରତୀୟ ମାନସିକତାର ଏବଂ ତାହାଠାରୁ ବେଶି ଏହି ଦେଶର ଏବଂ ମହାରାଷ୍ଟ୍ର ରାଜ୍ୟର ଶାସକମାନଙ୍କ ଆଭିମୁଖ୍ୟ ସମ୍ପର୍କରେ ଅନେକ କଥା କହୁଛି। ଭାରତୀୟମାନେ ଗୋଟିଏ ସବୁବେଳେ ଦ୍ୱନ୍ଦ୍ୱରେ ବୁଡ଼ି ରହିଥିବା ଜାତି ବୋଲି ବମ୍ବେ ସହର ପ୍ରମାଣ ଦେବାରେ ଯଥେଷ୍ଟ। ଏହି ଦେଶରେ ଗୋଟିଏ ପରେ ଗୋଟିଏ ପ୍ରଧାନମନ୍ତ୍ରୀ ଡାକରା ଦେଇ ଆସୁଛନ୍ତି ଯେ, ଗ୍ରାମାଞ୍ଚଳ ଛାଡ଼ି ସହରାଭିମୁଖୀ ହୁଅନ୍ତୁ ଭାରତର ନାଗରିକ। କିନ୍ତୁ ସବୁ ଛୋଟବଡ଼ ସହର ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯେଉଁଗୁଡ଼ିକ ସମାଧାନ କରିବା ପାଇଁ ସରକାରଙ୍କ ପାଖରେ ସମୟ କିମ୍ବା ଇଚ୍ଛାଶକ୍ତି ଥିବା ଭଳି ମନେହେଉନାହିଁ। ଅଧିକାଂଶ ସହରରେ ପ୍ରତ୍ୟେକ ବର୍ଷ ଘର ଟିକସ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଏ। ବମ୍ବେ ସହରୀତଳ ଅଞ୍ଚଳକୁ ସେବା ଯୋଗାଇ ଦେଉଥିବା ପଶ୍ଚିମ ଓ କେନ୍ଦ୍ର ରେଳବାଇକୁ ଦୋଷ ଦେବା ସହଜ। ଅନ୍ୟପଟେ ଜନସଂଖ୍ୟା ବୃଦ୍ଧି ଏବଂ ଆଧୁନିକୀକରଣର ଅଭାବ ସେହି ସେବାକୁ ଅନେକ ବର୍ଷ ଧରି ପଙ୍ଗୁ କରିଆସୁଛି। ଏହା ନିଶ୍ଚୟ ଦୁଃଖଦାୟକ ଯେ, ଜିଆର୍‌ପି ତଥ୍ୟ ଅନୁଯାୟୀ, ମୁମ୍ବାଇ ଲୋକାଲ ଟ୍ରେନ୍‌ରେ ଯାତ୍ରା କରିବା ବେଳେ ଦୈନିକ ୭ ଜଣଙ୍କର ମୃତ୍ୟୁ ହେଉଛି। ୨୦୦୫ରୁ ୨୦୨୪ ପର୍ଯ୍ୟନ୍ତ ୨୦ ବର୍ଷ ମଧ୍ୟରେ ଦୁର୍ଘଟଣାରେ ୫୧,୮୦୨ ଜଣଙ୍କର ମୃତ୍ୟୁ ହେଲାଣି। ଏହି ତଥ୍ୟ ନିଶ୍ଚିତ ଭାବେ ଉଦ୍‌ବେଗଜନକ। କିନ୍ତୁ ଏହିସବୁ ମୃତ୍ୟୁ ପାଇଁ କିଏ ଦାୟୀ, ତାହା ଭାରତବର୍ଷରେ ପଚାରିବାକୁ ଲୋକ ନାହାନ୍ତି। ଜନସଂଖ୍ୟା ଯେତେ ବୃଦ୍ଧି ପାଉଛି ଭାରତରେ ସେତିକି ମଣିଷତ୍ୱ ହ୍ରାସ ପାଉଛି।

# ଶିକ୍ଷାରେ ସମତୁଲତା



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ନୂଆ ଶିକ୍ଷା ବର୍ଷରେ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲାଗୁଡିକରେ ନାମଲେଖା ଋତୁରେ ବିଦ୍ୟାଳୟରେ ଟିକେ ଭିଡ଼ ହୁଏ । ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ଲାଗି ଅଧିକାଂଶ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଅଭିଭାବକଙ୍କ ଆଗ୍ରହ ଅଧିକ। ଆବାସିକ ବିଦ୍ୟାଳୟରେ ନାମଲେଖା ହୋଇଗଲେ ପିଲାଙ୍କ ପଢିବାର ଚିନ୍ତା ନାହିଁ। ବର୍ଷ ବର୍ଷ ଧରି ରହି ସୁବିଧାରେ ପଢିପାରିବେ। ହାଇସ୍କୁଲଗୁଡିକରେ ହଷ୍ଟେଲରେ ରହି ପଢିବାର ଆସନ ଖଣ୍ଡେ ମିଳିଗଲେ ଅଭିଭାବକଙ୍କ ଖୁସି କାହିଁରେ କ'ଣ ? ଦୀର୍ଘ ଦଶ ବର୍ଷ ଧରି ପିଲାଙ୍କ ପାଠପଢା ଧନ୍ଦାରୁ ଅଭିଭାବକ ବୋଝ ମୁକ୍ତ ହୋଇଗଲା ପରି ଅନୁଭବ କରନ୍ତି । ସେଥିପାଇଁ ପିଲାଙ୍କୁ ଭର୍ତ୍ତି କରିବା ଲାଗି ଏ ସ୍କୁଲରୁ ସେ ସ୍କୁଲକୁ ବୁଲି ବୁଲି ଅନେକ ଅଭିଭାବକ ପିଲାଙ୍କ ଲାଗି ଖଣ୍ଡେ ସିଟ୍ ମଧ୍ୟ ଯୋଗାଡ଼ କରିପାରନ୍ତିନି। ନିରାଶ ମନରେ ବିଦ୍ୟାଳୟରୁ ଅନେକ ଅଭିଭାବକ ଫେରିବା ଦେଖିବାକୁ ମିଳେ। ସମସ୍ତ ପ୍ରକାର ଉଦ୍ୟମ ପରେ ବି ବହୁ ପିଲାଙ୍କ ଭାଗ୍ୟରେ ଆବାସିକ ବିଦ୍ୟାଳୟରେ ପଢିବାର ସୁଯୋଗ ଜୁଟିପାରେନା। ବିଶେଷକରି ଅନୁସୂଚିତ ଜାତି ବର୍ଗର ପିଲାମାନେ କଡ଼ା ଆହ୍ୱାନର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ। ସେହିପରି ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ପିଲାମାନଙ୍କୁ ନବମରେ ଆବାସିକ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇବାକୁ ସଂଘର୍ଷ କରିବାକୁ ପଡ଼େ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସଂଖ୍ୟାଧିକ ପିଲା ଅଷ୍ଟମରେ ଉତ୍ତୀର୍ଣ୍ଣ ହୁଅନ୍ତି। ସେହି ସଂଖ୍ୟକ ପିଲାଙ୍କ ପାଇଁ ନବମ ଶ୍ରେଣୀରେ ଆବାସିକ ବିଦ୍ୟାଳୟରେ ହଷ୍ଟେଲରେ ନାମ ଲେଖାଇବା ଲାଗି ସେତିକି ସୁଯୋଗ ନ ଥାଏ। ଅଧିକାଂଶ କ୍ଷେତ୍ରରେ ପିଲାମାନେ ନିଜ ଗାଁ ପାଖ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟରେ ନାମ ଲେଖାଇବାକୁ ବାଧ୍ୟ ହୁଅନ୍ତି। ଆଉ କିଛି ପାଠ ପଢ଼ାରେ ଡୋରି ବାନ୍ଧି ଦାଦନ ଖଟିବାକୁ ଚାଲି ଯାଆନ୍ତି।

ଏହିକ୍ରମରେ ନାମଲେଖା ଋତୁରେ ଜଣେ ଅଭିଭାବକ ସିନ୍ଧୁ ତାଙ୍କ ପୁଅକୁ ନେଇ ବିଦ୍ୟାଳୟକୁ ଆସିଥାନ୍ତି। ଆବାସିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ତାଙ୍କ ଉଦ୍ଦେଶ୍ୟ। ନାମଲେଖା ଦାୟିତ୍ୱାଧୀନ ଶିକ୍ଷକ ସମସ୍ତ କାଗଜପତ୍ର ଯାଞ୍ଚ କଲା ପରେ ପଚାରିଲେ -'ଦିବ୍ୟାଧ୍ୟାୟୀ ଭାବେ ନାମ ଲେଖାଇବାକୁ ଇଚ୍ଛୁକ ଯଦି ନାମ ଲେଖାଇଦେବି ! ଅଭିଭାବକ କହିଲେ -''ଆଜ୍ଞା ! ହାତ ଯୋଡୁଛି, ମୋର ପୁଅକୁ ହଷ୍ଟେଲରେ ଖଣ୍ଡେ ସିଟ୍ କରିଦେ। ଇଠି ରହିକି ପଢ଼ିବ। ତୋର ଧର୍ମ ହେବ।'' ଶିକ୍ଷକ କହିଲେ - ''ତୁମେ ଅନୁସୂଚିତ ଜନଜାତି କିମ୍ବା ଅନୁସୂଚିତ ଜାତି ବର୍ଗର ହୋଇଥିଲେ ହଷ୍ଟେଲରେ ସିଟ୍ ହୋଇଯାଆନ୍ତା। ତୁମେ ଅନ୍ୟ ଜାତିର। ହଷ୍ଟେଲରେ ସିଟ୍ ହୋଇ ପାରିବନି।'' ତା'ପରେ ଅଭିଭାବକ ଜଣକ ଯାହା ସବୁ କହିଲେ ହୃଦୟ ମଛି ହୋଇଗଲା। ଅଭାବୀ ପରିବାର। ଖାଇବାକୁ ନିତିଦିନ ସଂଘର୍ଷ କରୁଛନ୍ତି ସେ। ବିଦ୍ୟାଳୟରେ ବହି ପୋଷାକ ସବୁ ଦେଉଛନ୍ତି ସତ। କିନ୍ତୁ ପେଟକୁ ମୁଠେ ଦାନା ଶାନ୍ତିରେ ନେଇ ପଢ଼ିବାକୁ ଘରେ ପରିବେଶ ନାହିଁ। ବହୁ କୁଟୁମ୍ବୀ ପରିବାରକୁ ବଞ୍ଚେଇବା ମା'ବାପାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ। ପିଲା ପାଇଁ ଖାତା କଲମ ଆଦି କିଣି ଯୋଗାଇବା ବି ସକ୍ଷମ ନୁହେଁ ସେ ଯେମିତି। ବିଦ୍ୟାଳୟର ଶିକ୍ଷକମାନେ ପରାମର୍ଶ ଦେଲେ ପିଲାର ଯାବତୀୟ ପଢାପଢି ବାବଦକୁ ସମସ୍ତ ଖର୍ଚ୍ଚ ବ୍ୟବସ୍ଥା କରିବୁ ପଛେ ପିଲାକୁ ପଢାଅ। କିନ୍ତୁ ହଷ୍ଟେଲରେ ଆବାସିକ ଛାତ୍ର ଭାବେ ନାମ ଲେଖାଇବା ସମ୍ଭବ ନୁହେଁ। ବାପା ଓ ପୁଅ ଦୁହେଁ ଦୁଃଖରେ ଫେରିଗଲେ। ସେ ଅବଶ୍ୟ ଗାଁ ପାଖ ବିଦ୍ୟାଳୟରେ ନାମ ଲେଖେଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଭୋକିଲା ପିଲାଟିର ଶିକ୍ଷା ପ୍ରତି ଆନ୍ତରିକତା କେତେ ରହିବ ସେଥିନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।



ଆଦିବାସୀ ଅଧ୍ୟୁଷିତ ଜିଲାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ପିଲାଙ୍କ ରହିବା ଖାଇବା ବ୍ୟବସ୍ଥା ସରକାର କରୁଥିବାରୁ ବହୁ ପିଲା ବିନା ଚିନ୍ତା ଓ ବିନା ଦ୍ୱନ୍ଦ୍ୱରେ ପାଠ ପଢୁଛନ୍ତି। ପ୍ରଚଳିତ ନିୟମ ଅନୁସାରେ ଗୋଟିଏ ଅନୁଷ୍ଠାନର ସମୁଦାୟ ଆସନ ମଧ୍ୟରୁ ଅନୁସୂଚିତ ଜନାଜାତିଙ୍କ ପାଇଁ ୯୦ ପ୍ରତିଶତ ଏବଂ ଅନୁସୂଚିତ ଜାତି ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ସେହି ଅନୁପାତରେ କେବଳ ଏହି ଦୁଇ ବର୍ଗର ଶିକ୍ଷାର୍ଥୀମାନେ ଓଡ଼ିଶାର ବିଭିନ୍ନ ଆବାସିକ ବିଦ୍ୟାଳୟରେ ରହି ପଢି ପାରିବେ। ଅନ୍ୟ ବର୍ଗର ପିଲାଙ୍କ ପାଇଁ ଆବାସିକ ବିଦ୍ୟାଳୟରେ ହଷ୍ଟେଲରେ ରହି ପଢିବାର ସୁଯୋଗ ନାହିଁ। ଅବଶ୍ୟ କିଛି ବର୍ଷ ହେଲା କେତେକ ସ୍ଥାନରେ ପଛୁଆ ବର୍ଗ ପାଇଁ ସ୍ୱତନ୍ତ୍ର ହଷ୍ଟେଲ ସ୍ଥାପନ କରାଯାଇଛି। ତେବେ ଓଡ଼ିଶାରେ ଉଚ୍ଚ ଶିକ୍ଷା ପାଇଁ ଅନୁସୂଚିତ ଜନଜାତି ବର୍ଗ ପାଇଁ ୨୨.୫ ପ୍ରତିଶତ, ଅନୁସୂଚିତଜାତି ବର୍ଗ ପାଇଁ ୧୬.୨୫ ପ୍ରତିଶତ, ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ୫ ପ୍ରତିଶତ ଏବଂ ପୂର୍ବତନ ସେନା ପରିବାର ପାଇଁ ୧ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ନିକଟରେ ଓଡ଼ିଶା ସରକାର ଆଉ ଦୁଇ ପାଦ ଆଗେଇ ଯାଇ ସାମାଜିକ ଓ ଆର୍ଥିକ ଶ୍ରେଣୀର ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁକରି ନୂଆ ଫର୍ଦ୍ଦ ଯୋଡିଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପାଇଁ ସଂରକ୍ଷଣ କାହିଁକି ନୁହେଁ ? ଏହାର ନିର୍ଭୁଲ ଉତ୍ତର ଏହା ହୋଇପାରେ ଯେ ସାର୍ବଜନୀନ ଶିକ୍ଷା ପ୍ରଦାନ ପାଇଁ ଉଭୟ କେନ୍ଦ୍ର ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାରୁ ସେଠାରେ ସଂରକ୍ଷଣ ପ୍ରସଙ୍ଗ ଅନାବଶ୍ୟକ। କିନ୍ତୁ ଏ କ୍ଷେତ୍ରରେ ଶିକ୍ଷାର ପରିଭାଷା କ'ଣ ହୋଇପାରେ।

ଅନେକ ପିଲା ଦାରିଦ୍ର୍ୟ ଯୋଗୁ ପାଠ ପଢୁ ନାହାନ୍ତି। ଅଧାରୁ ପାଠ ଛାଡିବା ପଛରେ ଏହା ବଡ଼ କାରଣ ବୋଲି ବିଭିନ୍ନ ସମୟରେ ହୋଇଥିବା ସର୍ଭେରୁ ସ୍ପଷ୍ଟ ହୋଇଛି। ଦାରିଦ୍ର୍ୟ ଗ୍ରାମାଞ୍ଚଳରେ ଶିକ୍ଷା ପାଇଁ ଅନ୍ୟତମ ପ୍ରତିବନ୍ଧକ ହୋଇ ରହିଆସିଛି। ଦାରିଦ୍ର୍ୟ ଜାତି ଦେଖେନି। ଜଗତୀକରଣ ପରେ ଅନେକ କୌଳିକ ବୃତ୍ତି ସଙ୍କଟରେ। ଅନେକ ପରିବାର ନିଜ ବୃତ୍ତି ଛାଡି ବଞ୍ଚିବା ଲାଗି ଅନ୍ୟ ବୃତ୍ତି ବାଛୁଛନ୍ତି। ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଏମିତି ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରୋଜଗାର ଆଉ ଏକ ସମସ୍ୟା। ମଜୁରି କରି ବଞ୍ଚୁଥିବା ଲୋକଟି ପାଇଁ ପରିବାରକୁ ବଞ୍ଚେଇବା ବଡ଼ ପ୍ରାଥମିକତା। ତାରି ଭିତରେ ନିଜ ପିଲାଙ୍କୁ ପାଠ ପଢ଼ାଇ ମଣିଷ କରିବା ଅପେକ୍ଷା ନିଜର ବୃତ୍ତି ଅଥବା ଅନ୍ୟ କୌଣସି କାମରେ ନିୟୋଜନ କରି ପାରିବାରିକ ରୋଜଗାର ବଢ଼ାଇବାକୁ ଅଧିକ ପସନ୍ଦ କରନ୍ତି। ହିସାବକିତାବ ଓ ପଢ଼ାଲେଖା ପାଇଁ ସମର୍ଥ ହୋଇଗଲେ ପାଠ ପଢାରୁ ନିବୃତ୍ତ ରଖି କୌଣସି କାମରେ ନିୟୋଜନ ପାଇଁ ବ୍ୟଗ୍ର ହୋଇପଡ଼ନ୍ତି ଅନେକ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର। ସେଭଳି କ୍ଷେତ୍ରରେ ପିଲାଟିର ଆଗ୍ରହ ଥିଲେ ବି ପରିସ୍ଥିତିବଶତଃ ଅଧାରୁ ପାଠ ଛାଡିବା ଥୟ। ଏଭଳି ପରିବାର ପାଇଁ ପ୍ରାଥମିକ ଶିକ୍ଷା ସରିଲେ ଢେର ହୋଇଗଲା ବୋଲି ଧରି ବସନ୍ତି।

ଏବେ ରାଜ୍ୟର ୧୭୩୧ଟି ଆବାସିକ ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ କିସମର ହଷ୍ଟେଲରେ ପ୍ରାୟ ୬ ଲକ୍ଷ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଖୁବ୍ କମ୍ ସଂଖ୍ୟକ ପଛୁଆ ବର୍ଗର ପିଲା ହଷ୍ଟେଲରେ ରହି ପଢୁଛନ୍ତି। ଏସବୁ ହଷ୍ଟେଲରେ ସାମାଜିକ ଓ ପଛୁଆ ବର୍ଗର ପିଲା ରହି ପଢିବାର ସୁଯୋଗ ଦେବାର ଆବଶ୍ୟକତା ରହିଛି। ଗରିବ ଶ୍ରେଣୀର ପିଲାମାନଙ୍କୁ ଆବାସିକ ହଷ୍ଟେଲରେ ରଖିବା ଦିଗରେ ପଦକ୍ଷେପ ନେବାର ସମୟ ଆସିଛି। ଏହା ସରକାରଙ୍କ ପାଇଁ ବଡ଼ ପଦକ୍ଷେପ ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ରେ ବିଭିନ୍ନ ବର୍ଗର ପିଲାଙ୍କ ସହ ଆର୍ଥିକ ଦିଗରେ ପଛୁଆ(ବିପିଏଲ୍) ବର୍ଗର ପିଲାରହି ପଢିବାର ସୁଯୋଗ ଦେଇଛନ୍ତି ସରକାର। ଏହାଦ୍ୱାରା ବହୁ ଗ୍ରାମୀଣ ଗରିବ ପରିବାରର ବାଳିକା ଉପକୃତ ହେଉଛନ୍ତି। ସେହିକ୍ରମରେ ଆବାସିକ ବିଦ୍ୟାଳୟ ହଷ୍ଟେଲରେ ଗରିବ ପିଲାଙ୍କ ପାଇଁ ବ୍ୟବସ୍ଥା କରାଗଲେ ବହୁଳ ଭାବରେ ଗ୍ରାମାଞ୍ଚଳର ଗରିବ ପରିବାର ଉପକୃତ ହେବେ। ଡ୍ରପ୍ ଆଉଟ୍ ସଂଖ୍ୟା ଆଶାତୀତ ଭାବେ କମିଯିବ। ଶିକ୍ଷାରେ ପ୍ରକୃତ ସମତୁଲତା ଆସିପାରିବ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ:୯୪୩୭୯୦୯୬୭୧**

# ବିଜ୍ଞାପନ ପ୍ରଚାରରେ ଗଛ ବଳିପଡ଼ୁଛି



ଅଜିତ କୁମାର ପ୍ରଧାନ

କୁହାଯାଏ ଗଛ ହିଁ ଜୀବନ । ପୃଥିବୀର ସମସ୍ତ ପ୍ରାଣୀ ଓ ପ୍ରକୃତି ମଧ୍ୟରେ ବୃକ୍ଷ ଏକ ଅମୂଲ୍ୟ ଉପାଦାନ। ବୃକ୍ଷ ବିନା ଜୀବନ କଳ୍ପନା କରିବା ଅସମ୍ଭବ। ବୃକ୍ଷ ରୋପଣ କର, ଜୀବନ ବଞ୍ଚାଅ। ଏହି ଗଛଗୁଡ଼ିକ ଦୈନିକ ଜୀବନର ଅଂଶ। ମାନବ ଜନ୍ମ ବେଳଠାରୁ ଏପର୍ଯ୍ୟନ୍ତ ବୃକ୍ଷମାନେ ମାନବତା ପାଇଁ ଅମୂଲ୍ୟ ସମ୍ପଦ ହୋଇ ଆସିଛନ୍ତି। ପରିବେଶକୁ ସୁରକ୍ଷା ଦେବାପାଇଁ ସ୍କୁଲ, କଲେଜ, ବନବିଭାଗ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ପ୍ରଚାର ଚାଲୁଛି, ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ କିଛି ସ୍ଥାନରେ ଫଳ ଶୂନ । ଆଜିର ବିକାଶ ଓ ବଜାର ବ୍ୟବସ୍ଥାରେ ବିଜ୍ଞାପନ ଏକ ଅବିଭାଜ୍ୟ ଅଂଶ ହୋଇଯାଇଛି। ନିଜ ପଦାର୍ଥ ବା ସେବା ବିକ୍ରି କରିବାକୁ ଲୋକେ ଅନେକ ଉପାୟ ଗ୍ରହଣ କରୁଛନ୍ତି, ତେଣୁ ସେମାନେ ଗଛଗୁଡ଼ିକୁ ବି ଛାଡୁନାହାନ୍ତି। ବାଲେଶ୍ୱର, କଟକ, ଭୁବନେଶ୍ୱର, ସମ୍ବଲପୁର ଭଳି ଅଞ୍ଚଳରେ ଗଛଗୁଡ଼ିକ ଯେମିତି ବ୍ୟାନର୍, ପୋଷ୍ଟର, ହୋର୍ଡିଂ ଲଗାଇବାର ଶିକାର ହେଉଛନ୍ତି, ତାହା ଦୁଃଖଦ ଓ ଚିନ୍ତାଜନକ ବିଷୟ। ରାସ୍ତାକଡ଼, ଆଞ୍ଚଳିକ ସୀମା, ବସଷ୍ଟାଣ୍ଡ, ବଜାର ଅଞ୍ଚଳଗୁଡ଼ିକରେ ଥିବା ଗଛରେ ପୋଷ୍ଟର, ବ୍ୟାନର୍, ହୋର୍ଡିଂ ଲଗାଯାଉଛି । ଏହି ପ୍ରକ୍ରିୟା ଦେଖିଲେ ମନେହୁଏ ଗଛ ବିଜ୍ଞାପନ ଦେବା ପାଇଁ ଅଛି। ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଗଛ ମଣିଷର କିଛି ଅପରାଧ କରିନାହିଁ, ତଥାପି ସେମାନେ ବଳି ପଡୁଛନ୍ତି ବ୍ୟବସାୟୀ ଲୋକଙ୍କ ଲାଭ ଲାଗି। ଏପରି କାମ କେବଳ ଗଛ ପାଇଁ ହାନିକାରକ ନୁହେଁ, ପରିବେଶ ପାଇଁ ମଧ୍ୟ ହାନିକାରକ। ତେଣୁ ଆମେ ସଚେତନ ହେବା ଆବଶ୍ୟକ। ବିଜ୍ଞାପନ କର, କିନ୍ତୁ ପ୍ରକୃତିକୁ ନଷ୍ଟ କରନି। ଗଛ ଆମ ପାଇଁ ଜୀବନ, ଏହାକୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଘରୋଇ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ପ୍ରଚାର ପ୍ରସାର ଓ ଲାଭପାଇଁ ରାସ୍ତାପାର୍ଶ୍ୱ ଗଛକୁ ଟାର୍ଗେଟ କରିଛନ୍ତି। ଗଛଗୁଡ଼ିକ ଦେହରେ ବଡ଼ ବଡ଼ କଣ୍ଟା ପିଟି ହୋର୍ଡିଂ ଲଗାଉଛନ୍ତି। କିନ୍ତୁ ଏହି ବିଜ୍ଞାପନ ପ୍ରଚାର ଯେତେବେଳେ ପ୍ରକୃତି ଓ ପରିବେଶ ବିପକ୍ଷରେ ବ୍ୟବହୃତ ହୁଏ, ସେତେବେଳେ ଏହା ଲୋକଙ୍କ ସହିତ ଗଛଗୁଡ଼ିକ ପାଇଁ ମଧ୍ୟ ଅପମାନଜନକ ଓ ହାନିକାରକ ହୋଇପଡ଼େ। ଯେତେବେଳେ ଏକ ସାଧାରଣ ନଗର ରାସ୍ତାକଡ଼କୁ ଦେଖାଯାଏ, ସେତେବେଳେ ଲାଗେ ଗଛଗୁଡ଼ିକ ମନୁଷ୍ୟର ଆତ୍ମ ସ୍ୱାର୍ଥ ପାଇଁ ବଳିଦାନ ଦେଉଛନ୍ତି। ପୋଷ୍ଟର ବା ବ୍ୟାନର୍ ଲଗାଇବା ପାଇଁ ଗଛର ଛାଲି ଖୋଳାଯାଏ, ମିଶ୍ର ଅମ୍ଳ ଅଠା ଲଗାଯାଏ ବା ବେଳେ ବେଳେ ଗଛର ଶାଖାପ୍ରଶାଖା କାଟି ଦିଆଯାଏ। ଏହି କାମ କିଛି ଦିନ ପରେ ଗଛର ମୃତ୍ୟୁର କାରଣ ପାଲଟି ଥାଏ । ଏକ ପକ୍ଷରେ ଆମେ ପ୍ରକୃତି ସୁରକ୍ଷା, ହରିତ ବିକାଶ ଓ ପରିବେଶ ସନ୍ତୁଳନ କଥା କହୁଛୁ, ଅନ୍ୟପକ୍ଷରେ ଗଛମାନଙ୍କୁ ଏଭଳି ନିର୍ମମ ଭାବେ ବ୍ୟବହାର କରୁଛୁ ଯାହା ଏକ ବିରୋଧାଭାସ ଓ ଦୁଃଖଜନକ ଅବସ୍ଥା।

ବନ ବିଭାଗ ଦେଖୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ରାସ୍ତାପାର୍ଶ୍ୱର ଯେଉଁ ଗଛକୁ ଦେଖ ୧୦ ଇଞ୍ଚର ଲୁହାକଣ୍ଟା ବାଡ଼େଇ ବିଜ୍ଞାପନ ହୋର୍ଡିଂ ଲଗାଯାଇଛି। ବାଲେଶ୍ୱର ଜିଲାର ରାସ୍ତା ପାର୍ଶ୍ୱରେ ବଡ଼ବଡ଼ ଗଛରେ କଣ୍ଟା ପିଟାଯାଇ ଗଛକୁ ନଷ୍ଟ କରାଯାଉଛି । ଏଥିପ୍ରତି ବନ ବିଭାଗ ଚୁପ। ଏହି ଅନୁଚିତ କାର୍ଯ୍ୟ ରୋକିବା ପାଇଁ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି। ଏହା ଦ୍ୱାରା ଘରୋଇ ଅନୁଷ୍ଠାନମାନେ ଅଧିକ ସାହସିକ ହେଉଛନ୍ତି ଓ ଗଛକୁ ଅଧିକ କ୍ଷତି କରୁଛନ୍ତି। ଆମ ଦେଶରେ ଗଛ ମାତ୍ର ଏକ ଜୀବନ୍ତ ନୁହେଁ ଏହା ଆସ୍ଥା, ସଂସ୍କୃତି ଓ ଜୀବନରେଖା। ତୁଳସୀ, ବଟବୃକ୍ଷ, ଆମ୍ବ ଗଛ, ବର ଏବଂ ଅଶ୍ୱତ୍ଥ ଗଛ ପ୍ରଭୃତିକୁ ଲୋକେ ପୂଜା କରନ୍ତି। ତେବେ କିଏ ଏହି ସବୁଗଛରେ ନାଟକ ବା ସିନେମା ପୋଷ୍ଟର ଲଗାଏ ? ଏହା ଆମ ଦ୍ୱିମୁଖୀ ବ୍ୟବହାରର ପ୍ରମାଣ।




ଏହି ସମସ୍ୟାର ସମାଧାନ କ'ଣ ? ପ୍ରଥମେ, ଗଛ ଉପରେ ବିଜ୍ଞାପନ ନିଷିଦ୍ଧ କରିବା ନିୟମ ତିଆରି କରି ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ। ଗଛରେ ହୋର୍ଡିଂ ଲଗାଇବାକୁ ଅବୈଧ ଘୋଷଣା କରିବା ଓ ଦଣ୍ଡ ନିର୍ଦ୍ଧାରଣ କରିବା। ଦ୍ୱିତୀୟତଃ, ସମ୍ପୂର୍ଣ୍ଣ ସହର ଓ ଗ୍ରାମ ଅଞ୍ଚଳରେ ମେଟାଲ ଫ୍ରେମ୍ ହୋର୍ଡିଂ ଅଞ୍ଚଳ ନିର୍ଦ୍ଧାରିତ କରାଯାଉ ଯେଉଁଠି ବିଜ୍ଞାପନ ଲଗାଯିବା ବା ଘରୋଇ ଅନୁଷ୍ଠାନମାନଙ୍କୁ ଗଛ ବ୍ୟତୀତ ଅନ୍ୟ ମାଧ୍ୟମରେ ବିଜ୍ଞାପନ କରିବାକୁ ପ୍ରୋତ୍ସାହିତ କରିବା। ତୃତୀୟତଃ, ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ, ଯାହା ଦ୍ୱାରା ଲୋକେ ଗଛ ରକ୍ଷାରେ ସ୍ୱେଚ୍ଛାରେ ଅଂଶ ନେବେ ଏହା ସହିତ ବନ ବିଭାଗକୁ ଅଧିକ କାର୍ଯ୍ୟକ୍ଷମ କରିବା ଓ ଏହିପରି ଅନୁଚିତ କାର୍ଯ୍ୟ ରୋକିବା ପାଇଁ ସକ୍ରିୟ କରିବା।

ଗଛ ଅଟଳ, ଶାନ୍ତ ଓ ସ୍ୱାର୍ଥହୀନ। ଏହା ମନୁଷ୍ୟଙ୍କୁ ଛାୟା, ପ୍ରାଣବାୟୁ, ଫଳ, ଗଛର ଶାଖା ବା କାଠ ତଥା ଏକ ଜୀବନ ଦେଉଛି। ଏହାକୁ ବିଜ୍ଞାପନ ପାଇଁ ବଳିଦାନ କରିବା ମାନବତା ବିରୋଧୀ। ମାନବ ଜନଗଣ ଯଦି ଏହି ଅନୁଚିତ କାମ ପ୍ରତି ବିରୋଧ କରନ୍ତି, ତେବେ ଆମେ ଗଛ ଓ ପରିବେଶକୁ ବଞ୍ଚାଇ ପାରିବା। ବିଜ୍ଞାପନ ପ୍ରଚାର ପାଇଁ ଗଛ ବଳିପଡ଼ିବା ଏକ ଗମ୍ଭୀର ପରିବେଶ ଓ ନୀତି ଗତ ସମସ୍ୟା। ଏହାକୁ ଅବହେଳା କରିବା ଆମ ପ୍ରାଣ ଓ ପ୍ରକୃତି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏହି ସମସ୍ୟା କେବଳ ବନ ବିଭାଗ କିମ୍ବା ଅନୁଷ୍ଠାନର ଦାୟିତ୍ୱ ନୁହେଁ, ଆମ ସମସ୍ତଙ୍କ ଦାୟିତ୍ୱ। ଯେତେବେଳେ ଗଛ ଆମ ପାଇଁ ଅପାର ଦାନ କରୁଛି, ତେବେ ତାହାକୁ ରକ୍ଷା କରିବା ଆମର ପ୍ରଥମ ଦାୟିତ୍ୱ। ଆସନ୍ତୁ ଆମେ ସମସ୍ତେ ମିଶି ଏହି ଅନୁଚିତ କାର୍ଯ୍ୟକୁ ବନ୍ଦ କରିବାରେ ଲାଗି ପଡ଼ିବା।

**ନୀଳଗିରି, ବାଲେଶ୍ୱର**
**ମୋ:୯୭୭୭୮୧୪୫୪୧**

## ଏଇ ଭାରତରେ

ପେସାରେ ଡାକ୍ତର କିନ୍ତୁ ଆମ୍ବ ଚାଷ ବ୍ୟାପକ କରିବାରେ ଲାଗିଛନ୍ତି ପଶ୍ଚିମବଙ୍ଗ କୋଲକାତାର ଜସ୍‌ମିତ ସିଂ ଆରୋରା। ସେ ଦେଶର ସବୁ ଅଞ୍ଚଳରୁ ବିଭିନ୍ନ କିସମର ଆମ୍ବ ଟାକୁଆ ସଂଗ୍ରହ କରି ତାହାକୁ ଚାରା କରୁଛନ୍ତି ଏବଂ କୃଷକଙ୍କୁ ତାହା ମାଗଣାରେ ଦେଉଛନ୍ତି। ଜସମିତଙ୍କ ବୟସ ଏବେ ୫୧। ଏହି କାର୍ଯ୍ୟ ଲାଗି ତାଙ୍କୁ ଲୋକେ 'ଭାରତର ଟାକୁଆ ମଣିଷ' ବୋଲି ସମ୍ବୋଧନ କରୁଛନ୍ତି। ସେ ଡାକ୍ତର ହୋଇଥିଲେ ମଧ୍ୟ ତାଙ୍କ ଜୀବନର ଅଧିକାଂଶ ସମୟ ଆଇଟି ବିଜ୍‌ନେସ୍ ଓ ଫାର୍ମାସ୍ୟୁଟିକାଲ୍‌ସରେ କଟାଇବା ପରେ ଆମ୍ବ ଚାଷ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୯ରେ ସେ ଟାକୁଆ ସଂଗ୍ରହ ଆରମ୍ଭ କରିଥିଲେ। ବିଶେଷକରି ସ୍କୁଲ, ସେନା କର୍ମଚାରୀ, ବରିଷ୍ଠ ନାଗରିକ, ଫଳରସ ବିକ୍ରେତା ଦୋକାନୀମାନେ ତାଙ୍କ ନିକଟକୁ ଟାକୁଆ ପଠାଇବା ଆରମ୍ଭ କରିଦେଇଥିଲେ। ସେହି ବର୍ଷ ଶେଷସୁଦ୍ଧା ସେ ୧ ଲକ୍ଷ ଟାକୁଆ ସଂଗ୍ରହ କରିପାରିଥିଲେ। ତାଙ୍କ ଭିଡିଓ ଭାଇରାଲ ହେବା ପରେ ୨୦୨୪ରେ ସେ ୧୧ ଲକ୍ଷ ଟାକୁଆ ସଂଗ୍ରହ କରିଥିଲେ। ଏସବୁରୁ ପାଖାପାଖି ୮୦,୦୦୦ ଚାରା ଉତ୍ତାରି ବାଣ୍ଟି ସାରିଲେଣି। ଜସ୍‌ମିତଙ୍କ ମା' ଜଣେ ନର୍ସ ଥିଲେ ଓ ୧୯୭୧ ଯୁଦ୍ଧରେ ସ୍ୱେଚ୍ଛାସେବୀ ଭାବେ ଅସହାୟଙ୍କ ସେବା କରିଥିଲେ। ଏହି ସେବା ଭାବନାରେ ପ୍ରେରିତ ହୋଇ ଜସ୍‌ମିତ ଆମ୍ବଚାଷରେ କୃଷକଙ୍କୁ ସାହାଯ୍ୟ କରିବା ପାଇଁ ମାଗଣାରେ ଚାରା ବାଣ୍ଟୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଜୁନ୍ ୧୯୭୬**

- ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଡାଇରେକ୍ଟର ଡଃ. ସି. ଗୋପାଳନଙ୍କ ଅଧ୍ୟକ୍ଷତାରେ ଔଷଧକୁ ନିଶାଦ୍ରବ୍ୟ ରୂପେ ବ୍ୟବହାର ସମ୍ପର୍କରେ ଏକ ତଦନ୍ତ କମିଟି ଗଠିତ।
- ବ୍ରିଟେନର ଶ୍ରମିକ ସରକାର ପାର୍ଲାମେଣ୍ଟରେ ଆଗତ କରାଯାଇଥିବା ଅନାସ୍ଥା ପ୍ରସ୍ତାବ ବିରୁଦ୍ଧରେ ୧୯ଟି ଅଧିକ ଭୋଟରେ ବିଜୟ ଲାଭ କରିଛନ୍ତି।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | | | | 1 | | |
| 7 | | 6 | 5 | 3 | | | | |
| | | | | | | | | |
| | | 2 | | | 8 | 6 | 9 | |
| | 8 | | | 6 | | | | |
| 1 | | | | | 9 | | 4 | |
| 9 | | 1 | 7 | | | | 5 | |
| | | | | 5 | | | | |
| | 3 | | 8 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 7 | 2 | 1 | 9 | 8 | 3 |
| 2 | 1 | 7 | 3 | 8 | 9 | 5 | 6 | 4 |
| 8 | 3 | 9 | 4 | 5 | 6 | 7 | 2 | 1 |
| 6 | 9 | 2 | 5 | 1 | 3 | 4 | 7 | 8 |
| 1 | 7 | 8 | 2 | 9 | 4 | 6 | 3 | 5 |
| 3 | 4 | 5 | 6 | 7 | 8 | 2 | 1 | 9 |
| 5 | 8 | 1 | 9 | 6 | 2 | 3 | 4 | 7 |
| 9 | 2 | 3 | 1 | 4 | 7 | 8 | 5 | 6 |
| 7 | 6 | 4 | 8 | 3 | 5 | 1 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଦକ୍ଷେପ ଅଟକି ନ ଯାଉ

ମହାଶୟ,

ଦୀର୍ଘ ଦଶନ୍ଧି ଧରି ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଯୋଗୁ ଅପରାଧ, ଲୁଟ୍, ନକଲି ଟଙ୍କା କାରବାର ଇତ୍ୟାଦି ଘଟଣା ବୃଦ୍ଧି ପାଇବାରୁ ଗତ ୨ ଦଶନ୍ଧି ପୂର୍ବେ ବାଂଲାଦେଶୀଙ୍କୁ ହଟାଇବା ପାଇଁ ଯୋଜନା ହୋଇଥିଲା। ମାତ୍ର ଏହି ଯୋଜନାଟି ଯୋଜନାରେ ସୀମିତ ରହିବାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଭୋଟ୍‌ବ୍ୟାଙ୍କ୍ ରାଜନୀତି ପାଇଁ କେତେଜଣ ରାଜନେତା ସେମାନଙ୍କୁ ପ୍ରୋତ୍ସାହିତ କରୁଥିବାରୁ ସେମାନେ ସହଜରେ ଭୋଟର କାର୍ଡ, ଆଧାର କାର୍ଡ, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା ଇତ୍ୟାଦି ସରକାରୀ ସୁବିଧା ପାଇପାରୁଛନ୍ତି। ଫଳରେ ଦେଶ ଓ ରାଜ୍ୟର ସାମାଜିକ ନିରାପତ୍ତା, ଜାତୀୟ ସୁରକ୍ଷା, ଅପରାଧ ବୃଦ୍ଧି ଇତ୍ୟାଦି ଘଟଣା ଚିନ୍ତାର କାରଣ ହେଉଛି। ବିଶେଷକରି ଅନୁପ୍ରବେଶ ରୋକିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ସୁରକ୍ଷିତ ଭାବେ ଅନୁପ୍ରବେଶକରି ଦେଶ ଓ ରାଜ୍ୟ ପାଇଁ ବିପଦ ସାଜୁଛନ୍ତି। ଏବେ ବାଂଲାଦେଶୀଙ୍କୁ ହଟାଇବା ପାଇଁ ପୁଣି ଥରେ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ସଫଳ ହୋଇ ନ ପାରିଲେ ଯୋଜନାଟି କେବଳ ଯୋଜନାରେ ରହିଯିବ ବୋଲି ବିଶ୍ୱାସ।

**-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ଶତ ଜୀବନ୍ତ ଦେବତା
ବିଶ୍ୱ ପାଇଁ ପ୍ରକାଶିଛି ବ୍ୟଥା
ଏ ଶିଳା ବିଚିତ୍ର ହୋଇଛି ପବିତ୍ର
ଲାଗି ଯେଣୁ ପଦ-ରେଣୁ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



# ବର୍ଷକରେ ଦିନଟିଏ ପ୍ରତ୍ୟକ୍ଷ ସ୍ନାନ କରନ୍ତି ଦାରୁଦିଅଁ



ଜ୍ୟେଷ୍ଠ ମାସ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ପରମ୍ପରା ଅନୁଯାୟୀ, ଚତୁର୍ଦ୍ଧାବିଗ୍ରହମାନେ ବର୍ଷରେ ଏହି ଗୋଟିଏ ଦିନ ପ୍ରତ୍ୟକ୍ଷ ସ୍ନାନ କରିଥାନ୍ତି। ତେଣୁ ଉକ୍ତ ଦିନକୁ ସ୍ନାନଯାତ୍ରା ବୋଲି କୁହାଯାଏ। ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ସ୍ନାନ କରାଯାଏ। ଏହାପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ସାଧାରଣତଃ ବର୍ଷରେ ଥରୁଟିଏ ଶ୍ରୀଜଗନ୍ନାଥ ଭଉଣୀଭାଇଙ୍କ ସହିତ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ମନ୍ତ୍ରସ୍ନାନ କରାଯାଏ ବା ବିମ୍ବ ସ୍ନାନ କରାଯାଇଥାଏ। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ। ଏହାକୁ ଆଦ୍ୟ ଯାତ୍ରା ବୋଲି ମଧ୍ୟ କୁହାଯାଏ। ଏହି ଦିନକୁ ଶ୍ରୀବିଗ୍ରହମାନଙ୍କ ଜନ୍ମଦିନ ରୂପେ ମଧ୍ୟ ପାଳନ କରାଯାଇଥାଏ।



ସ୍ନାନ ପୂର୍ଣ୍ଣିମା ପାଇଁ ସ୍ନାନ ମଣ୍ଡପକୁ ସଜା ଯାଇଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସ୍ନାନଯାତ୍ରା ପହଣ୍ଡି ଟାହିଆ

ମହାପ୍ରଭୁ ନିଜ ଯାତ୍ରା ସମୟରେ ଅନେକ ଅଳଙ୍କାର ପରିଧାନ କରିଥାନ୍ତି। ଏଥିମଧ୍ୟରେ ଟାହିଆ ଅନ୍ୟତମ। ଶ୍ରୀବିଗ୍ରହମାନେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ସମେତ ଆଡ଼ପ ବିଜେ ଏବଂ ନୀଳାଦ୍ରି ବିଜେ ସମୟରେ ମସ୍ତକରେ ଟାହିଆ ପରିଧାନ କରିଥାନ୍ତି। ଟାହିଆ ମୁଖ୍ୟତଃ ସୋଲ, ବାଉଁଶକାଠି, ବିଭିନ୍ନ ପ୍ରକାର ଫୁଲରେ ନିର୍ମିତ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ରାଘବ ଦାଶ ମଠ ପକ୍ଷରୁ ଟାହିଆଗୁଡ଼ିକ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ଟାହିଆଗୁଡ଼ିକ ସ୍ୱତନ୍ତ୍ର ଶୈଳୀ ତଥା ମାପରେ ନିର୍ମିତ ହୋଇଥାଏ। ଟାହିଆ ଉପରି ଭାଗରେ ଦୂବ ଓ କିଆ ଲଗାଯାଇଥାଏ। ଟାହିଆ ଆକୃତି ପାନପତ୍ର ସଦୃଶ ହୋଇଥାଏ। ଉଚ୍ଚତା ପ୍ରାୟ ୬ ଫୁଟ ହୋଇଥିବାବେଳେ ବ୍ୟାସ ସାଢ଼େ ୮ ଫୁଟ। ପହଣ୍ଡି ପୂର୍ବରୁ ଶ୍ରୀବିଗ୍ରହମାନଙ୍କ ମଙ୍ଗଳାର୍ପଣ ନୀତି ସରିବା ପରେ ଶ୍ରୀମନ୍ଦିରକୁ ଟାହିଆ ବିଜେ ହୋଇଥାଏ। ସ୍ନାନଯାତ୍ରାରେ ଠାକୁରମାନେ ସ୍ନାନମଣ୍ଡପକୁ ଆସିବା ସମୟରେ ଓ ପହଣ୍ଡି ହୋଇ ଅଣସର ପିଣ୍ଡିକୁ ଯିବାବେଳେ ଟାହିଆ ପରିଧାନ କରିଥାନ୍ତି।

## ସ୍ନାନଯାତ୍ରାର ଅନ୍ୟନାମ ମଞ୍ଚସ୍ନାନ

ମହାପ୍ରଭୁଙ୍କ ସ୍ନାନଯାତ୍ରାକୁ ମଞ୍ଚସ୍ନାନ ବୋଲି ମଧ୍ୟ କୁହାଯାଏ। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି ସ୍ନାନଯାତ୍ରାକୁ ବିବେଚନା କରାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ସ୍ନାନଲୀଳା କରାଇଥିଲେ। ସେତେବେଳେ ସ୍ନାନମଣ୍ଡପ ନ ଥିବାରୁ ଏକ କାଠମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହୋଇଥିଲା ବୋଲି ସୂଚନା ମିଳେ। ସେଥିପାଇଁ ଅନେକ ଶାସ୍ତ୍ରରେ ଏହା ମଞ୍ଚସ୍ନାନ ବୋଲି ଉଲ୍ଲେଖ ରହିଛି। ଶାସ୍ତ୍ରମତରେ ୧୦୮ ସୁନାକଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟ ସ୍ଥାନଲୀଳା ସମାପନ ହୋଇଥିଲା।

## ସ୍ନାନମଣ୍ଡପ

ଶ୍ରୀମନ୍ଦିର ଐଶାନ୍ୟ କୋଣ ତଥା ଆନନ୍ଦ ବଜାର ପରିସରରେ ସ୍ନାନମଣ୍ଡପ ଅବସ୍ଥିତ। ଶ୍ରୀବିଗ୍ରହମାନେ ସ୍ନାନପୂର୍ଣ୍ଣିମାରେ ଉକ୍ତ ମଣ୍ଡପରେ ସ୍ନାନ କରୁଥିବାରୁ ଏହାକୁ ସ୍ନାନମଣ୍ଡପ କୁହାଯାଏ। ମଣ୍ଡପର ଲମ୍ବ ଓ ପ୍ରସ୍ଥ ସମାନ ଅର୍ଥାତ ୭୫ ଫୁଟ ଲେଖାଏ। ମଣ୍ଡପର ଉଚ୍ଚତା ଉତ୍ତରରେ ୬ ଫୁଟ୍ ୬ ଇଞ୍ଚ ଓ ଦକ୍ଷିଣରେ ୬ ଫୁଟ ୩ ଇଞ୍ଚ। ମଣ୍ଡପକୁ ଉଠିବା ନିମନ୍ତେ ପାହାଚ ଅଛି। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପିଣ୍ଡିର ବ୍ୟାସ ୩ ଫୁଟ ୫ ଇଞ୍ଚ ଓ ପରିଧି ୭ ଇଞ୍ଚ। ସେହିପରି ଶ୍ରୀଜଗନ୍ନାଥଙ୍କ ପିଣ୍ଡିର ବ୍ୟାସ ୩ ଫୁଟ ୩ ଇଞ୍ଚ ଓ ପରିଧି ୯ ଫୁଟ୍ ୩ ଇଞ୍ଚ। ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସ ୨ ଫୁଟ୍ ଓ ପରିଧି ୬ ଫୁଟ୍ ୫ ଇଞ୍ଚ।

ପ୍ରସ୍ତୁତି: **ଅଜିତ୍ କୁମାର ମହାନ୍ତି, ପୁରୀ**

# ଶ୍ରୀମନ୍ଦିର ବେଢ଼ାରେ ଥରଟିଏ ହୋଇଥିଲା ସ୍ନାନଯାତ୍ରା

ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ଆରାଧ୍ୟ ଦେବତା। ଅନନ୍ୟ ତାଙ୍କର ମାନବୀୟ ଲୀଳା। ଭାଇଭଉଣୀଙ୍କୁ ସାଥିରେ ଧରି ପ୍ରତିବର୍ଷ ବାହାରିଯାଆନ୍ତି ବଡ଼ଦାଣ୍ଡକୁ। ଆଉ ରଥରେ ଚଢି ଯାଆନ୍ତି ଗୁଣ୍ଡିଚା ମଣ୍ଡପ। ୯ଦିନର ଯାତ୍ରା ସାରି ବାହୁଡ଼ନ୍ତି ଜନ୍ମବେଦିରୁ ରତ୍ନବେଦିକୁ। ଘୋଷଯାତ୍ରା ଭାବେ ବିଶ୍ୱବିଦିତ କାଳିଆ ସାଆନ୍ତଙ୍କ ଏହି ରଥଯାତ୍ରା। କିନ୍ତୁ ଇତିହାସ କୁହେ ଶ୍ରୀଜୀଉଙ୍କର ଏହି ଯାତ୍ରା ବନ୍ଦ ହୋଇଥିଲା ଅନେକ ବର୍ଷ। ପୁଣି ଦୀର୍ଘବର୍ଷ ବି ଶ୍ରୀକ୍ଷେତ୍ରରେ ନ ଥିଲେ ଦାରୁଦିଅଁ। ଇତିମଧ୍ୟରେ ଶ୍ରୀକ୍ଷେତ୍ର ବାହାରେ ୮ଥର ହୋଇଥିଲା ରଥଯାତ୍ରା। ଆଉ ଥରଟିଏ ଏହି ଯାତ୍ରା ସମ୍ପାଦିତ ହୋଇଥିଲା ଶ୍ରୀମନ୍ଦିର ବେଢ଼ାରେ। ତେଣୁ ଯେଉଁ ବର୍ଷ ଏହି ଯାତ୍ରା ଶ୍ରୀମନ୍ଦିର ବେଢ଼ାରେ ହୋଇଥିଲା, ସେହିବର୍ଷ ହିଁ ବେଢ଼ା ଭିତରେ ଦାରୁଦିଅଁଙ୍କର ହୋଇଥିଲା ସ୍ନାନଯାତ୍ରା।

ବୈଚିତ୍ର୍ୟମୟ ଶ୍ରୀମନ୍ଦିର ସାରାଜଗତରେ ବିରଳ। କିନ୍ତୁ ଏହି ଦେବଦେଉଳ ଉପରେ ଅନେକ ଥର ହୋଇଥିଲା ଆକ୍ରମଣ। ଯବନ ଓ ବିଧର୍ମୀଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ପାଲଟିଥିଲା ରଣକ୍ଷେତ୍ର। ଦାରୁଦିଅଁ ହୋଇଥିଲେ ସ୍ଥାନାନ୍ତର। ତେବେ ଯେଉଁବର୍ଷ ଶ୍ରୀମନ୍ଦିର ବେଢ଼ାରେ ସ୍ନାନଯାତ୍ରା ସହ ରଥଯାତ୍ରା ହୋଇଥିଲା ତାହା ଥିଲା ୧୬୯୨ ମସିହାର ଘଟଣା। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପରେ ମୋଟ ୧୮ଥର ଆକ୍ରମଣ ହୋଇଥିବା



ଇତିହାସରୁ ଜଣାପଡ଼େ। ମହାପ୍ରଭୁ ଶ୍ରୀକ୍ଷେତ୍ରରେ ୧୬୪ ବର୍ଷ ୪ମାସ ପାଖାପାଖି ନ ଥିଲେ। ଏଥିମଧ୍ୟରୁ ୯ ବର୍ଷ ହୋଇଥିଲା ରଥଯାତ୍ରା। ଅର୍ଥାତ୍ ୧୫୫ ବର୍ଷ ଧରି ଦାରୁଦିଅଁଙ୍କ ରଥଯାତ୍ରା ବନ୍ଦ ରହିଥିଲା। ତେବେ ୯ବର୍ଷ ହୋଇଥିବା ରଥଯାତ୍ରା ମଧ୍ୟରୁ ୮ଥର ହୋଇଥିଲା ଶ୍ରୀକ୍ଷେତ୍ର ବାହାରେ। ଗଡ଼କୁଜଙ୍ଗରେ ୫ବର୍ଷ, ଗଡ଼ମାଣିତ୍ରୀ, ଚିଲିକାର ମହିଷା-ବରହମପୁର କୁଦ ଏବଂ ଚିଲିକାର ଉତ୍ତର କୂଳରେ ଥିବା 'ନଈରୀ'ଗ୍ରାମରେ ବର୍ଷେ ଲେଖାଏଁ ହୋଇଥିଲା ରଥଯାତ୍ରା। ତେବେ ୧୬୯୨ ମସିହା ଏଇଥିପାଇଁ ଚର୍ଚ୍ଚିତ ଯେ, ସେହିବର୍ଷ ମନ୍ଦିର ବେଢାରେ ଦାରୁଦିଅଁଙ୍କ ସ୍ନାନ ସହ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।

ସେହିବର୍ଷ ଔରଙ୍ଗଜେବଙ୍କ ଆଦେଶ ଅନୁସାରେ ଏକ୍ରାମ ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ସମୟରେ ତାଙ୍କ ସହ ଥିଲେ ମରମସ୍ତ ଖାଁ ଜାମାଉଲା। ତେବେ ପୂର୍ବରୁ ଆକ୍ରମଣ ଆଶଙ୍କା ଦେଖାଦେବାରୁ ମହାପ୍ରଭୁଙ୍କ ଶ୍ରୀବିଗ୍ରହଙ୍କୁ ପ୍ରଥମେ ଶ୍ରୀମନ୍ଦିର ବେଢ଼ାରେ ଥିବା ଦେବୀ ବିମଳାଙ୍କ ମନ୍ଦିର ପଛପଟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ବ୍ରହ୍ମଗିରି ଗଡ଼କୋକଲର ମା'ଭଗବତୀଙ୍କ ମନ୍ଦିରକୁ ଭାର୍ଗବୀ ନଦୀ ପଥରେ ସ୍ଥାନାନ୍ତର ହୋଇଥିଲେ ଦାରୁଦିଅଁ। ଏକରାମ ଖାଁ ଶ୍ରୀକ୍ଷେତ୍ର ଆକ୍ରମଣ କରିବା ସମୟରେ ଖୋର୍ଦ୍ଧାର ରାଜା ଥିଲେ ଦିବ୍ୟସିଂହ ଦେବ। ତେବେ ବାଦଶାହା ଔରଙ୍ଗଜେବ ବିଜାପୁରରେ ଥାଇ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଧ୍ୱଂସ ପାଇଁ ଦେଇଥିବା ଆଦେଶ ଅନୁସାରେ ଆରମ୍ଭ ହୋଇଥିଲା ଆକ୍ରମଣ। ସିଂହଦ୍ୱାର କବାଟ ଭାଙ୍ଗି ଏକରାମ ଖାଁ ଦେଉଳ ଭିତରକୁ ପଶିଥିଲେ। ତାଙ୍କ ସାନଭାଇ ମରମସ୍ତ ଖାଁ ଧାଇଁ ଯାଇ ଚଢିଯାଇଥିଲା ରତ୍ନ ସିଂହାସନକୁ। ରତ୍ନବେଦିରେ ସେ ଭେଟିଛି ଚନ୍ଦନ କାଠରେ ନିର୍ମିତ ବିଗ୍ରହଙ୍କୁ, ଯାହାଙ୍କର ଚକ୍ଷୁ ଦୁଇଟି ନିର୍ମି ଦୁର୍ମୂଲ୍ୟ ରତ୍ନରେ। ସେହି ବିଗ୍ରହଙ୍କୁ ଧରି ସେ କଟକ ଫେରିଯାଇଥିଲା। ଅନ୍ୟ ଆକ୍ରମଣକାରୀମାନେ ଶ୍ରୀମନ୍ଦିର ମଧ୍ୟରେ ରହି ଲୁଟ୍‌ପାଟ କରି ଅନେକ ଧନ ସମ୍ପତ୍ତି ଲୁଣ୍ଠନ କରି ନେଇଗଲେ। ମାଦଳା ପାଞ୍ଜି, ମୋଗଲ ଇତିହାସ ଓ ଚକଡ଼ା ପୋଥିର ବିବରଣୀକୁ ସମୀକ୍ଷା କରି ପ୍ରଖ୍ୟାତ ଐତିହାସିକ କେଦାରନାଥ ମହାପାତ୍ର ଉଲ୍ଲେଖ କରିଛନ୍ତି, ଏକରାମ ଖାଁଙ୍କ ଦ୍ୱାରା ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ସେତେବେଳେ ରାଜା ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। ରାଜା ଯେତିକି ଭାଙ୍ଗିବାକୁ ଜବାବ ଦେଇଥିଲେ ସେତିକି ନ ଭାଙ୍ଗି ସିଂହଦ୍ୱାରରେ ଥିବା ଏକ ରାକ୍ଷସ ମୂର୍ତ୍ତି ଓ ଗୁମୁଟ ଭାଙ୍ଗିଦେଲେ। ଚନ୍ଦନ କାଠରେ ତିଆରି ରତ୍ନଖଚିତ ନେତ୍ର ଥିବା ଏକ ବିଗ୍ରହକୁ ଏକରାମ ଖାଁଙ୍କୁ ଦେଇଥିଲେ। ସେ ଏହାକୁ ନେଇ ବାଦଶାହାଙ୍କ ବିଜାପୁର ମୁକାମଙ୍କୁ ପଠାଇଦେଇଥିଲେ।(ଉଦ୍ଧୃତ- ଖୋର୍ଦ୍ଧା ଇତିହାସ)

ତେବେ ଗଜପତିଙ୍କ କୂଟନୀତିରେ ଏକରାମ ଖାଁ ନକଲି ତିନି ବିଗ୍ରହଙ୍କ ମୂର୍ତ୍ତି ଓ ୩୦ହଜାରଟଙ୍କା ନେଇ ଫେରିଗଲେ। ଏହା ପରେ ମହାପ୍ରଭୁଙ୍କୁ ଗୁପ୍ତରେ ଗଡ଼କୋକଲରୁ ଅଣାଯାଇଥିଲା। ସେତେବେଳକୁ ସେଠାରେ ଦିଅଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇସାରିଥିଲା। ଦାରୁଦିଅଙ୍କୁ ମନ୍ଦିରକୁ ଅଣାଯିବା ପରେ ଚାରିଦ୍ୱାର ବନ୍ଦ କରାଯାଇ ଉପାସନା ହୋଇଥିଲା। ଦକ୍ଷିଣ ଦ୍ୱାରର ଚୋରା କବାଟବାଟେ କେବଳ ପାଳିଆ ସେବକ ଯିବା ଆସିବା କରୁଥିଲେ, ତାହା ପୁଣି ଗୁପ୍ତରେ। ସେତେବେଳେ ଏକାଦଶୀରେ ମହାଦୀପ ଉଠି ନଥିଲା। ବାହାର ପୋଖରିଆରେ ପଟା ପଡି ଦାରୁଦିଅଁଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

**-ବୀରଭଦ୍ର ବିଶ୍ୱାଳ**

**ରାଜ୍ୟ ଖବର**

# କୀଚକେଶ୍ୱରୀଙ୍କ ଦର୍ଶନକଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସପତ୍ନିକ ମା' କୀଚକେଶ୍ୱରୀଙ୍କ ଦର୍ଶନ ସାରି ଫେରୁଛନ୍ତି।

**ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ),୧୦।୬**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସକାଳେ ମୟୂରଭଞ୍ଜ ଜିଲ୍ଲା ଖିଚିଂସ୍ଥିତ ମା'କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରି ଫେରିଛନ୍ତି। ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡିଙ୍କ ସହ ସେ ମନ୍ଦିରରେ ପ୍ରାୟ ଦେଢ଼ ଘଣ୍ଟା ଧରି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ମନ୍ଦିର ପରିସରରେ ପୋଲିସ ମୁତୟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି ଉପସ୍ଥିତ ଥିଲେ। ପରେ ସେ ସଡ଼କ ପଥରେ କେନ୍ଦୁଝର ଫେରିଥିଲେ ଏବଂ ରାଇସୁଆଁ ଏୟାରଷ୍ଟ୍ରିପ୍‌ରୁ ପୂର୍ବାହ୍ନ ୧୦.୩୦ରେ ଭୁବନେଶ୍ୱର ଫେରି ଯାଇଥିଲେ। ପ୍ରକାଶ ଯେ, ଦୁଇଦିନିଆ ସଂକ୍ଷିପ୍ତ ଗସ୍ତକ୍ରମରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାରୁ ସଡ଼କ ପଥରେ ସୋମବାର ରାତି ପ୍ରାୟ ୧୦ଟାରେ କେନ୍ଦୁଝରରେ ପହଞ୍ଚିଥିଲେ। ରାସ୍ତାରେ ବିଭିନ୍ନ ସ୍ଥାନରେ ସମର୍ଥକ ଏବଂ ଦଳୀୟ କର୍ମୀମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଏବଂ ମାଲ୍ୟାର୍ପଣ କରି ସ୍ୱାଗତ କରିଥିଲେ। ରାତିରେ ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀଙ୍କ ସହିତ ଆଲୋଚନା କରିବା ସହ କେନ୍ଦୁଝର ସର୍କିଟ ହାଉସରେ ବିଶ୍ରାମ ନେଇଥିଲେ।

# ଦୟାଲତଙ୍ଗ ଗାଁ:୩୦ ବର୍ଷରେ ମରୁଛନ୍ତି ଯୁବକ

**କାଳିମେଳା ବ୍ଲକ୍**

**ସ୍ୱାସ୍ଥ୍ୟ ବିଭାଗର ସ୍ଥିତି ଅନୁଧ୍ୟାନ**

**କାଲିମେଳା, ୧୦।୬**
**(ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ତେଲରାଇ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ଦୟାଲତଙ୍ଗ ଗାଁ ରହିଛି। ଏହି ଗାଁର ଯୁବକମାନଙ୍କୁ ୩୦ ବର୍ଷ ବୟସ ହେଲା ମାତ୍ରେ କୌଣସି କାରଣରୁ ଅଚାନକ ମୃତ୍ୟୁ ହେଉଛି। ସେମାନଙ୍କ ମୃତ୍ୟୁର କାରଣ ଅଜଣା ରୋଗ ନା ଅନ୍ୟ କିଛି ହୋଇଥାଇପାରେ ସେ ନେଇ କାଲିମେଳା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗତ ୭ ତାରିଖରେ ଦୟାଲତଙ୍ଗ ଗାଁକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ୧୧ଟି ଘର ରହିଥିବା ବେଳେ ମୋଟ ଜନସଂଖ୍ୟା ୪୨। ମହିଳାଙ୍କ ସଂଖ୍ୟା ୨୭ ଥିବା ବେଳେ ପୁରୁଷଙ୍କ ସଂଖ୍ୟା ୧୫ ରହିଛି। ଗାଁରେ ବୟସ୍କ ପୁରୁଷ କେହି ନ ଥିବା ବେଳେ ୧୨ ଜଣ ବିଧବା ରହିଛନ୍ତି। ଗ୍ରାମରେ ସମସ୍ତେ ଅଶିକ୍ଷିତ ହୋଇଥିବାରୁ ଯୁବକମାନଙ୍କ ହେଉଥିବା ରୋଗର କାରଣ ଓ ନିରାକରଣ ଜାଣିବା ପୂର୍ବରୁ ସେମାନଙ୍କ ଜୀବନ ଚାଲି ଯାଉଥିବା ଜଣାପଡିଛି। ଜଣେ କି ୨ଜଣ ନୁହେଁ ଗ୍ରାମର ସମସ୍ତ ପରିବାରର ଯୁବକମାନଙ୍କ ୩୦ବର୍ଷ ବୟସରେ ମୃତ୍ୟୁ ଘଟଣା ସମସ୍ତଙ୍କୁ ଚକିତ କରିଛି। ଅଜଣା ମୃତ୍ୟୁର ଜାଲରେ ଛନ୍ଦି ହୋଇ ପଡ଼ିଥିବା ଅଭିଶପ୍ତ ଗାଁ ହେଉଛି ଦୟାଲତଙ୍ଗ। ମହିଳାଙ୍କ ମଧ୍ୟରୁ ବାରି ଉଲାମା, ବାଦାରି ଚିଲକାରୁ, ବାଦାରି କଚଲାମା, ଏଲକା ଗୁଲାମା, ବାଦାରି ଶିଶାକ୍ଷା, ବାଦାରି କାନାଞ୍ଚା, ବାରି ଡୁନାଞ୍ଚା ଓ ଏଲକା ଗୁନାମ୍ମା ପ୍ରମୁଖ ସ୍ୱାମୀଙ୍କର ୩୦ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଏହାର କାରଣ ସମ୍ପର୍କରେ କେହି କିଛି ଜାଣି ନ ଥିବା ବେଳେ ଅଜଣା ରୋଗରେ ପୀଡ଼ିତ ହୋଇ ସମସ୍ତଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି। ବିଧବାଙ୍କ ପୁଅ, ଝିଅ ରହିଥିବା ବେଳେ ନିଜେ କାମକରି ପିଲାଙ୍କ ଭରଣପୋଷଣ



ଗ୍ରାମରେ ଡାକ୍ତରୀ ଟିମ୍ ସ୍ଥିତି ଅନୁଧ୍ୟାନ ଏବଂ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କରୁଛନ୍ତି। ନିକଟରେ ଗାଁର ୬ ଯୁବକ ବିବାହ କରିଛନ୍ତି। ଏମାନଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ। ଏହି ଯୁବକଙ୍କ ପରିବାର ଭୟ ଓ ଆତଙ୍କ ଭିତରେ ରହିଛନ୍ତି।

ପୂର୍ବରୁ ଗାଁରେ କେହି ବି ପୁରୁଷ ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିନାହାନ୍ତି। ଆନ୍ଧ୍ର ସୀମାନ୍ତରେ ଥିବା ଏହି ଗାଁର ସମସ୍ତ ପରିବାର ତେଲୁଗୁ ଭାଷାରେ କଥାବାର୍ତ୍ତା କରୁଛନ୍ତି। ଚାଷ କାର୍ଯ୍ୟ ଏମାନଙ୍କର ଜୀବନ ଜୀବିକାର ମାଧ୍ୟମ ହୋଇଛି। ମାଓବାଦୀ ପ୍ରଭାବିତ ଏହି ଗାଁରେ ବିକାଶର ଚିହ୍ନବର୍ଣ୍ଣ ନାହିଁ। ଗାଁର ଯୁବତୀ ସୁମତି ଓରଫ ସୀତାମ୍ମା ମାଓବାଦୀ ସଂଗଠନ ସହ ଜଡ଼ିତ ହୋଇଥିଲେ। ଏବେ ସ୍ଥିତି ବଦଳିବା ସହ ମାଓବାଦୀମୁକ୍ତ ହୋଇଛି ଗାଁ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍ ଆଦି କୌଣସି ସୁବିଧା ନାହିଁ। ଜିଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଏହି ଗାଁର ଏଭଳି ଅସ୍ୱାଭାବିକ ମୃତ୍ୟୁ ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ଗାଁର କେତେକ ପରିବାରକୁ ସରକାରୀ ସୁବିଧା ମିଳୁଥିବା ମହିଳାମାନେ କହିଛନ୍ତି। ତେବେ ଗାଁର ଯୁବକଙ୍କ ଅକାଳ ମୃତ୍ୟୁର କାରଣ ଖୋଜିବା ପାଇଁ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ସାଗରିକା ବେହେରା, ଚିନ୍ମୟ କାନ୍ତ, ଜୀବନାନନ୍ଦ ବିଶ୍ୱାସ, ସ୍ୱାସ୍ଥ୍ୟକର୍ମୀ ଚୂଡ଼ାମଣି ମଣ୍ଡଳ ପ୍ରମୁଖ ଦୟାଲତଙ୍ଗ ଗାଁକୁ ଯାଇ ସେଠାରେ ପ୍ରଥମେ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ପ୍ରାଥମିକ ଅନୁଧ୍ୟାନରୁ ସେଭଳି କିଛି ଅଜଣା ରୋଗ କଥା ସ୍ୱାସ୍ଥ୍ୟ ବିଭାଗ ଖଣ୍ଡନ କରିଛି। ସ୍ୱାସ୍ଥ୍ୟ କର୍ମଚାରୀଙ୍କ କହିବା ଅନୁଯାୟୀ ବର୍ତ୍ତମାନ କେହି ମରିନାହାନ୍ତି। ୧୦ ରୁ ୧୫ ବର୍ଷ ପୂର୍ବେ ଯେଉଁମାନଙ୍କ ମୃତ୍ୟୁ ହୋଇଛି ସେମାନେ କିଏ ଗୁଣିଆ ପାଖକୁ ତ ଅନ୍ୟ କେହି ଜଙ୍ଗଲକୁ ଶିକାର କରିବାକୁ ଯାଇ ମରିଥିବା କହିଛନ୍ତି। ଦେହ ଖରାପ ହେଲେ ସେମାନେ ଆଜି ବି ଗୁଣି ଗାରେଡ଼ି ଉପରେ ବିଶ୍ୱାସକରି ଜୀବନ ବିତାଉଛନ୍ତି।

# ବୋଲେରୋ ଧକ୍କାରେ ବାପଝିଅଙ୍କ ସମେତ ୩ ମୃତ

**ବ୍ରହ୍ମପୁର/ଚିକିଟି,୧୦।୬(ସୁବାସ ଚନ୍ଦ୍ର ପାଢ଼ୀ/ପ୍ରକାଶ ଚନ୍ଦ୍ର ସାହୁ)**

**ସୀମାଞ୍ଚଳ ଦର୍ଶନ ଅଧୁରା ରହିଲା**

ଆନ୍ଧ୍ରପ୍ରଦେଶର ସୀମାଞ୍ଚଳ ପୀଠକୁ ମାନସିକ ପୂରଣ ପାଇଁ ଯାଉଥିଲେ। ହେଲେ ତାହା ଅଧୁରା ରହିଗଲା। ସଡ଼କ ଦୁର୍ଘଟଣାରେ ବାପଝିଅଙ୍କ ସମେତ ୩ ଜଣଙ୍କ ଜୀବନ ଚାଲିଗଲା। ମଙ୍ଗଳବାର ଭୋର୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କୋଟାବୋମାଲି ମଣ୍ଡଳ ଅଧୀନ ୟେଥୁରାଲାପା ନିକଟ ୧୬ ନଂ. ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଗଞ୍ଜାମ ଜିଲା ଚିକିଟି ବ୍ଲକ ଓ କେ.ନୂଆଗାଁ ଥାନା ଅନ୍ତର୍ଗତ ପୁରୁଣା ମୈସାନପୁର ଗ୍ରାମର ସୁଶାନ୍ତ କୁମାର ସାବତ (୫୨), ତାଙ୍କ ଝିଅ ସନ୍ତୋଷୀ ସାବତ (୩) ଏବଂ ସମ୍ପର୍କୀୟ କୋଳଥିଗାଁ ଗ୍ରାମର ମୂଳବାସିନ୍ଦା ତଥା ବ୍ରହ୍ମପୁର ଗେଟବଜାରର ଗୋକୁଳ ପଣ୍ଡା (୩୩)ଙ୍କ ମୃତ୍ୟୁ ଘଟିଛି।

ସୋମବାର ରାତି ପ୍ରାୟ ୨ଟାରେ ଦୁଇଟି ପରିବାରର ସଦସ୍ୟ ୨ଟି କାର୍‌ରେ ସୀମାଞ୍ଚଳ ଯାଉଥିଲେ। ସେଠାରେ ପିଲାଙ୍କ ମୁଣ୍ଡନ କରାଯାଇଥାନ୍ତା। ମଙ୍ଗଳବାର ଭୋର୍‌ରେ ୟେଥୁରାଲାପା ଜାତୀୟ ରାଜପଥ କଡରେ ସେମାନେ ଗାଡ଼ି ରଖିଥିଲେ। ସୁଶାନ୍ତ, ସନ୍ତୋଷୀ ଓ ଗୋକୁଳ ପରିସ୍ରା କରିବାକୁ ଗାଡିରୁ ଓହ୍ଲାଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ବୋଲେରୋ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଗାଡି ଧକ୍କାରେ ବାପଝିଅ ଓ ସମ୍ପର୍କୀୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ଶ୍ରୀକାକୁଲମ ଆ ର୍ ଆ ଇ ଏ ମ ଏ ସ୍ କେ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଶାନ୍ତ, ସନ୍ତୋଷୀ ଓ ଗୋକୁଳଙ୍କ ମୃତ୍ୟୁ ଘଟିଥିଲା। ଶ୍ରୀକାକୁଳମ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।




## ସଂକ୍ଷେପରେ

### ଯୁବକଙ୍କୁ ଛୁରି ଭୁସି ହତ୍ୟା

ଖଲ୍ଲିକୋଟ,୧୦।୬
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମରେ ଜଣେ ଯୁବକଙ୍କୁ ମଙ୍ଗଳବାର ଛୁରି ଭୁସି ହତ୍ୟା କରାଯାଇଛି। ସେ ହେଲେ ମାଣିକପୁର ଗ୍ରାମର ବସନ୍ତ ପ୍ରଧାନ। ବସନ୍ତ ବେଳା ଗ୍ରାମରେ ଥିବା ବାବା ବେଲେଶ୍ୱର ମନ୍ଦିରରେ ଶୋଇଥିଲେ। ଅପରାହ୍ନ ସାଢେ ୫ଟାରେ ଉଠି ସେ ମନ୍ଦିରରୁ ଘରକୁ ଫେରୁଥିଲେ। ଏହି ସମୟରେ ପୋଖରୀ ହୁଡାରେ ଦୁଇ/ତିନି ଜଣ ଯୁବକ ପଛରୁ ଆସି ବସନ୍ତଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ବସନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

### ଭିନ୍ନକ୍ଷମ ଚିହ୍ନଟ ମେଳା ହେଉଛି, ମିଳୁନି ପ୍ରମାଣପତ୍ର

ଶେରଗଡ଼,୧୦।୬
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକରେ ଭିନ୍ନକ୍ଷମ ଚିହ୍ନଟ ମେଳା ହେଉଛି ଅଥଚ ଚିହ୍ନଟ ହେଉଥିବା ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ମିଳୁ ନ ଥିବା ଅଭିଯୋଗ ହେଉଛି। ଗତ ଫେବୃଆରୀ ମାସରେ ଏଠଶରେ ଭିନ୍ନକ୍ଷମ ମେଳା ଓ ଚିହ୍ନଟ ଶିବିର ହୋଇଥିଲା। ଏଥିରେ ପ୍ରମାଣ ପତ୍ର ପାଇଁ ବହୁ ଭିନ୍ନକ୍ଷମ ବ୍ୟକ୍ତି ସାମିଲ ହୋଇଥିଲେ। ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କୁ ଚିହ୍ନଟ କରାଯାଇଥିଲେ ମଧ୍ୟ ସେଦିନ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳି ନ ଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରମାଣପତ୍ର ପାଇଁ ଅନେକଥର କାର୍ଯ୍ୟାଳୟକୁ ଦୌଡିବା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା ବୋଲି ଭିନ୍ନକ୍ଷମ ପ୍ରମାଣପତ୍ର ନେବାକୁ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା କେତେ ଜଣ ଭିନ୍ନକ୍ଷମ ବ୍ୟକ୍ତି ପ୍ରକାଶ କରିଛନ୍ତି। ମେଳାରେ ଏହି ପ୍ରମାଣପତ୍ର ପ୍ରଦାନ କରାଗଲେ ଭିନ୍ନକ୍ଷମମାନେ ଉପକୃତ ହେବେ। ଏଥିପ୍ରତି ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ସାହି ପରିକ୍ରମା କରୁଛନ୍ତି ମା'
#### ଚତୁର୍ଥ ଦିନରେ ଠାକୁରାଣୀ ଯାତ୍ରା

ଜି.ଉଦୟଗିରି,୧୦।୬
(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ମା' ବଡ଼ରାଉଳଦେବୀଙ୍କ ଠାକୁରାଣୀ ଯାତ୍ରା ମଙ୍ଗଳବାର ୪ର୍ଥ ଦିନରେ ପହଞ୍ଚିଛି। ଶୋଭାଯାତ୍ରାରେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରୁଛି। ପଞ୍ଚଦେବୀଙ୍କୁ ଅସ୍ଥାୟୀ ମଣ୍ଡପରୁ ବରଣ କରି ବିଭିନ୍ନ ପଟୁଆର ସହ ନିଜ ସାହିକୁ ନେଉଛନ୍ତି ଶ୍ରଦ୍ଧାଳୁ। ସୋମବାର ବରାଳିନୀ ସାହି ବାସିନ୍ଦା ମା'ଙ୍କୁ ବରଣ କରି ଶୋଭାଯାତ୍ରାରେ ନେଇ ବୁଲୁ ତ୍ରିପାଠୀଙ୍କ ଘର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲେ। ମଙ୍ଗଳବାରବାର ସନ୍ଧ୍ୟା ଆଳତି ପରେ ମା'ଙ୍କ ଘଟ ସ୍ଥାନୀୟ ପୋଲିସ ଥାନା, ଗୋଲାସାହି, କଚେରୀ ସାହି, ବସ୍‌ଷ୍ଟାଣ୍ଡ ସାହି ପରିକ୍ରମା କରି ଗାନ୍ଧୀ ଛକ ଦେଇ ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ସ୍ଥାନୀୟ ଅଞ୍ଚଳରେ ପ୍ରଥମ ଥର ପାଇଁ ଠାକୁରାଣୀ ଯାତ୍ରା ହେଉଥିବାରୁ ସହର, ବଜାର, ସାହି ଯାତ୍ରାପାଇଁ ଚଳଚଞ୍ଚଳ ହୋଇ ଉଠିଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବ। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ଯାତ୍ରା ପରିଚାଳନାରେ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି।

# ଜିଲାରେ ବୃଦ୍ଧି ପାଉଛନ୍ତି ରକ୍ତ ଶିକୁଳି ରୋଗୀ
## ରକ୍ତ ଭଣ୍ଡାରରେ ରକ୍ତ ଅଭାବରୁ ଚିନ୍ତାରେ ଅଭିଭାବକ

ପାରଳାଖେମୁଣ୍ଡି
୧୦।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଦିନକୁ ଦିନ ରକ୍ତ ଶିକୁଳି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଚଳିତ ମାସ ସୁଦ୍ଧା ଜିଲାର ୭ଟିଯାକ ବ୍ଲକ ସହ ସଦର ମହକୁମାକୁ ମିଶାଇ ପ୍ରାୟ ୧୬ଶହରୁ ଊର୍ଦ୍ଧ୍ୱ ରକ୍ତ ଶିକୁଳି ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ରୋଗରେ ପୀଡିତ ବ୍ୟକ୍ତିମାନଙ୍କ ପାଇଁ ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଉଛି। ଫଳରେ ସେମାନଙ୍କ ପରିବାର ଲୋକେ ଏବଂ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତ। ଚଳିତ ମାସ ସୁଦ୍ଧା ଜିଲାରେ ପ୍ରାୟ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା କରଯାଇଥିଲା। ସେଥିରୁ ୧୬ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ପଜେଟିଭ ଥିବା ଜଣାପଡିଛି। ଏହା ଏକ ବଂଶଗତ ରୋଗ ହୋଇଥିବାରୁ ଏହାର ନିରାକରଣ ସହଜ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଜିଲାରେ ବହୁ ରୋଗୀ ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ସରକାରଙ୍କ ପକ୍ଷରୁ ଏହି ରୋଗୀଙ୍କୁ ଭିନ୍ନକ୍ଷମ ବର୍ଗରେ ଗ୍ରହଣ କରି ବିନା ମୂଲ୍ୟରେ ରକ୍ତ ପ୍ରଦାନ କରିବା ସହ ଚିକିତ୍ସା ପାଇଁ ଅର୍ଥ ପ୍ରଦାନ, ଭତ୍ତା ପ୍ରଦାନ ନେଇ ସୁବିଧା ଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଧାରୁ ଅଧିକ ରୋଗୀ ଏହି ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଅଧିକାଂଶ ରୋଗୀ ଅନଲାଇନ ମାଧ୍ୟମରେ ପଞ୍ଜୀକୃତ ହୋଇପାରୁ ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ ରୋଗୀଙ୍କୁ ପ୍ରମାଣପତ୍ର ମିଳିପାରୁନାହିଁ। ଫଳରେ ଅଧିକାଂଶ ରୋଗୀ ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧାରୁ ବଞ୍ଚିତ ହେଉଛନ୍ତି। ରୋଗୀ ରକ୍ତ ନେବାପାଇଁ ଜଲା ଚିକିତ୍ସାଳୟକୁ ଯିବା ବେଳେ ସେମାନଙ୍କୁ ରକ୍ତ ମିଳୁନାହିଁ। ଏଥିଯୋଗୁ ସେମାନଙ୍କ ସଂପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ପୂର୍ବଭଳି ରକ୍ତଦାନ ଶିବିର ମଧ ହେଉନାହିଁ। ଫଳରେ ପୂର୍ବ ଭଳି ଆଉ ରକ୍ତ ଭଣ୍ଡାରକୁ ରକ୍ତ ଆସୁନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମୁବାରକ ଅଲ୍ଲୀଙ୍କୁ ପଚାରିବାରୁ ସେ କହିଲେ, ଏହା ଏକ ବଂଶଗତ ରୋଗ ହୋଇଥିବାରୁ ସନ୍ତାନ ଜନ୍ମ ପୂର୍ବରୁ ଉଭୟ ସ୍ୱାମୀ ସ୍ତ୍ରୀ ଏଥିପ୍ରତି ସଚେତନ ରହିବା ଆବଶ୍ୟକ। ରକ୍ତ ଶିକୁଳି ରୋଗରେ ଶିକାର ହେଉଥିବା ସମସ୍ତ ରୋଗୀ କିପରି ସରକାରଙ୍କ ସମସ୍ତ ସୁବିଧା ପାଇପାରିବେ ସେଥିପ୍ରତି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ଜେନେରେଟର ଅଚଳ, ରୋଗୀ ହୀନସ୍ତା



ଦାରିଙ୍ଗବାଡି, ୧୦।୬ (ଅରୁଣ ସାହୁ)

ଦାରିଙ୍ଗବାଡି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ମଙ୍ଗଳବାର ରାତି ସୁଦ୍ଧା ସେବା ସ୍ୱାଭାବିକ ହୋଇ ନ ଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧା ଭୋଗୁଛନ୍ତି। ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକ ଏକ ପ୍ରକାର ଅଚଳ ହୋଇପଡିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ପ୍ରଭାବିତ ହୋଇଛି। ରୋଗୀମାନେ ଅନ୍ଧାରରେ ଚିକିତ୍ସିତ ହେଉଛନ୍ତି । ସବୁଠାରୁ ବଡ଼ ସମସ୍ୟା ହେଉଛି ଟାଙ୍କିରେ ପାଣି ସରିଯାଇଥିବାରୁ ସଫେଇ କାର୍ଯ୍ୟ ହୋଇପାରିନି। ଶୌଚାଳୟରେ ପାଣି ନ ଥିବାରୁ ରୋଗୀମାନେ ହିନସ୍ତା ଭୋଗୁଛନ୍ତ।

**ଦାରିଙ୍ଗବାଡି ଅଞ୍ଚଳରେ ବିଦ୍ୟୁତ୍ ବ୍ୟାହତ**

ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ରହିଥିବା ଜେନେରେଟର ବର୍ଷେରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ଜଣାଇବା ସହ ବ୍ଲକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ ସୁଫଳ ମିଳିନି। ଉକ୍ତ ଜେନେରେଟର ମରାମତି କରାଯାଇନି କି ନୂଆ ଆସୁନି ବୋଲି ସେ କହିଛନ୍ତି । ଖବର ଲେଖାଯିବା ସୁଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କାର୍ଯ୍ୟ ହୋଇପାରିନାହିଁ ।

# ଫେଲ୍ ମାରୁଛି ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା
## ଧାର୍ଯ୍ୟ ସମୟର ୪ ଘଣ୍ଟା ପରେ ଆରମ୍ଭ ହେଲା

କବିସୂର୍ଯ୍ୟନଗର,୧୦।୬
(ନବୀନରାଜ ଆଚାର୍ଯ୍ୟ)

କବିସୂର୍ଯ୍ୟନଗର କଲ୍ୟାଣମଣ୍ଡପଠାରେ ସୁଭଦ୍ରା ଶକ୍ତି ପକ୍ଷରୁ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅନିୟମିତତା ଦେଖାଦେଇଛି। ନିର୍ଦ୍ଧାରିତ ସମୟ ସକାଳ ୮ଟା ହୋଇଥିବା ବେଳେ ବିଭିନ୍ନ ଅଧିକାରୀଙ୍କ ଧାର୍ଯ୍ୟ ସମୟରେ ଦେଖାମିଳି ନ ଥିଲା। ପ୍ରତିଯୋଗିତାକୁ ଘରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇ ଆସିଥିଲା। ପ୍ରତିଯୋଗିତାରେ ହାତଗଣତି କେତେ ଜଣ ମହିଳାଙ୍କୁ ଦେଖିବାକୁ ମିଳିଥିଲା । ସେମାନେ ପ୍ରତିଯୋଗିତାକୁ ପିଠା ଆଦି ପ୍ରସ୍ତୁତ କରି ଅଣିଥିଲେ। ପଡ଼ିଥିବା ଚେୟାର ସବୁ ଖାଲି ପଡିଥିଲା। ହାତଗଣତି କିଛି ମହିଳା ଓ ବ୍ଲକ କର୍ମଚାରୀ ବସିଥିବା ଦେଖିବାକୁ ମିଳିଥିଲା। ଦିନ ୧୨ଟା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାକାର୍ଯ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଚିଠି ମାଧ୍ୟମରେ



ମଙ୍ଗଳବାର ସକାଳ ୮ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ସମସ୍ତଙ୍କୁ ଅବଗତ କରାଯାଇଥିଲା। ମାତ୍ର ଦିନ ୧୨ଟା ପରେ ସିଡିପିଓ ବୀଣାପାଣି ମିଶ୍ର, ବ୍ଲକ ଅଧକ୍ଷ ବୀରେନ୍ଦ୍ର ଖଟେଇ, ତହସିଲଦାର ରବୀନ ମିଶ୍ର, ନିରୀକ୍ଷକ ଅଧାପିକା ଆଭା ପଟ୍ଟନାୟକ ଆସି ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ନିମନ୍ତ୍ରିତ କବିସୂର୍ଯ୍ୟନଗର ବିଧାୟକ ଓ ବିଡ଼ିଓ ଅନୁପସ୍ଥିତ ଥିଲେ । ହାତଗଣତି କେତେ ଜଣ ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ ଅଧିକାରୀଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ଏପରି ଅବ୍ୟବସ୍ଥା ଦେଖି ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା ଫେଲ ମାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣା, ଜେଲଗଲେ ଅଭିଯୁକ୍ତ

ଦିଗପହଣ୍ଡି,୧୦।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣାରେ ମଙ୍ଗଳବାର ଦୀପକ ନାୟକଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସ କୋର୍ଟକୁ ଚାଲାଣ କରିଛନ୍ତି। ମାମଲା ନଂ.୨୦୧/୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ଗତ ଶନିବାର ସନ୍ଧ୍ୟାରେ ଛାତ୍ରୀ ଜଣକ ତାଙ୍କ ସାଙ୍ଗର ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗଦେବାକୁ କହି ଘରୁ ଯାଇଥିଲେ। ରାତି ୮ ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଦୀପକ ପୂର୍ବରୁ ତାଙ୍କ ଝିଅ ମୋବାଇଲ ଫୋନକୁ ବାରମ୍ବାର ଫୋନ କରିଥିବାରୁ ସେ ହିଁ ତାଙ୍କ ଝିଅକୁ ଅପହରଣ କରିଥିବା ନେଇ ଛାତ୍ରୀଙ୍କ ମା' ସନ୍ଦେହ କରି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ତଦନ୍ତକାରୀ ଅଧିକାରୀ ଅପହୃତା ଛାତ୍ରୀଙ୍କୁ ସୋମବାର ସନ୍ଧ୍ୟାରେ ଉଦ୍ଧାର କରିଥିଲେ। ଅଭିଯୁକ୍ତ ଦୀପକଙ୍କୁ ଥାନାକୁ ଉଠାଇ ଆଣିଥିଲେ। ମଙ୍ଗଳବାର ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇ ପରେ ଦୀପକଙ୍କୁ କୋର୍ଟଚାଲାଣ କରାଯାଇଥିଲା।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ବିଧାୟକ ଖାଦ୍ୟ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

ଛତ୍ରପୁର,୧୦।୬
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମଙ୍ଗଳବାର ନୂଆ ବସଷ୍ଟାଣ୍ଡ ଟର୍ମିନାଲ ପରିସରରେ ଅନୁଷ୍ଠିତ ହୋଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମହିଳାମାନେ ବିଭିନ୍ନ ପାରମ୍ପରିକ ପିଠା ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଉପାଧକ୍ଷା ଏସ.ସାରଦା ରେଡ୍ଡୀ, ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି.ପାପା ରାଓ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ ଉପସ୍ଥିତ ଥିଲେ। ବିପିଏମ୍ ମାନିନୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସଂଯୁକ୍ତା ସାହୁ କହିଥିଲେ, ଆଜିର ଯୁବ ପିଢ଼ି ପିଜା, ବର୍ଗର ଓ ମୋମୋ ପ୍ରତି ଆକର୍ଷିତ ହେଉଛନ୍ତି। ଏଭଳି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମ ସରକାର ଆୟୋଜନ କରିଥିବାରୁ ପିଲାମାନେ ଏହାପ୍ରତି ନିଶ୍ଚିତ ଆକର୍ଷିତ ହେବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରୁ କଣମଣା ପଞ୍ଚାୟତର ନିର୍ମଳା ଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ବିପୁଲିଙ୍ଗି ପଞ୍ଚାୟତର ମା' ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି।

# ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

ଭଞ୍ଜନଗର,୧୦।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ଝୋଲାରି ଗ୍ରାମର ମା', ପୁଅଙ୍କୁ ହତ୍ୟା ଉଦ୍ୟମ ନେଇ ରୁଜୁ ମାମଲାର ବିଚାର କରି ମଙ୍ଗଳବାର ଭଞ୍ଜନଗର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଦେବାଶିଷ ବିଷୋୟୀ ଅଭିଯୁକ୍ତ ରୂପ ନାରାୟଣ ଦଳବେହେରାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ପକାଇଛନ୍ତି। ଜରିମାନା ଅର୍ଥ ଅନାଦାୟ ହେଲେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅର୍ଥ ଆଦାୟ ହେଲେ ପୀଡ଼ିତାଙ୍କୁ ଉକ୍ତ ଅର୍ଥ ପ୍ରଦାନ କରାଯିବାକୁ ରାୟରେ କୁହାଯାଇଛି ବୋଲି ସରକାରୀ ଓକିଲ ଦିବାକର ନାୟକ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ପେଣ୍ଠୁରାପଲ୍ଲି ଗ୍ରାମର ରୂପ ନାରାୟଣ ତାଳଚେରରେ ଏକ କମ୍ପାନୀରେ ଚାକିରୀ କଥିଲେ। ଅଭିଯୋଗକାରୀ ଅନିଲଙ୍କ ଭାଇ ମଧ ସେଠାରେ ଚାକିରୀ କରୁଥିବାରୁ ଉଭୟଙ୍କ ମଧ୍ୟରେ ପରିଚୟ

**ମା', ପୁଅଙ୍କୁ ହତ୍ୟା ଉଦ୍ୟମ ମାମଲା**

ଥିଲା। ୨୦୨୦ ଅକ୍ଟୋବର ୫ରେ ରୂପ ନାରାୟଣ ବୁଗୁଡ଼ା ଥାନା ଅନ୍ତର୍ଗତ ଝୋଲାରି ଗ୍ରାମର ଅନିଲ ବିଷୋୟୀଙ୍କ ଘରେ ପଶି କୌଣସି କାରଣରୁ ତାଙ୍କ ଭାଉଜ ଓ ନାବାଳକ ପୁତୁରାଙ୍କୁ ଏକ ଧାରୁଆ ଅସ୍ତ୍ରରେ ବେକକୁ ଆକ୍ରମଣ କରିଥିଲେ। ଫଳରେ ମା'ଓ ପୁଅ ଗୁରୁତର ହୋଇଥିଲେ। ଅନିଲ ଏନେଇ ଗ୍ରାମବାସୀଙ୍କୁ କହିବା ପରେ ଗ୍ରାମବାସୀ ଏକାଠି ହୋଇ ରୂପ ନାରାୟଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଆହତ ମା' ଏବଂ ପୁଅଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନିଲଙ୍କ ଏତଲାକ୍ରମେ ପୋଲିସ ରୂପ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରୂପ ନାରାୟଣ ଜେଲରେ କିଛିଦିନ ବିତାଇବା ପରେ ଜାମିନରେ ଆସିଥିଲେ। ଏହାର ସାକ୍ଷ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ମାମଲାର ରାୟ ପ୍ରକାଶ ପରେ ରୂପ ନାରାୟଣଙ୍କୁ ପୁଣି ଜେଲ ହାଜତକୁ ପଠାଯାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଦିବାକର ନାୟକ ଏବଂ ମୁଦଲାଙ୍କ ପକ୍ଷରୁ ଲଡ୍ଡୁ କିଶୋର ଆଳତିଆ ମାମଲା ପରିଚାଳନା କରୁଥିଲେ।

# ନୂତନ ତହସିଲଦାରଙ୍କୁ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ଦାରିଙ୍ଗବାଡି, ୧୦।୬ (ଅରୁଣ ସାହୁ)

ଦାରିଙ୍ଗବାଡିରେ ନୂତନ ତହସିଲଦାର ଭାବେ ଧୀରୋଜ ପାତ୍ର ଯୋଗ ଦେବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ମଙ୍ଗଳବାର ଦାରିଙ୍ଗବାଡି ଭାଜପା ପକ୍ଷରୁ ମଣ୍ଡଳ ସଭାପତି ମିଟୁ ସାହୁ ଏବଂ କନ୍ଧମାଳ ଏମ୍‌ପିଙ୍କ ଦାରିଙ୍ଗବାଡି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ପାତ୍ରଙ୍କୁ ଅଙ୍ଗବସ୍ତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ରାଜ୍ୟ ସରକାରଙ୍କ ଘୋଷଣା ପ୍ରକାରେ ଭୂମିହୀନଙ୍କୁ ତୁରନ୍ତ ଚିହ୍ନଟ କରି ଜମି ଯୋଗାଇ ଦେବାକୁ ଭାଜପା ପକ୍ଷରୁ ନିବେଦନ କରାଯାଇଛି। ଅଞ୍ଚଳବାସୀଙ୍କୁ ବିଶେଷ କରି ବିଭିନ୍ନ ପ୍ରମାଣ ପତ୍ର ପାଇଁ ଆସୁଥିବା ଉପଭୋକ୍ତାଙ୍କୁ ଶୀଘ୍ର ପ୍ରମାଣପତ୍ର ପ୍ରଦାନ ସହ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦେବାକୁ ତହସିଲଦାରଙ୍କୁ ନିବେଦନ କରାଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାରିଙ୍ଗବାଡି ସରପଞ୍ଚ ଚନ୍ଦ୍ରିକା ମଲିକ,ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ, ଭାଲୁ ସାହୁ, ପ୍ରଭାକର ସାହୁ, ମୀନକେତନ ସାହୁ, ମହେଶ୍ୱର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନାଟକ ଉଦ୍‌ଘାଟନ କଲେ ମନ୍ତ୍ରୀ

ପୋଲସରା,୧୦।୬(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ପଙ୍କଳବାଡି ଗ୍ରାମ ବଡ଼ସାହିରେ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ରାମେଶ୍ୱର ଯୁବ ନାଟ୍ୟ ସଂସଦ ପକ୍ଷରୁ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ମଞ୍ଚସ୍ଥ ହୋଇଛି। ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ଓ କ୍ଷୁଦ୍ର ଓ ଅତିକ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରତାପ ପ୍ରଧାନ, ସରପଞ୍ଚ ଭଗବାନ ସାହୁ, ରଘୁନାଥ ଭୂୟାଁ, ଭାରତୀ ବେହେରା, ଲିଲି ବେହେରା, ଦୁର୍ଗା ଚରଣ ଦାଶ, ମହେଶ୍ୱର ପରିଡ଼ା, ରାମକୃଷ୍ଣ ପ୍ରଧାନ, ଦୀପକ ପୋଲେଇ, ପ୍ରସନ୍ନ ଡାକୁଆ, ମୋଚିରାମ ସାହୁ, କୃଷ୍ଣଚନ୍ଦ୍ର ଜେନା, ଚିତ୍ରସେନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ପାଟ୍ଟଖଣ୍ଡାଙ୍କ ସମ୍ପତ୍ତି, ଆୟବ୍ୟୟ ତଥ୍ୟ ଦେବାକୁ ଦାବିକଲା ଗ୍ରାମ୍ୟ କମିଟି

ବାଲିଗୁଡ଼ା,୧୦।୬:
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟ୍ଟଖଣ୍ଡାଙ୍କ ଦୈନିକ ନୀତିର ସୁପରିଚାଳନା ସହ ମା'ଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ତାଲିକା ଏବଂ ତାହାର ରକ୍ଷଣାବେକ୍ଷଣ କିଭଳି ହୋଇପାରିବ ସେନେଇ ସ୍ଥାନୀୟ ଟାଉନ ହଲଠାରେ ବାଲିଗୁଡ଼ା ଗ୍ରାମ୍ୟ କମିଟି ପକ୍ଷରୁ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଗତ ବର୍ଷମାନଙ୍କରେ ମନ୍ଦିର ପରିଚାଳନା କମିଟି ମା'ଙ୍କ ସମ୍ପତ୍ତିର କୌଣସି ଠିକ ବିବରଣୀ ଦେଉ ନାହିଁ। ଆୟବ୍ୟୟର କୌଣସି ତଥ୍ୟ ସାର୍ବଜନିକ କରୁ ନ ଥିବରୁ ସହରବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ଗତ ୧୦ ବର୍ଷ ମଧ୍ୟରେ ମା' ପାଟ୍ଟଖଣ୍ଡାଙ୍କ ସମ୍ପତ୍ତି କ'ଣ ହୋଇଛି, କେତେ ଟଙ୍କା ଆଦାୟ ହୋଇଛି, ମା'ଙ୍କ ନିକଟକୁ ଆସୁଥିବା ଶ୍ରଦ୍ଧାଳୁ କେତେ,ସୁନା ରୁପା, ଟଙ୍କା ଦାନ ଦେଇଛନ୍ତି ମନ୍ଦିର ପରିଚାଳନା କମିଟିକୁ ଏହାର ଜବାବ ମାଗିଛନ୍ତି ଅଞ୍ଚଳବାସୀ । ବୈଠକରେ ଏକ ଅସ୍ଥାୟୀ ଗ୍ରାମ୍ୟ କମିଟି ଗଠନ କରାଯାଇଛି। ମା'ଙ୍କ ସମ୍ପତ୍ତି ତଥା ଆୟ ବ୍ୟୟର ଅଡିଟ କରି ସାର୍ବଜନୀନ କରିବାକୁ ଗ୍ରାମ୍ୟ କମିଟି ପକ୍ଷରୁ ପ୍ରଶାସନକୁ ଦାବିପତ୍ର ଦେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ବାଲିଗୁଡ଼ା ସହରର ୧୩ଟି ୱାର୍ଡର ଜନସାଧାରଣଙ୍କ ସମେତ ସମସ୍ତ କାଉନସିଲର, ବୁଦ୍ଧିଜୀବୀ, ସହରର ବ୍ୟବସାୟୀଙ୍କ ସମେତ ମା' ପାଟ୍ଟଖଣ୍ଡା ମାର୍କେଟ କମ୍ପ୍ଲେକ୍ସର ସମସ୍ତ ବ୍ୟବସାୟୀ, ରାଜନୈତିକ ଦଳର ନେତୃବୃନ୍ଦ ଓ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ଗଛ, ବିଦ୍ୟୁତ୍ ଖୁଣ୍ଟ

ଖଜୁରିପଡ଼ା,୧୦।୬( ବିଦୂର ବେହେରା)



ଖଜୁରିପଡ଼ା ବ୍ଲକ ଅଞ୍ଚଳରେ ସୋମବାର ରାତିରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ବର୍ଷା ପବନରେ ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିବା ବେଳେ କେତେକ ଘରର ଛପର ଉଡ଼ି ଯାଇଛି। ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଛି । ବିଦୁତ୍ ତାର ଛିଣ୍ଡି ପଡ଼ିଛି। ବିଦ୍ୟୁତ୍ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ସୀତାପଦର, ପକାଡମ୍ବା, ସମ୍ବର ଡେଗାରେ, ଆଡାପାଙ୍ଗୁ, ଜାମଝୋରି, ବାରିକୁମ୍ପା, ସୁନ୍ଦରଗଡ଼ ଆଦି ଗାଁରେ କେଉଁଠି ତାର ଛିଣ୍ଡି ପଡ଼ିଛି ତ ଆଉ କେଉଁଠି ଖୁଣ୍ଟ ଉପୁଡ଼ି ପଡ଼ିଛି। ମଙ୍ଗଳବାର ଦିନ ତମାମ ବିଦ୍ୟୁତ୍ କର୍ମଚାରୀମାନେ ମରାମତି କାର୍ଯ୍ୟରେ ଲାଗି ରହିଥିବା ଯନ୍ତ୍ରୀ ବିଚିତ୍ରା ବିଷୋୟୀ ସୂଚନା ଦେଇଛନ୍ତି। ନବଗୁବା ଛକ ଆର୍.ଡି. ରାସ୍ତାରେ ଏକ ବଡ଼ ଆମ୍ବଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। କିଛି ସମୟ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଖଜୁରିପଡ଼ା ଅଗ୍ନିଶମ ବାହିନୀର ଦିଲୀପ କୁମାର ସାହୁ, ବିକଳ ବେହେରା, ସୁଶାନ୍ତ କୁମାର ନାୟକ, ନବୀନ ସେଠୀ, ଅସିଦ୍ଧ ପ୍ରଧାନ, ତନ୍ମୟ ସେଠୀ ପହଞ୍ଚି ଗଛ କାଟିବା ସହିତ ଜେସିବିରେ ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ବୋଲି ଏସଡିଓ ବିଷ୍ଣୁ କେଶରୀ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଗୁଦାରୀ, ନୂଆଗାଁ ଏବଂ ଦୂତିପଡ଼ା ଗାଁରେ ଘର ଛପର ଉଡେଇ ନେବା ଦ୍ୱାରା ଲୋକେ ହଇରାଣ ହୋଇଛନ୍ତି। ସେମାନଙ୍କୁ ପଲିଥିନ ଦିଆଯାଇଥିବା ତହସିଲଦାର ଶୁଭଶ୍ରୀ ରଥ ସୂଚନା ଦେଇଛନ୍ତି।

# ପ୍ରାଣୀଙ୍କ ଆଶୁ ଚିକିତ୍ସାରେ ପ୍ରାଣୀମିତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଞ୍ଜନଗର,୧୦।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପ୍ରାଣୀ ସମ୍ପଦ ବିକାଶ ବିଭାଗ କର୍ମଚାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ସମ୍ପ୍ରସାରଣ ତାଲିମ କେନ୍ଦ୍ରରେ ମଙ୍ଗଳବାରପ୍ରାଣୀମିତ୍ର ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହା ଜୁନ ୨୬ ପର୍ଯ୍ୟନ୍ତ ୧୭ ଦିନ ଚାଲିବ। ଗଞ୍ଜାମ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡ଼ା ଅଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଣୀମିତ୍ରମାନଙ୍କ ଭୂମିକା ସମ୍ପର୍କରେଆଲୋକପାତ କରି ଗୃହପାଳିତ ପ୍ରାଣୀଙ୍କ ଆଶୁ ଚିକିତ୍ସାରେ ପ୍ରାଣୀମିତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅତିରିକ୍ତ ଜିଲା ପ୍ରାଣୀଚିକିତ୍ସା

**ପ୍ରାଣୀମିତ୍ର ତାଲିମ ଶିବିର ଉଦ୍‌ଘାଟିତ**




ଶିବିରରେ ଉପସ୍ଥିତ ଅତିଥି।

ଅଧିକାରୀ (ଏଡିଭିଓ) ଡା. ତରୁଣେନ୍ଦୁ ପାତ୍ର, ଉପ ନିର୍ଦ୍ଦେଶକ ଡ଼ା କାର୍ତ୍ତିକ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡ଼ା ସୌମ୍ୟ ରଞ୍ଜନ ପତି କାର୍ଯ୍ୟକ୍ରମ ପରିଚାଳନା କରି ପ୍ରାଣୀମିତ୍ରଙ୍କୁ ତାଲିମ ଥିଲେ। ମୁଖ୍ୟ ତାଲିମଦାତା ଡ଼ା. ଅବିନାଶ ସାହୁଙ୍କ ନେତୃତ୍ୱରେ ଡ଼ା. ବିଜୟିନୀ ପଣ୍ଡା, ଡା. ସମୀର ଦାସ ବିଭିନ୍ନ ଅଧିବେଶନରେ ତାଲିମ ପ୍ରଦାନ ବ୍ୟବସ୍ଥା ହୋଇଛି। ଏଥିରେ ଚିକିଟି, ବେଗୁନିଆପଡ଼ା, ଛତ୍ରପୁର ବ୍ଲକର ମହିଳା ପ୍ରାଣୀମିତ୍ରମାନେ ତାଲିମ ନେଉଛନ୍ତି। ତାଲିମ କାର୍ଯ୍ୟକ୍ରମ ସମୟରେ ସେମାନଙ୍କୁ ପଶୁପାଳନରେ ସମ୍ପ୍ରସାରଣ ଶିକ୍ଷା, ଗୃହପାଳିତ ପ୍ରାଣୀଙ୍କ ଆଶୁଚିକିତ୍ସାଠାରୁ ଆରମ୍ଭ କରି ଟିକାକରଣ, ଗୋ ମଇଁସାଦି ଯତ୍ନ, ଖାଦ୍ୟ ପରିଚାଳନା, ସବୁଜ ଘାସ ପରିଚାଳନା, କ୍ଷୀର ମାପିବା, ସଂକ୍ରାମକ ରୋଗ ନିୟନ୍ତ୍ରଣ, ମହୁ ଚାଷ ଉପରେ ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ୫/୭ ଦିନ ପ୍ରାଣୀମିତ୍ରମାନେ ବିଭିନ୍ନ ବ୍ଲକରେ କ୍ଷେତ୍ର ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି ।

**ସଂକ୍ଷେପରେ**

## ଲୋକଙ୍କ ପାଖକୁ ଯାଇ ସରକାରୀ ଯୋଜନା ବୁଝାଅ

ଫୁଲବାଣୀ,୧୦।୬ (ରାଜେଶ କୁମାର ରାଉତ): ଫୁଲବାଣୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରଥମ ଦିଶା ଅଧିବେଶନ ତଥା ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ପର୍ଯ୍ୟଟନ ଆଦି ବିଭିନ୍ନ ବିଭାଗରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତେ ମିଳିମିଶି ଜିଲ୍ଲାର ବିକାଶ କରିବା ହେଉଛି ଏହି ଅଧିବେଶନର ମୂଳ ଲକ୍ଷ୍ୟ। ଲୋକଙ୍କ ପାଖକୁ ଯାଇ ସରକାରୀ ଯୋଜନା ବିଷୟରେ ବୁଝାଇଲେ ଲୋକମାନେ ତାହାର ଲାଭ ନେଇପାରିବେ। ଏହା ସମସ୍ତଙ୍କର ଦାୟିତ୍ୱ। କନ୍ଧମାଳବାସୀ ଆମ ପରିବାର, ଏହି ଭାବନା ନେଇ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ଏମ୍‌ପି ପରାମର୍ଶ ଦେଇଥିଲେ। ବୈଠକରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶ୍ରୀ ନନ୍ଦିନୀ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦାରିଙ୍ଗବାଡ଼ି ଅତିରିକ୍ତ ତହସିଲଦାରଙ୍କ ବଦଳି

ଦାରିଙ୍ଗବାଡି,୧୦।୬ (ଅରୁଣ ସାହୁ): ଦାରିଙ୍ଗବାଡି ତହସିଲ କାର୍ଯ୍ୟାଳୟରୁ ଅତିରିକ୍ତ ତହସିଲଦାର ନମିତା ପ୍ରଧାନଙ୍କ ବଦଳି ହୋଇଛି। ରାଜ୍ୟ ସରକାର ତାଙ୍କୁ ନବରଙ୍ଗପୁର ସଦରକୁ ଅତିରିକ୍ତ ତହସିଲଦାର ଭାବେ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଦୁଃଶାସନ ସ୍ୱାଇଁଙ୍କୁ ଦାରିଙ୍ଗବାଡି ତହସିଲ କାର୍ଯ୍ୟାଳୟର ନୂତନ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ଦେଇଛନ୍ତି।

# କାଳବୈଶାଖୀ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

## ଗଛପଡ଼ି ରାସ୍ତା ଅବରୋଧ ସହ ହୋଇଛି ବିଦ୍ୟୁତ୍ ବିଚ୍ଛିନ୍ନ

ଗଞ୍ଜାମ/ରାମଗିରି,୧୦।୬ (ବିଦ୍ୟାଧର ସାହୁ/ ବୃନ୍ଦାବନ ଗୌଡ଼)



ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ସୋମବାର ଅପରାହ୍ନରେ କାଳ ବୈଶାଖୀ ପବନ ଓ ବର୍ଷା ହୋଇଛି। ଏହା ପ୍ରଭାବରେ ଅଞ୍ଚଳବ୍ୟାପକ କ୍ଷୟକ୍ଷତି ହେବା ସହ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଖରେଡି ରାଧା ଗୋବିନ୍ଦପୁର, ସାନ ରାମଚନ୍ଦ୍ରପୁର, ସୁବଳୟା, ରାମଗଡ଼ ଆଦି ପଞ୍ଚାୟତରେ ଚାଷପାଇଁ ବୁଣାଯାଇଥିବା ଫୁଲକୋବି, ବନ୍ଧା କୋବି ବିହନ ପଡି ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। ସେହିପରି ଭେଣ୍ଡି, ବାଇଗଣ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ରାସ୍ତାରେ ବଡ଼ ବଡ଼ ଗଛ ଗୁଡିକ ବିଭିନ୍ନ ସ୍ଥାନରେ ପଡି ରାସ୍ତା ଅବରୋଧ ହୋଇପଡ଼ିଛି। ସିପକୁଡା ପ୍ରାଥମିକ ନାହାକଙ୍କ ବାଇକ୍ ଉପରେ ଏକ ବିଦ୍ୟୁତ୍ ପୋଲ ପଡି ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ସେହିପରି ପାଣି ପଞ୍ଚାୟତ ଦ୍ୱାରା ପ୍ରଦତ୍ତ ସୋଲାର ପ୍ଲେଟ ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଡି ପଡ଼ିଛି। କଣ୍ଟାପଡା ଛକଠାରୁ ସିପକୁଡା, କଣ୍ଟାପଡା ଛକରୁ ବିଟି ମୁଆଗାଁ, ବାଲିକଗଡ଼ ଠାରୁ ପାଲୁରୁଗଡ଼, ୧୬ ନମ୍ବର ଜାତୀୟ ରାଜପଥରେ କୁରୁଡିଠାରୁ ହୁମ୍ମା ମଧ୍ୟରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଏନେଇ ସ୍ଥାନୀୟ ସମାଜିକ କର୍ମୀ ହେମନ୍ତ ନାହାକ, ଗଞ୍ଜାମ ବିଡିଓ ଅଜୟ ନାୟକଙ୍କ ଦୃଷ୍ଟି ଆକର୍ଷଣ କରବାରୁ ବିଡ଼ିଓ ଓଡିଆରପି ଓ ଦମକଳ ବାହିନୀକୁ ଯୋଗାଯୋଗ କରିବା ସହ ନିଜେ ଉପସ୍ଥିତ ରହି ରାସ୍ତା ଅବରୋଧ ହଟାଇଥିଲେ। କଣ୍ଟାପଡା ଛକରେ ରହିଥିବା ପେଟ୍ରୋଲ ପମ୍ପ ଓ କାଜୁ ତେଲ ଉତ୍ପାଦନ କମ୍ପାନୀର ମଧ୍ୟ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ସୋମବାରଠାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ ଅଞ୍ଚଳବାସୀ ନାହିଁଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ରାମଗିରିରେ ମଧ୍ୟ ସୋମବାର ରାତିରେ କାଳ ବୈଶାଖୀ ତାଣ୍ଡବ ରଚିଛି। ଏହା ପ୍ରଭାବରେ ଘଡଘଡି ମାରିବା ସହ ଖୁବ ଜୋରରେ ବର୍ଷା ଓ ପବନ ହୋଇଥିଲା। ଆର. ଉଦୟଗିରି ବ୍ଲକ ସୁବଲତା ପଞ୍ଚାୟତର ପୁଡ଼ା ଛକରେ ରାତି ୩ଟାରେ ଏକ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଫଳରେ ଯାନବାହାନ ଚଳାଚଳରେ ବାଧା ଉପୁଜିଥିଲା। ରାମଗିରି ଥାନା ଅଧିକାରୀ ଡି. ଗଙ୍ଗାଦେଇ ବୋରା ସୂଚନା ପାଇ ଆର.ଉଦୟଗିରି ଅଗ୍ନିଶମ ବିଭାଗ ଏବଂ ରାମଗିରି ବନ ବିଭାଗକୁ ଖବର ଦେଇଥିଲେ। ଆର. ଉଦୟଗିରି ଅଗ୍ନିଶମ ବିଭାଗ ଅଧିକାରୀ ଏମ. ଫକୀର ପାତ୍ରଙ୍କ ନେତୃତ୍ୱରେ ଅଗ୍ନିକ ଶ୍ରୀଧର ସେଠୀ, ଗୋବିନ୍ଦ ପାଣିଗ୍ରାହୀ ଏବଂ ଉଦୟନାଥ ବେହେରା ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛ କାଟି ରାସ୍ତା ସଫା କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ରେଞ୍ଜର ପୁରୁଷ ପ୍ରତୀକ ପଜନାୟକଙ୍କ ଟିମ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ୧୫ ଦିନ ମଧ୍ୟରେ ମେଡିକାଲ କଲେଜ ଖୋଲ: ଜିଲ୍ଲା କଂଗ୍ରେସ

## ଏଠାରେ କିଛି ମଧ୍ୟ ହୋଇନି, ନାମକୁ ଉଦ୍‌ଘାଟନ କରାଯାଇଛି

ଫୁଲବାଣୀ, ୧୦।୬ (ରାକେଶ କୁମାର ରାଉତ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୭ ତାରିଖରେ କନ୍ଧମାଳ ଆସି ଫୁଲବାଣୀ ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲେ। ଆମେ ମଙ୍ଗଳବାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିକାଲ ଯାଇଥିଲୁ। ଆମକୁ ସେଠାରେ ଥିବା ସିକ୍ୟୁରିଟି ଗାର୍ଡ ଛାଡିଲେ ନାହିଁ। ଯଦି ମେଡିକାଲ କଲେଜ ଉଦ୍‌ଘାଟନ ହେଲା ତାହାଲେ ଚିକିତ୍ସା କାହିଁକି ହେବନି। ଏଠାରେ କିଛି ମଧ୍ୟ ହୋଇନି। ନାମକୁ ଉଦ୍‌ଘାଟନ କରାଯାଇଛି। ଯଦି ୧୫ ଦିନ ମଧ୍ୟରେ ମେଡିକାଲ କଲେଜ ନ ଖୋଲେ ରାଜ ରାସ୍ତାକୁ ଜିଲ୍ଲା କଂଗ୍ରେସ ଓହ୍ଲାଇବ ବୋଲି ମଙ୍ଗଳବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ପରିଡା କହିଛନ୍ତି। ପରିଡା ସୂଚନା ଦେଇ କହିଛନ୍ତି, ମେଡିକାଲ କଲେଜ ପୂର୍ବତନ ସରକାର ସମୟରେ ହୋଇଛି। ଏ ସରକାର କିଛି କରିନାହାନ୍ତି। ନୂଆ ମେଡିକାଲ କଲେଜରେ କୌଣସି ଭିତିଭୂମି ନାହିଁ। ରୋଗୀ ସେବା କିପରି ହେବ। କାହିଁକି ଏବଂ କେଉଁ ପରିସ୍ଥିତିରେ ମେଡିକାଲ କଲେଜ ଉଦ୍‌ଘାଟନ ହେଲା ତାହାର ଉତ୍ତର ସରକାର ଲୋକଙ୍କ ପାଖରେ ରଖନ୍ତୁ ବୋଲି ପରିଡା ଦାବି କରିଛନ୍ତି। ଯଦି ସବୁ ଠିକ ଅଛି, ତାହାଲେ ୧୫ ଦିନ ମଧ୍ୟରେ ମେଡିକାଲ ଖୋଲ ଏବଂ ଚିକିତ୍ସା ଆରମ୍ଭ କର। ଏହା ନ ହେଲେ ଜିଲ୍ଲା କଂଗ୍ରେସ ମେଡିକାଲ ସମେତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ଘନ ଶବରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବାଇକ୍, ଏମ୍ବୁଲାନ୍ସ ଗାଡି ମୁହାଁମୁହିଁ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ମୋହନା,୧୦।୬(ମନ୍ମଥ ମିଶ୍ର)

କନ୍ଧଗୁଡା ଗ୍ରାମକୁ ଏକ ଭୋଜି ଖାଇବାକୁ ଯାଇ ଫେରୁଥିବା ବେଳେ ଏକ ବାଇକ୍ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଯୁବକ ଫେରାର ହୋଇଯାଇଛନ୍ତି। ଖବରରୁ ଜଣାପଡିଛି, ଏଣ୍ଡ୍ରିମା ଗ୍ରାମର ଭାମ ମଲ୍ଲିକ (୬୨) ଓ ସ୍ତ୍ରୀ କାମିମାଞ୍ଜୀ (୪୨) ଘରୁ ବାହାରି କନ୍ଧଗୁଡ଼ା ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବାକୁ ଯାଇ ଏମ୍ବୁଲାନ୍ସ ଗାଡ଼ିରେ ଗାଁକୁ ଫେରୁଥିଲେ। ଏହି ସମୟରେ ଅପରପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ ଆରଖାନ ଫାଇବ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସ୍ୱାମୀ ସ୍ତ୍ରୀ ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭାମଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ କାମିମାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।


**ଭୁବନେଶ୍ୱରରେ ଘରେ ରହି କାମ କରିବା ପାଇଁ ଝିଅ ପିଲା ଆବଶ୍ୟକ।**
(ବ୍ରାହ୍ମଣ ଝିଅ ପିଲାଙ୍କୁ ପ୍ରଥମ ଅଗ୍ରାଧିକାର ଦିଆଯିବ) ଯୋଗାଯୋଗ-
**9776115557**


# ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଧରାକୋଟ/ଶେରଗଡ଼,୧୦।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ/ ସୂର୍ଯ୍ୟ ନାରାୟଣ ଦାଶ) ଧରାକୋଟ ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁଶୀଲ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମ୍ମାନିତ ଅତିଥି ଭାବେ ତହସିଲଦାର ଲୟଧର ମାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ବଳାଲ୍, ସିଡିପିଓ, ସୁନିଲପ୍ରଭା ରଥ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସୁଶାନ୍ତ ନାୟକ ପରିଚାଳନା କରିଥିଲେ। ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବ୍ଲକର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ପୋଡପିଠା, ମାଣ୍ଡିଆ ଲଡୁ, ଚନ୍ଦ୍ରକାନ୍ତି,ଭଜିଲ ପିଠା, ମଣ୍ଡା ପିଠା, ଖିରପୁଳି ଓ ଆରିଶା ପିଠା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ, ସମୃଦ୍ଧି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅତିଥିମାନେ ଯଥାକ୍ରମେ ୫ ହଜାର ଓ ୪ ହଜାର ଟଙ୍କା ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୫୦ ଜଣ ମହିଳା ଯୋଗ ଦେଇଥିଲେ। ପ୍ରଥମ ପୁରସ୍କାରପ୍ରାପ୍ତ ଗୋଷ୍ଠୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ମିଶନଶକ୍ତିର ଉଷାରାଣୀ ବେହେରା, ମାଳତୀ ସ୍ୱାଇଁ ପରିଚାଳନା କରିଥିଲେ। ନିର୍ଣ୍ଣାୟକ ଭାବେ ଭାଗ୍ୟବତୀ ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ ଥିଲେ।

ଶେରଗଡ଼ ମିଶନ ଶକ୍ତି ସଭା ଗୃହରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ।୨୨ଟି ପଞ୍ଚାୟତରୁ ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପାରମ୍ପରିକ ଖାଦ୍ୟ କାକରା,ଆରିଶା,ଚକୁଲି, ଚନ୍ଦ୍ରକାନ୍ତି, ମୁଗ କାନ୍ତି, ଦହିବରା, ମାଣ୍ଡିଆ ଖିରି, ମାଣ୍ଡିଆ ଚମ୍ପା, ମାଣ୍ଡିଆ ଲଡୁ, ମାଣ୍ଡିଆ ଜାଉ, ଚୁଡ଼ା ଖିରି, ଖେଚୁଡ଼ି, ବଡ଼ିଚୁରା, ମାଣ୍ଡିଆ ବିସ୍କୁଟ, ଛେନା ଖିରି ଆଦି ପ୍ରସ୍ତୁତ କରି ଆଣିଥିଲେ। ସବୁ ଖାଦ୍ୟ ବେଞ୍ଚ ଉପରେ ରଖି ପ୍ରଦର୍ଶିତ କରାଯାଇଥିଲା। ବିଚାରକ ଭାବେ ଏବିଇଓ ସୈରନ୍ଧ୍ରୀ ଦଳେଇ, ପୋଷଣ ସଂଯୋଜକ ଶିବଶଙ୍କର ଆଚାରୀ, ସିଡିପିଓ ମମତାମଞ୍ଜରୀ ପଣ୍ଡା ବିଚାରକ ଭାବେ ରହି ପ୍ରଦର୍ଶନରେ ସାମିଲ ଥିବା ଖାଦ୍ୟଗୁଡିକର ମୂଲ୍ୟାୟନ କରିଥିଲେ। ବାଲୁଙ୍କେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଓ ବ୍ରାହ୍ମଣଛାଇ ମା' କନକ ଦୁର୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦ୍ୱିତୀୟ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ମିଶନ ଶକ୍ତି ପରିଚାଳକ ସଦାଶିବ ସେଠୀ, ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

## ନୂତନ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଧରାକୋଟ,୧୦।୬(ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଶିକ୍ଷା ଅଧିକାରୀ ଭାବେ ଅଭିମନ୍ୟୁ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏବିଇଓ ସୌରୀ ଶଙ୍କର ବେହେରା, ବରିଷ୍ଠ କିରାଣି ଜୟଦେବ ମୁଦୁଲି, ଦିବାକର ସ୍ୱାଇଁ, ଭାରପ୍ରାପ୍ତ ପାତ୍ର, ଅବସରପ୍ରାପ୍ତ ଏବିଇଓ ସିମାଞ୍ଚଳ ବେହେରା ପ୍ରମୁଖ ନୂତନ ଶିକ୍ଷା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଉପହାର ଦେଇ ସମ୍ବର୍ଦ୍ଧନା କରିଥିଲେ। ସମସ୍ତ ବର୍ଗର ଶିକ୍ଷକ ସଂଘର କର୍ମକର୍ତ୍ତା ଏବଂ ବରିଷ୍ଠ ଶିକ୍ଷକ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ଶିକ୍ଷା ଅଧିକାରୀ ଗୁଣାତ୍ମକ ଶିକ୍ଷା ଏବଂ ଛାତ୍ରଛାତ୍ରୀଙ୍କୁ ଡେମପ୍ରାଉଟ୍ ଶିକ୍ଷାରେ ନିପୁଣ କରିବା ସହ କର୍ମଚାରୀଙ୍କୁ ବିଭିନ୍ନ ସମସ୍ୟା ସମାଧାନରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ।


**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No.1378/OSOU/2025 Dt. 06.06.2025

**EXTENSION NOTICE**

The last date of submission of application (Online/Offline) against Employment Notice No. 1166/OSOU/2025 dated 07.05.2025 for recruitment of faculties is hereby extended till 30th June 2025 (5:00 P.M.). Rest of the information and terms and conditions as per the above Notice remain unchanged.

For details of terms and application form, please visit **www.osou.ac.in**

Sd-
Registrar



**ନ୍ୟାଶନାଲ ସଫେଇ କର୍ମଚାରୀ ଫାଇନାନ୍ସ ଆଣ୍ଡ ଡେଭଲପମେଣ୍ଟ କର୍ପୋରେସନ (ଏନ୍‌ଏସ୍‌କେଏଫ୍‌ଡିସି)**
(ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରାଳୟ ଅଧୀନରେ ଏକ ଭାରତ ସରକାରଙ୍କ ଉଦ୍ୟୋଗ)

**ଏନ୍‌ଏସ୍‌କେଏଫ୍‌ଡିସି ଦ୍ୱାରା ବିଭିନ୍ନ ପଦବୀ ପାଇଁ ବ୍ୟକ୍ତିମାନଙ୍କର ନିଯୋଜନ**

ଏନ୍‌ଏସ୍‌କେଏଫ୍‌ଡିସି ପରିମଳ କାର୍ଯ୍ୟରେ ମୃତ୍ୟୁ ଘଟଣାକୁ ଶୂନ୍ୟ କରିବା ଏବଂ ସିୱେର ଏବଂ ସେପ୍ଟିକ୍ ଟାଙ୍କି ସଫେଇ କର୍ମଚାରୀଙ୍କ ନିରାପତ୍ତା ଏବଂ ମର୍ଯ୍ୟାଦାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଥିବା ନ୍ୟାଶନାଲ ଆକ୍ସନ୍ ଫର୍ ମେକାନାଇଜ୍‌ଡ ସାନିଟେସନ୍ ଇକୋ-ସିଷ୍ଟମ୍ (ନମସ୍ତେ) ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନୋଡାଲ ଏଜେନ୍ସି ଅଟେ। ସିୱେର ଏବଂ ସେପ୍ଟିକ୍ ଟାଙ୍କି କର୍ମଚାରୀଙ୍କ ଉପରେ ଫୋକସ୍ ସହ ଦେଶର ସମସ୍ତ ସହରରେ 'ନମସ୍ତେ' ଯୋଜନାର କାର୍ଯ୍ୟାନ୍ୱୟନ କରାଯାଉଛି।

ଏନ୍‌ଏସ୍‌କେଏଫ୍‌ଡିସି ସମ୍ପୂର୍ଣ୍ଣ ଅସ୍ଥାୟୀ ଏବଂ ପ୍ରକଳ୍ପ-ଭିତ୍ତିରେ ନମସ୍ତେ ଯୋଜନା ଅଧୀନରେ ନିମ୍ନଲିଖିତ କର୍ମଚାରୀ ଆବଶ୍ୟକ କରୁଛି।

୧. ମେଡିକାଲ ପ୍ରୋଫେସନାଲ ଅବସରପ୍ରାପ୍ତ ବ୍ୟକ୍ତି (ସିଜିଏଚ୍‌ଏସ୍/ଇଏସ୍‌ଆଇର ଜଣେ ଅବସରପ୍ରାପ୍ତ ସରକାରୀ ଡାକ୍ତର ହୋଇଥିବା ବାଞ୍ଛନୀୟ)
୨. ଆକାଉଣ୍ଟ ଅଫିସର (ଅବସରପ୍ରାପ୍ତ ସରକାରୀ ପଦାଧିକାରୀ)
୩. ଜାତୀୟ ପ୍ରକଳ୍ପ ପରିଚାଳକ
୪. ରାଜ୍ୟ ପ୍ରକଳ୍ପ ପରିଚାଳକ

ଯୋଗ୍ୟତା ସର୍ତ୍ତାବଳୀ, କାର୍ଯ୍ୟର ରୂପରେଖ ଏବଂ ଆବେଦନର ଫର୍ମାଟ୍ ଆଦି ସମ୍ବନ୍ଧିତ ସୂଚନା ପ୍ରକ୍ରିୟା ଏନ୍‌ଏସ୍‌କେଏଫ୍‌ଡିସି ୱେବ୍‌ସାଇଟ୍: https://nskfdc.nic.in/en/content/home/recruitment-0 ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ସବୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ ହୋଇଥିବା ଆବେଦନ ସର୍ବଶେଷ ତା୨୪।୦୬।୨୦୨୫ରିଖ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ।

cbc 38123/12/0001/2526



**PRASANNAMANI COLLEGE OF PHYSICAL EDUCATION & YOGA**
AT/P.O. - TIGIRIA, DIST. : CUTTACK - 754 030
Mob - 9437666135, Ph. No. - 06723-235124, E-mail : pmcpedy@gmail.com
Ref. No. ............ Date : ............

RECOGNISED BY THE NCTE, NEW DELHI & AFFILIATED TO UTKAL UNIVERSITY, VANI VIHAR, BBSR & BSE, ODISHA, CUTTACK

**ADMISSION NOTICE**

We invite candidates for admission into C.P.Ed - 2YRS, B.P.Ed - 2YRS, B.P.E.S. - 3YRS and M.P.E.S. - 2YRS Courses for the session 2025-26 in the prescribed form and prospectus available in the college office on working days between 10 A.M. to 4 P.M. or may be downloaded from the college website - www.pmcpe.com.

**DETAILS OF CRITERIA**

1. Sale of Admission form - Dt.12.06.2025 to 30.06.2025
2. Last Date of submission of Application by Dt.03.07.2025
3. Cost of form :

| | | | |
|---|---|---|---|
| C.P.Ed-2YRS | Rs.400/- | (by hand or D.D. in favour of P.M.C.P.Ed & Yoga, Tigiria, Cuttack) | |
| | Rs.450/- | (by Post) | |
| B.P.Ed-2YRS | Rs.450/- | (by hand) | - do - |
| | Rs.500/- | (by Post) | |
| B.P.E.S-3YRS | Rs.250/- | (by hand) | - do - |
| | Rs.300/- | (by Post) | |
| M.P.E.S-2YRS | Rs.450/- | (by hand) | - do - |
| | Rs.500/- | (by Post) | |

**ELIGIBILITY**
(a) C.P.Ed :- +2 Pass or its equivalent with NCTE norms.
(b) B.P.Ed :- +3 Pass or its equivalent with NCTE norms.
(c) B.P.E.S :- +2 Pass or its equivalent.
(d) M.P.E.S :-
(i) B.P.Ed pass with 50% marks.
(ii) for SC/ST & OBC with 45% of marks in all B.P.E./B.P.E.S.-3Yrs/4years integrated B.P.Ed. courses as per the rule of concerned State Govt.

**FOR DETAILED INFORMATION**
Contact No. - 9437666135 or 9861766206

Sd./- PRINCIPAL cum SECRETARY
P.M.C.P.Ed & Yoga, Tigiria



**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ତରଫରୁ, ବରିଷ୍ଠ ଡିଭିଜନାଲ ସିଗନାଲ ଓ ଦୂରସଞ୍ଚାର ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ ... www.ireps.gov.in ରେ ପ୍ରକାଶିତ ...

(PR-245)



**DISTRICT PROJECT OFFICE**
**SAMAGRA SHIKSHA, ANGUL**
E-mail : dpcangulssa.opepa@nic.in, ssaangul@rediffmail.com
Order No.1806/G.E Date : 10.06.2025

**ADVERTISEMENT FOR FILLING UP OF DIFFERENT POSTS IN KGBVS OF ANGUL DISTRICT**

In pursuance to OSEPA Letter No 5857/dt.29.05.2025, applications are invited from eligible female candidates for the post of Warden, Accountant, Part Time Teacher (Sanskrit), Part Time Teacher (Science and Mathematics), Part Time Teacher (English) in 02 numbers of Kasturba Gandhi Balika Vidyalaya (KGBV) i.e Govt.Nodal UPS, Khamar, Pallahara and Dhaurapali UPS Dhaurapali, Kishorenagar block under Samagra Sikhya, Angul on Contractual Basis.

The last date for receipt of application form is 31.07.2025. Application form and details can be downloaded from the website http://osepa.odisha.gov.in and http://angul.odisha.gov.nic. Corrigendum/ addendum, if required will be uploaded in the above websites. Hence all applicants are requested to be in continuous touch with the above websites for updated information.

By Order of Collector-cum-Chairperson, S.S, Angul
Sd/- District Education Officer-cum-DPC
Samagra Shiksha, Angul



**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SA/O/SU/2500000980 : Rate contract for supply of resin cast CT & PT.**
2. **TPWODL/VP/O/SU/2500000973 : PO for Supply of Testing Equipment's in TPWODL.**

Interested bidders are to submit Tender Participation Fee and Authorization Letter through email on or before 21st June 2025, 15:00Hrs, respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in the tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd/- Head- Contracts & Procurement



**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ... ତାରିଖ: ୦୪।୦୬।୨୦୨୫ ... www.ireps.gov.in ...

| କ୍ର. ସଂ. | ଟେଣ୍ଡର ନଂ. | ଖୋଲିବା ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ଟଙ୍କାରେ |
|---|---|---|---|---|---|
| ୧ | [illegible] | [illegible] | [illegible] | [illegible] | [illegible] |
| ୨ | [illegible] | [illegible] | [illegible] | [illegible] | [illegible] |
| ୩ | [illegible] | [illegible] | [illegible] | [illegible] | [illegible] |
| ୪ | [illegible] | [illegible] | [illegible] | [illegible] | [illegible] |
| ୫ | [illegible] | [illegible] | [illegible] | [illegible] | [illegible] |
| ୬ | [illegible] | [illegible] | [illegible] | [illegible] | [illegible] |
| ୭ | [illegible] | [illegible] | [illegible] | [illegible] | [illegible] |
| ୮ | [illegible] | [illegible] | [illegible] | [illegible] | [illegible] |
| ୯ | [illegible] | [illegible] | [illegible] | [illegible] | [illegible] |
| ୧୦ | [illegible] | [illegible] | [illegible] | [illegible] | [illegible] |
| ୧୧ | [illegible] | [illegible] | [illegible] | [illegible] | [illegible] |
| ୧୨ | [illegible] | [illegible] | [illegible] | [illegible] | [illegible] |
| ୧୩ | [illegible] | [illegible] | [illegible] | [illegible] | [illegible] |
| ୧୪ | [illegible] | [illegible] | [illegible] | [illegible] | [illegible] |
| ୧୫ | [illegible] | [illegible] | [illegible] | [illegible] | [illegible] |

... www.ireps.gov.in ... (PR-243)



**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**

**E-Procurement Notice**
Tender Reference No.- RCD/DUMKA/975
Date – 10.06.2025

| | | |
|---|---|---|
| 1. | Name of the work | Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26. Job No. CRF-JHR-2025-26-73 |
| 2(a) | Approximate value of Work (Rs. In Lacs ) | Rs 6394.00 Lacs (Rupees Sixty Three Crore Ninety Four Lac Only) |
| (b) | Bid Security ( Rs In Lacs ) | Rs 63.94 Lacs |
| 3. | Time of Completion | Eighteen Months |
| 4. | Last date/Time for receipt of bids | 28.07.2025 Up to 12.00 Noon. |
| 5 | Date of Publication of Tender on website | 23.06.2025 AT 10.30 A.M |
| 6 | Pre Bid Meeting | 01.07.2025 At 11.00 A.M |
| 7. | Name & address of office Inviting tender | Executive Engineer Road Division, Dumka |
| 8. | Contact no. of Procurement officer | 8252424164 |
| 9. | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in

Executive Engineer,
Road Construction Department,
Road Division, Dumka

PR.NO.354584 Road(25-26):D



**GOVERNMENT OF CHHATTISGARH,**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION NO.I, AMBIKAPUR, DISTT. - SURGUJA (C.G.)**

e-Procurement Tender Notice
eProcurement Portal : https://eproc.cgstate.gov.in
(FIRST-CALL)

NIT NO. 01/SAC/2025-26 DATED - 06.06.2025 Online Tenders are invited for the following works up to 27.06.2025. (17.30 hours IST)

| S. No. | System Tender No. | Name of Work | Probable amount of contract |
|---|---|---|---|
| 1 | 169598 | DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL | Rs.48.63 Lakhs |
| 2 | 169602 | CONSTRUCTION OF STOPDAM CUM CAUSEWAY AT SAKHOLI GAGAR RIVER | Rs.466.94 Lakhs |

The details can be viewed & downloaded online directly from the Govt. of Chhattisgarh integrated e-Procurement portal (https://eproc.cgstate.gov.in) from dated 13.06.2025 at 17:31 hours (IST) onwards.

Note : All eligible/interested contractors/bidders are mandated to get enrolled on the entegrated e-Procurement portal (https://eproc.cgstate.gov.in) and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

Sd./- EXECUTIVE ENGINEER
WATER RESOURCES DIVISION NO.I, AMBIKAPUR (C.G.)
For, Chief Engineer
Hasdeo Ganga Basin, W.R. Deptt.
Ambikapur, Sarguja (C.G.)

G-252601454/2


See Career Appointment on every Wednesday & Saturday

# ଗଞ୍ଜାମର କିଆଚାଷ ଉପରେ ଗବେଷଣା ଆରମ୍ଭ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ମିଳିଲା ଦାୟିତ୍ୱ
## ୫ ଲକ୍ଷ ୫୦ ହଜାର ଅନୁଦାନ ମଞ୍ଜୁର

ବ୍ରହ୍ମପୁର,୧୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରେ ଅଧିକ ପରିମାଣରେ କିଆ ଫୁଲ ଦେଖିବାକୁ ମିଳେ। ଅନେକ ଅଞ୍ଚଳରେ ବି ଏହି ଚାଷ କରାଯାଉଛି। ବିଶେଷ କରି ଜିଲାର ରଙ୍ଗେଇଲୁଣ୍ଡା, ଚିକିଟି, ଗଞ୍ଜାମ ଓ ଛତ୍ରପୁର ବ୍ଲକରେ ଏହି ଚାଷ ବହୁଳ ଭାବେ ହେଉଛି। ଜିଲାରୁ ପ୍ରାୟ ୯୦ ଭାଗ କିଆର ସୁଗନ୍ଧିତ ଜଳ ଉତ୍ପାଦିତ ହେଉଛି। ଚାଷୀ ଓ ଚାଷକୁ ପ୍ରୋତ୍ସାହିତ କରିବାକୁ ସରକାର ଏବେ ଉଦ୍ୟମ କରିଛନ୍ତି। ତେଣୁ ଏହି କିଆ ଫୁଲ ଚାଷ ଉପରେ ଗବେଷଣା କରିବା ପାଇଁ ଏକ ୨ ବର୍ଷିଆ ପ୍ରକଳ୍ପ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଛି। ଗତ ମାର୍ଚ୍ଚ ୧୭ରୁ ଏହି ପ୍ରକଳ୍ପ ଆରମ୍ଭ ହୋଇ ଗବେଷଣା ଜାରି ରହିଛି। ଯେ କୌଣସି ଜଳବାୟୁରେ ଏହି ଚାଷ ହୋଇପାରିବ। ତେଣୁ ଏହାକୁ ବଣୁଆ ଗଛ ବୋଲି କୁହାଯାଉଛି। ଉକ୍ତ ଫୁଲର ମିଠା ସୁଗନ୍ଧ ଓ ଅର୍ଥନୈତିକ ଗୁରୁତ୍ୱ ଯାହା ରହିଛି ତାହା ପାଇଁ ଏହି ଚାଷ ଏବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକ ନୂଆ ଗବେଷଣାର କେନ୍ଦ୍ରବିନ୍ଦୁ ହୋଇଛି। ବିଶେଷ କରି ଜଳବାୟୁର



ସ୍ଥିତିସ୍ଥାପକତା ଓ ଟିକସାଲି ଜୀବିକା ଉପରେ ଏହି ଗବେଷଣା ଆଧାରିତ ହେବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୫.୫୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ତଥା ପ୍ରକଳ୍ପର ମୁଖ୍ୟ ଗବେଷକ ଚନ୍ଦ୍ରିକା ପ୍ରସାଦ ଦାସ କହିଛନ୍ତି, ଗଞ୍ଜାମର କିଆ ଅତରର ଦେଶ ବିଦେଶରେ ଆଦର ରହିଛି। ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ଫୁଲର ମୁଖ୍ୟ ଭୂମିକା ରହିଛି। ବିଭିନ୍ନ ଗବେଷଣାର କେନ୍ଦ୍ରବିନ୍ଦୁ ସାଜିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଏହି ଦାୟିତ୍ୱ ମିଳିବା ନିଶ୍ଚିତ ଭାବେ ଗର୍ବର ବିଷୟ ବୋଲି ସେ କହିଛନ୍ତି। ଏହି ଗବେଷଣାର ଲକ୍ଷ୍ୟ ହେଉଛି କିଆ ଚାଷର ସମ୍ପ୍ରସାରଣ ସମ୍ଭାବନାକୁ ଅନୁସନ୍ଧାନ କରିବା, କିଆକୁ କଞ୍ଚାମାଲ ଭାବେ ବ୍ୟବହାର କରି ଛୋଟ ଶିଳ୍ପ ସ୍ଥାପନର ସମ୍ଭାବ୍ୟ ସ୍ଥିତିର ମୂଲ୍ୟାଙ୍କନ କରିବା, ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ଦୀର୍ଘମିଆଦୀ ଟିକସାଲିତା ପାଇଁ ନୀତିଗତ ପରାମର୍ଶ ପ୍ରଦାନ କରିବା, କିଆ ଫୁଲ ଚାଷ କରିବା ଦ୍ୱାରା ସେମାନଙ୍କ ଜୀବିକା ବଢ଼ୁଛି ନା କମୁଛି ଆଦି ଉପରେ ଗବଷେଣା ଆରମ୍ଭ ହୋଇଛି। ଏଠାରୁ କଞ୍ଚାମାଲ ଅନ୍ୟ ରାଜ୍ୟକୁ ଯାଉଛି। ସେଠାରେ ଅତର ପ୍ରସ୍ତୁତ କରି ବିକ୍ରି କରାଯାଉଛି। ଯଦି ଏଠାରେ କିଆ ଫୁଲ ଅତରର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଆନ୍ତା ତେବେ ଅନେକ ଶ୍ରମିକ ସୃଷ୍ଟି ହୋଇପାରନ୍ତେ। ଗ୍ରାମାଞ୍ଚଳ ଅର୍ଥନୈତିକ ପ୍ରଗତି ହୋଇପାରନ୍ତା ବୋଲି ସେ କହିଛନ୍ତି। ଦାସ ଆହୁରି କହିଛନ୍ତି ଯେ, ଏହି ଗବେଷଣା ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ବଜାର ସଂଯୋଗୀକରଣ ଓ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବ, ଯାହା କୃଷି ଓ ଶିଳ୍ପ ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବ। ପାରମ୍ପରିକ ଜ୍ଞାନ ଦ୍ୱାରା ଚାଲୁଥିବା ଏହି ପ୍ରକଳ୍ପକୁ ଅତ୍ୟାଧୁନିକ ପ୍ରଣାଳୀ ସହିତ ଏହାକୁ ଜଡିତ କରି କିଭଳି ଏକ ଟିକସାଲି ଭବିଷ୍ୟତ ଗଢ଼ାଯିବ ସେଥିପାଇଁ ଉଦ୍ୟମ କରାଯିବ। ନୂଆ ଶିକ୍ଷା ନୀତି ୨୦୨୦ର ଉଦ୍ଦେଶ୍ୟ ସହିତ ସମ୍ପୂର୍ଣ୍ଣ ସମନ୍ୱୟ ରଖି ଏହି ଗବେଷଣା କରାଯିବ ବୋଲି ସେ କହିଛନ୍ତି। ତାଙ୍କ କହିବା କଥା ହେଲା ଓଡ଼ିଶାର ଉପକୂଳ ଅଞ୍ଚଳ ପାରାଦୀପ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଆଦି ଅଞ୍ଚଳରେ ବହୁତ ଗଛ ହୋଇଛି। ବହୁତ ଫୁଲ ବି ମିଳୁଛି। କିନ୍ତୁ ବାସ୍ନା ରହୁନି। କେବଳ ଗଞ୍ଜାମ ମାଟିରେ ଏହି ଫୁଲ ଭଲ ବଢ଼ୁଛି ବୋଲି ଆଙ୍ଗୁଳିସ୍ଥିତ କିଆଫୁଲ ଉପରେ କାମ କରୁଥିବା କେନ୍ଦ୍ର ସରକାରଙ୍କ ଏମଏସଏମଇ ପକ୍ଷରୁ ସୂଚନା ମିଳୁଛି। ତେଣୁ ଏହି ପ୍ରକଳ୍ପ ଉପରେ ଗବେଷଣା ଆରମ୍ଭ ହୋଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଡଷ୍ଟବିନ୍ ବ୍ୟବହାର ବାଧ୍ୟତାମୂଳକ, ନଚେତ୍ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର,୧୦।୬(ସ୍ମୃତି ରଞ୍ଜନ ମହାଲିକ)

ସହରକୁ ସ୍ୱଚ୍ଛ ରଖିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ସଫଳ ହୋଇପାରୁନି। ଫଳରେ ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଜମି ରହୁଛି। ପରିମଳ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟ କିନ୍ତୁ ଜାରି ରହିଛି। ସହରକୁ ସ୍ୱଚ୍ଛ ରଖିବାକୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନକୁ ପରିମଳ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ଦିଆଯାଇଛି। ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ଏକ ଅଡିଓ ବାର୍ତ୍ତା ମାଧ୍ୟମରେ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ସ୍ୱଚ୍ଛ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ରାସ୍ତା ପାର୍ଶ୍ୱ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ବ୍ୟବହାର କରୁଥିବା ସାମଗ୍ରୀ ଗୁଡିକୁ ଡ୍ରେନରେ ନପକାଇ ଡଷ୍ଟବିନରେ ପକାନ୍ତୁ। ସମସ୍ତ ବ୍ୟବସାୟୀ ଡଷ୍ଟବିନ ବ୍ୟବହାର କରିବା ବାଧ୍ୟତାମୂଳକ। ନିୟମ ଉଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ସହରବାସୀ ଘରର ଆବର୍ଜନା ଗୁଡିକୁ ଡ୍ରେନରେ ନ ପକାଇ ଅଳିଆ ବୁହା ଗାଡିରେ ଦେବା ପାଇଁ ସେ ଅନୁରୋଧ କରିଛନ୍ତି। ଏଥିସହ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ୍ତ ରହିବା ସହ ସହରର ସ୍ୱଚ୍ଛତା କ୍ଷେତ୍ରରେ ସହରବାସୀ ସହଯୋଗ କରିବା ପାଇଁ ଅଡିଓ ବାର୍ତ୍ତା ମାଧ୍ୟମରେ ନିବେଦନ କରିଛନ୍ତି।

### ବିଏମ୍‌ସିରେ ଦକ୍ଷ ଆର୍କିଟେକ୍ଟ ନିଯୁକ୍ତି ଦାବି

ବ୍ରହ୍ମପୁର,୧୦।୬
(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ରେ ବୃତ୍ତିଗତ ଭାବେ ଦକ୍ଷ ଆର୍କିଟେକ୍ଟଙ୍କ ଅଭାବ ହିଁ ନିଗମର ସମସ୍ତ ପ୍ରକଳ୍ପ ବିଳମ୍ବ ଓ ବିଫଳତାର ମୂଳ କାରଣ ବୋଲି ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ବର୍ତ୍ତମାନ ୪୨ ୱାର୍ଡ ବିଶିଷ୍ଟ ମହାନଗରରେ ରାସ୍ତା ଘାଟଠାରୁ ଆରମ୍ଭ କରି ଡ୍ରେନ, ପୋଖରୀ, ଭେଣ୍ଡିଂ ଜୋନ ଓ ବିଭିନ୍ନ କୋଠା ନିର୍ମାଣ ଭଳି ଯୋଜନାର ଡିପିଆର ପ୍ରସ୍ତୁତ କରାଯାଉଛି। ଯୋଜନାର ବ୍ୟୟ ଅଟକଳ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜଣେ ଆର୍କିଟେକଚରଙ୍କ ହାତରେ ନ୍ୟସ୍ତ ରହିଛି। ଫଳରେ ଅତ୍ୟଧିକ କାର୍ଯ୍ୟଭାର କାରଣରୁ ଜଣେ ମାତ୍ର ଆର୍କିଟେକଚର କାରଣରୁ ପ୍ରକଳ୍ପଗୁଡିକ ବିଳମ୍ବ ହେଉଛି। ସେହିପରି ଡିପିଆର ଓ ଉଦ୍ଦିଷ୍ଟ ବ୍ୟୟ ଅଟକଳ ମଧ୍ୟରେ ତାରତମ୍ୟ ରହୁଥିବାରୁ ଉପରିସ୍ଥ ଅଧିକାରୀ ସ୍ତରରେ ତ୍ରୁଟିକୁ ନେଇ ଆପତ୍ତି ଉଠାଯାଉଛି। ପୁଣି ଥରେ ତ୍ରୁଟି ଶୂନ୍ୟ ଭାବରେ ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ମହାନଗର ନିଗମର ଭୌଗୋଳିକ ପରିସୀମା ଓ ପ୍ରକଳ୍ପ କାର୍ଯ୍ୟକାରିତା ଦୃଷ୍ଟିରୁ ୩ରୁ ୪ ଜଣ ପାଠ୍ୟକ୍ରମ ଆଧାରିତ ବୃତ୍ତିଗତଧାରୀ ଆର୍କିଟେକ ନିଯୁକ୍ତ ପାଇବା ଆବଶ୍ୟକ ବୋଲି କମିଟି ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ମହାନଗର ନିଗମ ଏକ ପୂର୍ଣ୍ଣାଙ୍ଗ ଓ ବୃହତ୍ତର ମହାନଗର ନିଗମରେ ପରିଣତ ହେବାକୁ ଥିବା ବେଳେ ରାଜ୍ଯ ସରକାର ଜଣେ ଆବଶ୍ୟକତା ଅନୁଯାୟୀ ଆର୍କିଟେକ୍ଟ ନିଯୁକ୍ତି ପାଇଁ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।

### ଅପମିଶ୍ରିତ ନିଶାଦ୍ରବ୍ୟ ବିରୋଧରେ ସଚେତନତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୦।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ପୁଞ୍ଜିକଂଯ୍ଯା ଛକ ଏବଂ ସିଦ୍ଧେଶ୍ୱର ଗ୍ରାମ ଗଣିଆ ନାଳ ଛକ ଠାରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ ନିଶା ନୁହେଁ ଜୀବନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲା ଓ ଦାସକାଠିଆ ମାଧ୍ୟମରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଚିକିଟି ଅବକାରୀ ଇନ୍ସପେକ୍ଟର ସଞ୍ଜୟ ପଣ୍ଡା, ଦିଗପହଣ୍ଡି ଅବକାରୀ ଥାନା ଓଆଇସି ଅନୀତା ପ୍ରଧାନ, ଏଏସଆଇ ଏନ. ତ୍ରିପତି, କନଷ୍ଟେବଲ ନୀର ବେହେରା, ରାଜେଶ ଜେନା ଏବଂ ଏସ.କେ.ରାଜେଶଉଦ୍ଦିନ ଉପସ୍ଥିତ ଥିଲେ। ସଚେତନତା ସଭାରେ ଅବକାରୀ ଇନ୍ସପେକ୍ଟର ଉଦବୋଧନ ଦେଇ ଯୁବ ସମାଜ ନିଶାଦ୍ରବ୍ୟ ଓ ଅପମିଶ୍ରିତ ମାଦକଦ୍ରବ୍ୟ ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ମେ ୩୧ ରୁ ଅବକାରୀ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସଚେତନତା ଅଭିଯାନ ଆସନ୍ତା ୨୭ ଯାଏ ବିଭିନ୍ନ ଗ୍ରାମାଞ୍ଚଳରେ ଚାଲିବ ବୋଲି ଜଣାପଡିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ଶେଷ ବର୍ଷ ପରୀକ୍ଷାଫଳ ପ୍ରକାଶିତ



ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ।

ବ୍ରହ୍ମପୁର,୧୦।୬(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚଳିତ ବର୍ଷ ଏପ୍ରିଲ ମାସରେ ହୋଇଥିବା ସମସ୍ତ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ବୃତ୍ତିଗତ ପିଜି ବିଭାଗ ଶେଷ ବର୍ଷ ପରୀକ୍ଷା ଫଳ ପର୍ଯ୍ୟାୟ କ୍ରମେ ପ୍ରକାଶିତ ହୋଇଛି । ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଏମ. ସି. ଏ., ବୈଦ୍ୟୁତିକ ବିଜ୍ଞାନ, ଇତିହାସ, ଗୃହ ବିଜ୍ଞାନ, ଆଇ. ଆର. ପି. ଏମ., ବାଣିଜ୍ୟ, ସାମୁଦ୍ରିକ ବିଜ୍ଞାନ, ଏମ. ବି. ଏ., ଓଡ଼ିଆ, ପଦାର୍ଥ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଆଦି ବିଭାଗର ପାସ ହାର ଶତ ପ୍ରତିଶତ ହୋଇଥିବା ବେଳେ ଅର୍ଥଶାସ୍ତ୍ର, ପରିବେଶ ବିଜ୍ଞାନ, ଇଂରାଜୀ, ଭାଷା ବିଜ୍ଞାନ, ଆଇନ, ଗଣିତ, ସାମ୍ବାଦିକତା ଓ ଗଣ ଯୋଗାଯୋଗ, ଗ୍ରନ୍ଥାଗାର ବିଜ୍ଞାନ, ରାଜନୀତି ବିଜ୍ଞାନ, ଯାତ୍ରା ଓ ପର୍ଯ୍ୟଟନ ବିଭାଗର ପାସ ହାର ହାରାହାରି ୯୫ ପ୍ରତିଶତ ହୋଇଛି। ସେହିପରି ମେ ମାସ ୧୦ରୁ ଜୁନ ୧୦ ମଧ୍ୟରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ବିଭାଗର ପରୀକ୍ଷା ଫଳ ପ୍ରକାଶ ହୋଇଥିବା ପରୀକ୍ଷା ନିୟନ୍ତ୍ରକ ଡ. ସତ୍ୟ ନାରାୟଣ କୁଣ୍ଡୁ ସୂଚନା ଦେଇଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ପାସ କରିଥିବା ଛାତ୍ର, ଛାତ୍ରୀଙ୍କ ଉତ୍ତରୋତ୍ତର କାମନା କରିଛନ୍ତି। ଏହି ପରୀକ୍ଷା ଚଳିତ ବର୍ଷ ଏପ୍ରିଲ ମାସରେ ପରୀକ୍ଷା ଆରମ୍ଭ ହୋଇଥିଲା ।

# ବ୍ରହ୍ମପୁର-ଫୁଲବାଣୀ ରେଳ ଲାଇନ ଦାବି

## ଆଜି ପ୍ରସ୍ତୁତି ବୈଠକ, ୧୩ରେ ଭଞ୍ଜନଗରରେ ଶୋଭାଯାତ୍ରା

ଭଞ୍ଜନଗର,୧୦।୬(ବାବୁଲା ପ୍ରଧାନ)

ଦକ୍ଷିଣ ଓଡ଼ିଶା ରେଳ ଏବଂ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମପୁର ଫୁଲବାଣୀ ରେଳ ଲାଇନ ଦାବି ନେଇ ଗଞ୍ଜାମ ଓ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଏବଂ ଶୋଭାଯାତ୍ରା କରାଯାଉଛି। ଏନେଇ ଏକ ସଚେତନତା ରଥ ମଧ୍ୟ ପରିକ୍ରମାରେ ବାହାରିଛି। ଆସନ୍ତା ୧୩ ତାରିଖରେ ଉକ୍ତ ରଥ ଭଞ୍ଜନଗରରେ ପହଞ୍ଚିବ। ଏହି ଅବସରରେ ଭଞ୍ଜନଗରର ବିଭିନ୍ନ ସଙ୍ଗଠନ ପକ୍ଷରୁ ରଥକୁ ସ୍ୱାଗତ କରବା ପାଇଁ ସହରରେ ଏକ ସଭା ହେବ। ଏଥିପାଇଁ ଭଞ୍ଜନଗର ବାର ଆସୋସିଏସନ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସଭା ହୋଇଥିଲା। ଏଥିରେ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ପାଦକ ଜ୍ୟୋତିରାଜ ପତି, ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସନ୍ତୋଷ ନାୟକ, ଧବଳେଶ୍ୱର ମାଝୀ, ସୁଶାନ୍ତ ତ୍ରିପାଠୀ, ସନ୍ତୋଷ ପାଳ, ରଜତ ଦାସ, ଗିରିଜା ଶଙ୍କର ଭୂୟାଁ , ଚନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ବୁଧବାର ପୁଣି ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକଙ୍କ ତତ୍ତ୍ୱାବଧାନରେ ଆଲୋଚନା ବୈଠକ ହେବ। ଏଥିରେ ସାମିଲ ହେବାକୁ ସହରର ବିଭିନ୍ନ ସଙ୍ଗଠନକୁ ଡକାଯାଇଛି। ସୂଚନା ଯୋଗ୍ୟ, ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ବିତିଗଲାଣି ତଥାପି କନ୍ଧମାଳ ଜିଲାବାସୀ ରେଳ ଲାଇନ ଜିଲାରେ ଦେଖିନାହାନ୍ତି। ବ୍ରିଟିଶ ଶାସନ ପୂର୍ବରୁ ଗଞ୍ଜାମ ଜିଲାରେ ଯେତିକି ରେଳ ଲାଇନ ବିଛା ହୋଇଥିଲା ସେତିକି ହିଁ ବର୍ତ୍ତମାନ ରହିଛି। ଇଞ୍ଚେ ମଧ୍ୟ ଆଉ ଆଗକୁ ବଢ଼ିନାହି। ଆଗାମୀ ବଜେଟରେ ଉକ୍ତ ପ୍ରକଳ୍ପ ପାଇଁ କିଭଳି ଅର୍ଥ ଅନୁମୋଦନ ହେବ ସେଥିପାଇଁ ଆନ୍ଦୋଳନକୁ ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଛି।

# କୁଳ ବୈଠକରେ ମହିଳାଙ୍କୁ ଆକ୍ରମଣ

ବ୍ରହ୍ମପୁର,୧୦।୬(ସୁବାସ ଚନ୍ଦ୍ର ପାଢ଼ୀ) କୁଳ ବୈଠକ ଚାଲିଥିବା ବେଳେ ଜଣେ ମହିଳାଙ୍କ ତାଙ୍କ ସ୍ୱାମୀ ଓ ଶାଶୂଘର ଲୋକେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏ ନେଇ ବ୍ରହ୍ମପୁର ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଛି। ଭାବନ୍ଧ ଗ୍ରାମର ମହିଳା ରୁବି ବେହେରା ୨୦୧୫ରେ ରକୁଣୀ ଗ୍ରାମର ହୀନ ବେହେରାଙ୍କୁ ବିବାହ କରିଥିଲେ । ବିବାହର କିଛି ମାସ ପରେ ରୁବିଙ୍କୁ ଅଧିକ ଯୌତୁକ ଆଣିବାକୁ ଶାଶୂ ଘର ଲୋକେ କହିବା ସହ ନିର୍ଯାତନା ଦେଉଥିଲେ । ରୁବି କିଛି ବର୍ଷ ନିଜ ପିଲାମାନଙ୍କ ସହ ଶାଶୂ ଘରେ ରହିଥିଲେ ମଧ୍ୟ ବାରମ୍ବାର ନିର୍ଯାତନା ଦିଆଯିବା ପରେ ନିଜ ବାପ ଘରକୁ ଚାଲିଯାଇଥିଲେ । ସେ ନିଜ ସ୍ୱାମୀଙ୍କୁ ଛାଡି ବାପ ଘରେ ରହି ଆସୁଥିଲେ । ସୋମବାର ବ୍ରହ୍ମପୁରର ରାଜା ସାହି ଠାରେ କୁଳ ବୈଠକ ବସି ଆପୋଷ ବୁଝାମଣା ହେବାର ଥିଲା । ସେହି ବୈଠକକୁ ରୁବିଙ୍କ ପରିବାର ଲୋକଙ୍କ ସମେତ ତାଙ୍କ ଶାଶୁ, ଶଶୁର ଓ ନଣନ୍ଦେଇ କିଛି ସହଯୋଗୀଙ୍କୁ ଧରି ଆସିଥିଲେ । ବୈଠକ ଚାଲୁଥିବା ବେଳେ ରୁବିଙ୍କ ସ୍ୱାମୀ ହୀନ ତାଙ୍କୁ ଓ ପିଲାମାନଙ୍କୁ ମାଡ ମରିଥିଲେ । କୁଳ ଲୋକଙ୍କ ସମ୍ମୁଖରେ ଏସବୁ ଘଟିଥିଲା । ମାଡ ମାରିବା ପରେ ତାଙ୍କ ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ସେଠାରେ ଛାଡି ଚାଲି ଯାଇଥିଲେ । ଘଟଣାକୁ ନେଇ ରୁବି ବ୍ରହ୍ମପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା




ସଫଳ ଏସଏଚଜିଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୧୦।୬(ଅଶୋକ କୁମାର ସାହୁ) ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ 'ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା' ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟ ମିଶନ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ସହକାରୀ କମିଶନର ରୋନିତ କୁମାର, କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ, ସୁରେନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି କହିଥିଲେ ଯେ, ସରକାରଙ୍କ ଏହା ଏକ ମହତ କାର୍ଯ୍ୟକ୍ରମ। ଅନେକ ପାରମ୍ପରିକ ପିଠା ବର୍ତ୍ତମାନ ହଜି ହଜି ଯାଉଛି। ଏସଏଚଜି ମା'ମାନଙ୍କ ଦ୍ୱାରା ଏଭଳି ପ୍ରତିଯୋଗିତା ଦ୍ୱାରା ଆମ ପରମ୍ପରା ସୁରକ୍ଷିତ ରହିବ ବୋଲି ସେ କହିବା ସହିତ ମା'ମାନଙ୍କୁ ଉତ୍ସାହିତ କରିଥିଲେ। ମହାମାୟୀ ମହିଳା କଲେଜ ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ମମତା କୁମାରୀ ପାଢ଼ୀ, ବ୍ରହ୍ମପୁର-୧ର ସିଡିପିଓ ଗୀତରାଣୀ ରାଉଳ, ବିପିସି ଦୀପିକା ସେଠୀ,ବିପିଏ ବୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ପ୍ରାୟ ୧୨ ଏସଏଚଜି ଭାଗ ନେଇଥିଲେ। ୨୧ ନଂ. ୱାର୍ଡ ଗେଟବଜାର କେନାଲ ସାହିର ଧରିତ୍ରୀ ଏସଏଚଜି ପ୍ରଥମ ହୋଇଥିବାବେଳେ ୫ ହଜାର ଟଙ୍କା ପୁରସ୍କାର ପାଇଛି। ସେହିପରି ୨୩ ନଂ. ୱାର୍ଡ ସୂର୍ଯ୍ୟନଗରର ମହାଲକ୍ଷ୍ମୀ ଏସଏଚଜି ଦ୍ୱିତୀୟ ସ୍ଥାନ ଅଧିକାର କରି ୪୦୦୦ ଟଙ୍କା ପୁରସ୍କାର ପାଇଛି।

# ନାବାଳିକାଙ୍କ ଫଟୋ ଭାଇରାଲ କରିବାକୁ ଧମକ ଦେଇ ଯୁବକ ଗିରଫ

ବୁଗୁଡା,୧୦।୬(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କ ସହ ସମ୍ପର୍କ ରଖି ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଦେବାକୁ ଧମକ ଦେଇ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବାଲିପିଣ୍ଡି ହରିଜନ ସାହିର ଅଜୟ କୁମାର ବେହେରା (୨୭) ଓରଫ୍ ଅଜ୍ଜୁ। ଗିରଫ ପରେ ପୋଲିସ ତାଙ୍କୁ ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ନଂ. ୩୭୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଗତ ତିନି ବର୍ଷ ହେଲା ଅଜୟ ବୁଗୁଡା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ଆସୁଥିଲେ। ତାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଅଜୟ ଉଠାଇ ରଖିଥିଲେ। ଏ ବିଷୟରେ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କୁ ଆକଟ କରିବାରୁ ଅଜୟ ନାବାଳିକାଙ୍କ ଫଟୋ ଭାଇରାଲ୍ କରି ଦେବାକୁ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଗତ ୮ ତାରିଖ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ ମାମଲାର ତଦନ୍ତ କରି ଅଜୟଙ୍କୁ ଗିରଫ କରିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୋହୂ ମୃତ, ଶାଶୁ ଶ୍ୱଶୁର ଆହତ

## ପରିବାରକୁ ସମବେଦନା ଜଣାଇଲେ ମନ୍ତ୍ରୀ

ପୋଲସରା,୧୦।୬(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅଧୀନ ମାଳତେନ୍ତୁଳିଆ ଗ୍ରାମ ନୂଆସାହିରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିବା ଶ୍ୱଶୁରଙ୍କୁ ବଞ୍ଚାଇବାକୁ ଯାଇ ବୋହୂଙ୍କ ମୃତ୍ୟୁ ଘଟିଛି। ଉଭୟ ଶାଶୁ ଶ୍ୱଶୁର ଆହତ ହୋଇଛନ୍ତି। ମୃତା ମହିଳା ହେଲେ ନମିତା ସାହୁ। ତାଙ୍କ ଶ୍ୱଶୁର ଅଭିମନ୍ୟୁ ସାହୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ସ୍ଥାନୀୟ ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମେଡିକାଲରେ ପହଞ୍ଚି ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ।

ପ୍ରକାଶ ଯେ, ସୋମାବାରଠାରୁ ଗ୍ରାମରେ ବିଦ୍ୟୁତ ନ ଥିଲା। ନମିତାଙ୍କ ଘରର ବିଦ୍ୟୁତ ତାର ଛିଣ୍ଡି ଗ୍ରିଲରେ ଲାଗି ରହିଥିଲା। ମଙ୍ଗଳବାର ମଧ୍ୟାହ୍ନରେ



ଗ୍ରାମରେ ବିଦ୍ୟୁତ ଆସିଥିଲା। ଏହି ସମୟରେ ନମିତାଙ୍କ ଶ୍ୱଶୁର ଅଭିମନ୍ୟୁ ଘର ବାରଣ୍ଡା କାମ କରିବା ସମୟରେ ବିଦ୍ୟୁତ୍ ତାର ଛିଡି ଲାଗିଥିବା ଲୁହା ଗ୍ରିଲ ସଂସ୍ପର୍ଶରେ ଆସି ଯିବାରୁ ଲାଖି ଯାଇଥିଲେ। ସେହି ପାଖରେ ବସିଥିବା ନମିତା ଓ ଶାଶୁ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନମିତା ଗୁରୁତର ହୋଇଥିବା ବେଳେ ଶାଶୁ ଆହତ ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରୀ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲସରା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନୂତନ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୦।୬(ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ବିଜୟ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାପୂର୍ବରୁ ସେ ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ ବିଡିଓ ଦାୟିତ୍ୱ ତୁଲାଉଥିଲେ। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ କାର୍ଯ୍ୟାଳୟର ସମସ୍ତ କାର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯିବ, ବିଭିନ୍ନ ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ କରି ସେମାନେ କିଭଳି ଉକ୍ତ ଯୋଜନାର ସୁଫଳ ପାଇପାରିବେ ତାହା ମୂଳ ଲକ୍ଷ୍ୟ ରହିବ ବୋଲି ନୂତନ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି ।

# ବେଙ୍ଗାଲୁରୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଚିକିଟି,୧୦।୬(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ପୁରୁଣା ମୈଶାନପୁର ଗ୍ରାମର ଜଣେ ଯୁବକଙ୍କ ବେଙ୍ଗଲୁରୁରେ ହୃଦଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଅଞ୍ଜନ କୁମାର ନାଇକ (୩୭)। ସେ ୧୦ ବର୍ଷ ଧରି ବିଭିନ୍ନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସେ ବେଙ୍ଗାଲୁରୁର ମେଘା କମ୍ପାନୀରେ କାମ କରୁଥିଲେ। ସୋମବାର ରାତିରେ ଅଞ୍ଜନଙ୍କ ହୃଦଘାତ ହେବାରୁ ସଙ୍ଗେ ସଙ୍ଗେ ତାଙ୍କ ସାଙ୍ଗରେ ଥିବା ବ୍ୟକ୍ତିମାନେ ଚିକିତ୍ସା ପାଇଁ ବେଙ୍ଗାଲୁରର ଏକ ମେଡିକାଲରେ ତାଙ୍କୁ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଅଞ୍ଜନଙ୍କ ସେଠାରେ ମୃତ୍ୟୁ ଘଟିଥିଲା। ମୃତଦେହ ଆଣିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ସହାୟତା ଦେବାରୁ ବାଙ୍ଗାଲୋରରେ ରହୁଥିବା ତାଙ୍କ ସାଙ୍ଗମାନେ ଅଞ୍ଜନଙ୍କ ମୃତଦହେ ଧରି ଗାଁକୁ ଫେରୁଥିବା ଜଣାପଡିଛି।



ଅଞ୍ଜନ କୁମାର ନାଇକ (ଫାଇଲ ଫଟୋ)

# ବିଜୁଳି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଟିପିଏସ୍ଓଡିଏଲ୍




ବ୍ରହ୍ମପୁର,୧୦।୬(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ସମେତ ଏହାର ଆଖପାଖ ଅଂଚଳରେ ଭିତ୍ତିଭୂ ସୁଦୃଢ଼ କରିବା ପାଇଁ ଟିପିଏସଓଡିଏଲ ପକ୍ଷରୁ କନିଷ୍ଠ ପ୍ରାଇମେରୀ ସବ ଷ୍ଟେସନ ଉନ୍ନତିକରଣ କରାଯାଇଛି। ଏହାଦ୍ୱାରା ହଳଦିଆପରଦକୁ ବିଦ୍ୟୁତ ଯୋଗାଉଥିବା ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୩.୧୫ ଏମଭିଏରୁ ୮ ଏମଭିଏମକୁ ବୃଦ୍ଧି କରାଯାଇଛି। ଫଳରେ ସବ ଷ୍ଟେସନର କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ହୋଇଛି। ଫଳରେ ଓଭର ଲୋଡିଂ ସମସ୍ୟା ହ୍ରାସ ପାଇବ। ହଳଦିଆପଦର, ଅଟୋନଗର, କନିଷ୍ଠି ଓ ଆଖପାଖ ଅଂଚଳରେ ପ୍ରାୟ ୭ ହଜାର ଲୋକଙ୍କ ବିଜୁଳି ଚାହିଦା ପୂରଣ ହୋଇପାରିବ। ଏଥିସହ ତୁଲୁ ଓ ରଣ୍ଡା ଅଂଚଳର ୨ ଟ୍ରାନ୍ସଫର୍ମର ୫ ଏମଭିଏ ଓ ୩.୧୫ ଏମଭିଏ କ୍ଷମତାରେ ଚାଲୁଛି। ତତସହିତ ୩ ଟ୍ରାନ୍ସଫର୍ମର କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ପିଏସଏସ ପରିସରରେ ୧୧ କେଭି ଓଭରହେଡ ଲାଇନ ବଦଳରେ ଭୂତଳ ଲାଇନ ସଂଯୋଗ ଓ ସ୍ୱିଚୟାର୍ଡ ଚର୍ତ୍ତୁପାର୍ଶ୍ୱରେ ଚେନ ଲିଙ୍କ ଫେନ୍ସିଂ ସ୍ଥାପନ, ସବ ଷ୍ଟେସନର ନବୀକରଣ, ପାରମ୍ପରିକ କାନ୍ଥ ବଦଳରେ ଡିଟାଚେବଲ ଗ୍ରୀଲ ସ୍ଥାପନ ଓ କର୍ମଚାରୀ ଏବଂ ଉପଭୋକ୍ତାଙ୍କ ସୁରକ୍ଷିତ ଯାତାୟତ ପାଇଁ ଏକ ସ୍ୱତନ୍ତ୍ର ମାର୍ଗ ତିଆରି କରାଯାଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ଯ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଦକ୍ଷିଣ ଓଡିଶାରେ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା କମ୍ପାନୀର ଲକ୍ଷ୍ୟ।

# ବ୍ରହ୍ମପୁରରେ ବିକାଶ ମେଳା, ଜିଲା ବୁଲିବ ବିକାଶବାହନ

## ଲୋକଙ୍କ ସେବାରେ ସମର୍ପିତ ସରକାର

ଛତ୍ରପୁର,୧୦।୬
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ସରକାର ଗଠନର ଏକବର୍ଷ ଉପଲକ୍ଷେରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ବିକଶିତ ଓଡିଶା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି। ବର୍ଷକ ମଧ୍ୟରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ତାହାକୁ ଲୋକଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାରେ ବିକାଶ ମେଳା ଏବଂ ବିକାଶ ବାହନଯାତ୍ରା ଆୟୋଜିତ ହେବ। ଏଥିପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆ ଠାରେ ହେବ ବିକାଶମେଳା। ଏହି ମେଳାରେ ବିଭିନ୍ନ ଲାଇନ ବିଭାଗ ସମେତ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଷ୍ଟଲ ଗୁଡିକ ପ୍ରସ୍ତୁତ କରାଯାଉଛି । ଏଥିସହିତ ୩୦ଟି ଜିଲାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରି ହେବ । ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ପିଠା ପ୍ରତିଯୋଗିତା ଓ ପ୍ରଦର୍ଶନ ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନରେ ବିଭିନ୍ନ ବିଭାଗ ଦ୍ୱାରା କର୍ମଶାଳା, ପ୍ରଶିକ୍ଷଣ ଏବଂ ପରାମର୍ଶ ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏତଦ ବ୍ୟତୀତ ଜିଲାର ଲୋକକଳା ବିକାଶ ନିମନ୍ତେ ଦଣ୍ଡନାଚ, ପ୍ରହ୍ଲାଦ ନାଟକ ସମ୍ପର୍କିତ ଦୁଇ ଦିନ କର୍ମଶାଳା ଆୟୋଜନ କରିବା ନିମନ୍ତେ ବ୍ୟବସ୍ଥା କରାଯାଉଛି। ଏଥିସହିତ ଜିଲାରେ ବିକାଶବାହନ ଭ୍ରମଣ କରିବ। ଏହି ବାହନଟି ଜିଲ୍ଲାର ୫୦୩ ଗୋଟି ପଞ୍ଚାୟତକୁ ପରିଭ୍ରମଣ କରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବ। ପଞ୍ଚାୟତରେ ପ୍ରଚାର ପ୍ରସାର ସମୟରେ ବିଭିନ୍ନ ବିଭାଗର ଜନହିତକର ସେବା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଲାଇନ ବିଭାଗୀୟ ସମସ୍ତ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ସ୍ୱାମୀଙ୍କୁ ହତ୍ୟା ପାଇଁ ୨୦ ଲକ୍ଷ ଦେଇଥିଲେ ସୋନମ୍

ଇନ୍ଦୋର,୧୦।୬

ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କୁ ମେଘାଳୟରେ ହନିମୁନ୍ ବେଳେ ସ୍ତ୍ରୀ ସୋନମ୍ ତାଙ୍କୁ ହତ୍ୟା କରାଇବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଏହା ପଛର ରହସ୍ୟ ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ଏକ ସୂତ୍ର ଅନୁଯାୟୀ, ସୋନମ୍ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ସୁପାରିକିଲରମାନଙ୍କୁ ପ୍ରଥମେ ୪ ଲକ୍ଷ ଟଙ୍କା ଯାଚିଥିଲେ। ପରେ ସେ ସୁପାରି ପରିମାଣ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ। ରାଜାଙ୍କୁ ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ ମେଘାଳୟର ଏକ ଖାତକୁ ଫିଙ୍ଗିବାରେ ସୋନମ୍ ଅନ୍ୟ ଅଭିଯୁକ୍ତମାନଙ୍କୁ ସହାୟତା କରିଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

ମେ’ ୧୧ରେ ବିବାହ ପରେ ନବ ଦମ୍ପତି ରାଜା ରଘୁବଂଶୀ ଓ ସୋନମ୍ ୨୦ ତାରିଖରେ ଇଷ୍ଟ ଖାସି ହିଲ୍ସ ଚେରାପୁଞ୍ଜିକୁ ହନିମୁନ୍‌ରେ ଯାଇଥିଲେ। ମେ’ ୨୩ରେ ଉଭୟେ ନିଖୋଜ ହୋଇଯାଇଥିଲା ବେଳେ ଜୁନ୍ ୨ରେ ଚେରାପୁଞ୍ଜିର ଏକ ଜଳପ୍ରପାତ ନିକଟରୁ ରାଜାଙ୍କ ମୃତଦେହ ମିଳିଥିଲା। ବିବାହର ଦିନ କେଇଟା ପରେ ରାଜାଙ୍କୁ ହତ୍ୟା କରିବା ପାଇଁ ସୋନମ୍ ତାଙ୍କ ପ୍ରେମିକ ରାଜ କୁଶୱାଙ୍କ ସହ ଯୋଜନା କରିଥିଲେ। ତଦନୁଯାୟୀ ମେଘାଳୟକୁ ହନିମୁନ୍‌ରେ ଯିବାର ପ୍ଲାନ୍ ହୋଇଥିଲା। ରାଜ ନିଜର ପିଲାଦିନର ସାଙ୍ଗ ଆନନ୍ଦ କୁର୍ମି, ଆକାଶ ରାଜପୁତ ଓ ବିଶାଲ ସିଂ ଚୌହାନ୍‌ଙ୍କୁ ଇନ୍ଦୋରର ଏକ କାଫେକୁ ଡାକି ରାଜାଙ୍କୁ ହତ୍ୟା ଯୋଜନା କରିଥିଲେ ଓ ସେମାନଙ୍କୁ ଟଙ୍କା ଯାଚିଥିଲେ। ୨୦ ତାରିଖରେ ରାଜା ଓ ସୋନମ୍ ମେଘାଳୟକୁ ଯାଇଥିବାବେଳେ ସେମାନଙ୍କର ଫେରିବା ଟିକେଟ ହୋଇ ନ ଥିଲା। ତାଙ୍କ ପଛେ ପଛେ ୩ ସୁପାରିକିଲର ପ୍ରଥମେ ଗୁଆହାଟୀ ଯାଇ ସେଠାରୁ ଅନ୍‌ଲାଇନ୍‌ରେ ଏକ କୁରାଢ଼ି ଅର୍ଡର କରିଥିଲେ। ପରେ ସେମାନେ ସିଲଂ ଯାଇ ସୋନମ୍ ଓ ରାଜା ରହୁଥିବା ହୋମ୍‌ଷ୍ଟେ ନିକଟ ଏକ ହୋଟେଲରେ ରହିଥିଲେ। ନବଦମ୍ପତି ଉକ୍ତ ପାର୍ବତ୍ୟାଞ୍ଚଳରେ ୩ ଦିନ ବୁଲିବା ପରେ ଫଟୋ ଶୁଟ୍ ପାଇଁ ସୋନମ୍ ରାଜାଙ୍କୁ ନେଇ ଏକ ପାହାଡ଼ ପାର୍ଶ୍ୱକୁ ଯାଇଥିଲେ। ସୁପାରିକିଲର ସେମାନଙ୍କୁ ଅନୁସରଣ କରିବା ସହ ରାଜାଙ୍କ ସହ ହିନ୍ଦୀରେ କଥା ହୋଇଥିଲେ। ସୋନମ୍ ନିଜକୁ କ୍ଳାନ୍ତ ଅନୁଭବ କରୁଥିବା ଅଭିନୟ କରି ଜାଣିଶୁଣି ସେମାନଙ୍କଠାରୁ ବହୁ ପଛରେ ରହିଯାଇଥିଲେ। ସେମାନେ ନିଛାଟିଆ ସ୍ଥାନରେ ପହଞ୍ଚିବା ପରେ ତାଙ୍କୁ ହତ୍ୟା କର ବୋଲି ସୋନମ୍ ସୁପାରିକିଲରଙ୍କୁ ଚିତ୍କାର କରି କହିଥିଲେ। ମେ’ ୨୩ରେ ଦମ୍ପତି ନିଖୋଜ ହେବା ଦିନ ହିଁ ରାଜାଙ୍କୁ ହତ୍ୟା କରାଯାଇଥିଲା। ମୃତଦେହକୁ ଖାତ ମଧ୍ୟକୁ ଫିଙ୍ଗିସାରିବା ପରେ ସେହିଦିନ ଅପରାହ୍ନ ୨ଟା ୧୫ରେ ରାଜାଙ୍କ ଫୋନ୍‌ରୁ ସୋନମ୍ ଏକ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ଲେଖିଥିଲେ ‘ସାତ୍ ଜନ୍ମୋଁ କା ସାଥ ହୈ’। ଏହି ବାର୍ତ୍ତା ମାଧ୍ୟମରେ ସ୍ୱାମୀ ଜୀବିତ ଥିବା ସୋନମ୍ ଦର୍ଶାଇବାକୁ ଚାହିଁଥିଲେ। ତେବେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ପ୍ରେମିକ ରାଜ କିନ୍ତୁ ମେଘାଳୟ ଯାଇ ନ ଥିଲେ। ସେ ପରଦା ପଛରେ ରହି ସବୁ ଯୋଜନା କରିବା ସହ ସୋନମ୍‌ଙ୍କ ସହ ଯୋଗାଯୋଗରେ ରହିଥିଲେ ବୋଲି ପୋଲିସ କହିଛି।


ସୋନମ୍ ରଘୁବଂଶୀଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ହସ୍ପିଟାଲ ନିଆଯାଉଛି।

## ସଂକ୍ଷେପରେ

### ଆପାର୍ଟମେଣ୍ଟରେ ନିଆଁ, ୯ ମହଲାରୁ ଡେଇଁ ୩ ମୃତ

ନୂଆଦିଲ୍ଲୀ, ୧୦।୬

ଦିଲ୍ଲୀର ଦ୍ୱାରକା ସେକ୍ଟର-୧୩ ସ୍ଥିତ ଶବଦ୍ ସୋସାଇଟି ଆପାର୍ଟମେଣ୍ଟର ୮ମ ଏବଂ ୯ମ ମହଲାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ନିଆଁରୁ ବଞ୍ଚିବାକୁ ଯାଇ ଯଶ ଯାଦବ (୩୫) ଏବଂ ତାଙ୍କର ୨ ପିଲା ୯ମ ମହଲାରେ ଥିବା ଘରର ବାଲ୍‌କୋନିରୁ ଡେଇଁ ପ୍ରାଣ ହରାଇଛନ୍ତି। ମୃତ ୨ ପିଲାଙ୍କର ବୟସ ୧୦ ଏବଂ ୧୨ ବର୍ଷ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ପୁଅ ଏବଂ ଜଣେ ଝିଅ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଆଇଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଛି। ଘଟଣାସ୍ଥଳରେ ଦମକଳ ବାହିନୀର ୮ଟି ଟିମ୍ ପହଞ୍ଚି ଅନେକ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ଗ୍ରେଟା ଥନ୍‌ବର୍ଗଙ୍କୁ ବିଦାକଲା ଇସ୍ରାଏଲ୍

ଜେରୁଜେଲମ୍,୧୦।୬

ଗାଜା ଯାଉଥିବା ସହାୟତା ବୋଟ୍‌କୁ ଇସ୍ରାଏଲୀ ସେନା ଜବତ କରିବାର ଦିନକ ପରେ ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ମଙ୍ଗଳବାର ଛାଡ଼ିଦେଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଗ୍ରେଟା ଏକ ବିମାନ ଯୋଗେ ଫ୍ରାନ୍ସ ଆସିବା ପରେ ସେଠାରୁ ସୁଇଡେନ୍ ଅଭିମୁଖେ ବାହାରିଛନ୍ତି। ଗାଜାକୁ ସହାୟତା ସାମଗ୍ରୀ ନେଇ ଯାଉଥିବା ମାଡ୍‌ଲିନ୍ ନାମକ ବୋଟ୍‌ରେ ଗ୍ରେଟାଙ୍କ ସମେତ ୧୨ ଜଣ ଥିଲେ। ଇସ୍ରାଏଲ୍ ଯୁଦ୍ଧକୁ ବିରୋଧ କରିବା ଏବଂ ପାଲେଷ୍ଟିନୀୟ ଅଞ୍ଚଳରେ ମାନବୀୟ ସଙ୍କଟ ସମ୍ପର୍କିତ ଅଧିକ ତଥ୍ୟ ସଂଗ୍ରହ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ବୋଲି ଫ୍ରିଡମ୍ ଫ୍ଲୋଟିଲା କୋଆଲିଶନ୍ ପକ୍ଷରୁ କୁହାଯାଇଛି। ଗାଜା ଉପକୂଳରୁ ୨୦୦ କିଲୋମିଟର ଦୂରରେ ଇସ୍ରାଏଲୀ ନୌସେନା ବିନା କାରଣରେ ଉକ୍ତ ବୋଟ୍‌କୁ ଜବତ କରିଥିଲା। ଅନ୍ୟପକ୍ଷରେ ଗାଜାକୁ ଆଇନଗତ ନୌଯୋଗାଯୋଗ ଅବରୋଧକୁ ଉଲ୍ଲଂଘନ କରିବା ଉକ୍ତ ବୋଟ୍‌ର ଉଦ୍ଦେଶ୍ୟ ଥିଲା ବୋଲି ଇସ୍ରାଏଲ୍ କହିଛି।

### ବିଶ୍ୱବ୍ୟାପୀ ଚାଟ୍ ଜିପିଟି ଡାଉନ୍

ନୂଆଦିଲ୍ଲୀ, ୧୦।୬

ବିଶ୍ୱର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ଓପନ୍ ଏଆଇର ଚାଟ୍‌ବଟ୍ ଚାଟ୍‌ଜିପିଟି ସେବାରେ ବିଭ୍ରାଟ ଦେଖାଦେଇଥିଲା। ରିୟଲ ଟାଇମ ମନିଟରିଂ ପ୍ଲାଟ୍‌ଫର୍ମ ଡାଉନ ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ଭାରତୀୟ ସମୟ ଦ୍ୱିପ୍ରହର ୧୨ଟାରୁ ୩ଟା ୧୫ ପର୍ଯ୍ୟନ୍ତ ଚାଟ୍‌ଜିପିଟି ବ୍ୟବହାର କରିବାରେ ୟୁଜର୍ସମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଭାରତ ଏବଂ ଆମେରିକାର ୟୁଜର୍ସ ସର୍ବାଧିକ ପ୍ରଭାବିତ ହୋଇଥିବା ନେଇ ଡାଉନ ଡିଟେକ୍ଟର କହିଛି। ଡାଉନ୍ ଥିବା ସମୟରେ ଚାଟ୍‌ଜିପିଟି ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାରେ ବିଫଳ ହୋଇଥିବା ନେଇ ପ୍ରାୟ ୮୮% ଭାରତୀୟ ୟୁଜର୍ସ ଅଭିଯୋଗ କରିଥିଲେ।

### ପ୍ରଥମ ୬ ମାସରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ୬୦% ବ୍ୟୟ ଧାର୍ଯ୍ୟ

ନୂଆଦିଲ୍ଲୀ,୧୦।୬

କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ବ୍ୟୟ ସୀମା ନିର୍ଦ୍ଧାରଣ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ମଞ୍ଜୁର ଅର୍ଥର ୬୦ ପ୍ରତିଶତ ବ୍ୟୟ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରେ ଚାହିଦା ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମରେ ବିନିଯୋଗ ଲାଗି ଆଜି ପର୍ଯ୍ୟନ୍ତ କୌଣସି ସମୟସୀମା ଧାର୍ଯ୍ୟ ହୋଇ ନ ଥିଲା। ଏହି ଯୋଜନାର ମାସିକ/ତ୍ରୈମାସିକ ବ୍ୟୟ ଯୋଜନାକୁ ବ୍ୟୟ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟକୁ ଆଣିବା ନିମନ୍ତେ ଅର୍ଥ ମନ୍ତ୍ରଣାଳୟ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ଜଣାଇଛି।

# ପ୍ରତିରକ୍ଷା ଉତ୍ପାଦନରେ ଆଧୁନିକୀକରଣ, ଆତ୍ମନିର୍ଭରତାକୁ ଗୁରୁତ୍ୱ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୦।୬(ପି.ଟି.)

କେନ୍ଦ୍ରରେ ଏନ୍‌ଡିଏ ଶାସନର ୧୧ ବର୍ଷରେ ପ୍ରତିରକ୍ଷା ସେକ୍ଟରରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି। ପ୍ରତିରକ୍ଷା ଉତ୍ପାଦନରେ ଉଭୟ ଆଧୁନିକୀକରଣ ଏବଂ ଆତ୍ମନିର୍ଭରତାକୁ ଗୁରୁତ୍ୱ ଦିଆଯାଉଥିବା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତକୁ ସୁଦୃଢ଼ କରିବା ଲାଗି ସଂକଳ୍ପ ନେବାରେ ଦେଶବାସୀ ଏକାଠି ହୋଇଥିବା ଖୁସିର କଥା। ପ୍ରଧାନମନ୍ତ୍ରୀ ତାଙ୍କ ଶାସନର ୧୧ ବର୍ଷରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଇଛନ୍ତି। ଏହି ସମୟ ମଧ୍ୟରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ନିଜର ସାମର୍ଥ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବାବେଳେ ରଣନୈତିକ ବୈଶ୍ୱିକ ସହଭାଗିତା ଅଧିକ ଗଭୀର ହୋଇଛି। ମହାକାଶ ଗବେଷଣାରେ ଦେଶ ଐତିହାସିକ ସଫଳତା ହାସଲ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କର ଆତ୍ମନିର୍ଭର ଭାରତ ସଂକଳ୍ପରେ ଅନୁପ୍ରାଣିତ ହୋଇ ଦେଶ ଆତ୍ମନିର୍ଭର ନବୋନ୍ମେଷକୁ ଆପଣାଇବା ସହ ବାଣିଜ୍ୟ ଓ ପ୍ରଯୁକ୍ତିରେ ନିଜର ପ୍ରଭାବ ବିସ୍ତାର କରିଛି। ୨୦୧୪-୧୫ରେ ଭାରତର ପ୍ରତିରକ୍ଷା ରପ୍ତାନି ୧,୯୪୦ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୨୩,୬୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତ ଏହାର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତକୁ ନୌସେନାରେ ସାମିଲ କରିଛି। ସୁଦୃଢ଼ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ସାହସିକ ଦୃଷ୍ଟିଭଙ୍ଗୀ ଏବଂ ଅତୁଟ ପ୍ରତିବଦ୍ଧତା ଦ୍ୱାରା ଦେଶ ଏକ ଆତ୍ମବିଶ୍ୱାସୀ, ନିର୍ଣ୍ଣାୟକ ତଥା ସମ୍ମାନିତ ବିଶ୍ୱ ନେତୃତ୍ୱରେ ପରିଣତ ହୋଇଛି। ଭାରତର ମିଶାଇଲ୍ କ୍ଷମତା ଯଥେଷ୍ଟ ବଢ଼ିଥିବାବେଳେ ବ୍ରିଟେନ୍ ସହ ଐତିହାସିକ ବାଣିଜ୍ୟ ଚୁକ୍ତି ଏବଂ ୟୁଏଇ ସହ ବିସ୍ତୃତ ଅର୍ଥନୈତିକ ଶକ୍ତି ରାଜିନାମା ସମେତ ବିଭିନ୍ନ ଦେଶ ସହିତ ଭାରତର ସମ୍ପର୍କ ବୃଦ୍ଧି ପାଇଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ କଂଗ୍ରେସ ଏମ୍‌ପି ଶଶୀ ଥରୁର ମଙ୍ଗଳବାର ଭେଟୁଛନ୍ତି। ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇ ଥରୁର ୫ଟି ଦେଶ ଗସ୍ତ କରି ଭାରତର ଅପରେଶନ ସିନ୍ଦୂର ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ଦେଶକୁ ଯାଇଥିବା ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ଗସ୍ତର ସଫଳତା ସମ୍ପର୍କରେ ଅବଗତ କରାଇଛନ୍ତି।

## ଲସ୍ ଏଞ୍ଜେଲ୍ସକୁ ଅଧିକ ନ୍ୟାଶନାଲ ଗାର୍ଡ ପଠାଇଲେ ଟ୍ରମ୍ପ୍

ଲସ୍ ଏଞ୍ଜେଲ୍ସ,୧୦।୬

ଆମେରିକାର ଲସ୍ ଏଞ୍ଜେଲ୍ସରେ ଆପ୍ରବାସନ ଓ ସୀମା ପ୍ରବର୍ତ୍ତନ ଏବଂ ପ୍ରତ୍ୟର୍ପଣ ବିରୋଧୀ ବିକ୍ଷୋଭ ଜୋର୍ ଧରିଥିବାବେଳେ କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସମ୍‌ଙ୍କ ବିରୋଧ ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସେଠାକୁ ପୁଣି ୨,୦୦୦ ନ୍ୟାଶନାଲ ଗାର୍ଡ ସୈନ୍ୟ ଓ ୭୦୦ ନୌସେନା ଯବାନ ପଠାଇଛନ୍ତି। ଫଳରେ ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବାରେ ସମସ୍ୟା ସୃଷ୍ଟି ହୋଇଥିବା ପୋଲିସ ମୁଖ୍ୟ କହିଛନ୍ତି। ୩ ଦିନ ଧରି ବିକ୍ଷୋଭକାରୀ ହିଂସାକାଣ୍ଡ ଘଟାଇବା ପରେ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶକ୍ରମେ ରବିବାର ୨,୦୦୦ ନ୍ୟାଶନାଲ ଗାର୍ଡ ସୈନ୍ୟ ପହଞ୍ଚିଥିଲେ। ସୋମବାର ସିଟି ହଲ୍‌ଠାରେ ଅନେକ ହଜାର ଲୋକ ଶାନ୍ତିପୂର୍ଣ୍ଣ ଭାବେ ରାଲିରେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ଲସ୍ ଏଞ୍ଜେଲ୍ସ ସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିବା ଟ୍ରମ୍ପ୍ କହିବା ସହ ମେୟର କରେନ୍ ବାସ୍ ଏବଂ ନ୍ୟୁସମ୍ ମିଛ କହୁଥିବା କହିଛନ୍ତି। ପୋଲିସ ସହାୟତା ଆବଶ୍ୟକ କରୁ ନ ଥିବାବେଳେ ସାମରିକ ବାହିନୀ ପଠାଇ ଜନସୁରକ୍ଷା ପ୍ରତି ଟ୍ରମ୍ପ୍ ବିପଦ ଆଣିଥିବା ସେମାନେ ଅଭିଯୋଗ କରିଛନ୍ତି। ସଂଘୀୟ ସରକାରଙ୍କ ଗାର୍ଡ ମୁତୟନକୁ ବେଆଇନ ପଦକ୍ଷେପ ବୋଲି ନ୍ୟୁସମ୍ ଦର୍ଶାଇବା ସହ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୋମବାର କହିଥିଲେ। ସଂଘୀୟ ଆଇନ ଅନୁସାରେ ଦେଶ ଉପରେ ଆକ୍ରମଣ କିମ୍ବା ବିଦ୍ରୋହ ମୁଣ୍ଡ ଟେକିଲେ ରାଷ୍ଟ୍ରପତି ନ୍ୟାଶନାଲ ଗାର୍ଡକୁ ମୁତୟନ କରିପାରିବେ। କିନ୍ତୁ ଟ୍ରମ୍ପ୍ ଏହାର ବିପରୀତ କାର୍ଯ୍ୟ କରୁଛନ୍ତି। ଟ୍ରମ୍ପ୍ ନିଆଁ ଲଗାଇ ବେଆଇନ ଭାବେ ନ୍ୟାଶନାଲ ଗାର୍ଡର ଜାତୀୟକରଣ କରିଛନ୍ତି। ଏହା ଲୋକଙ୍କ ସୁରକ୍ଷା ପାଇଁ ନୁହେଁ ବରଂ ରାଷ୍ଟ୍ରପତିଙ୍କ ବିପଜ୍ଜନକ ଅହଂକାର ପାଇଁ ବୋଲି ନ୍ୟୁସମ୍ ଏକ୍ସରେ ଲେଖିଛନ୍ତି।

# ଭାରତର ଜନସଂଖ୍ୟା ୧୪୬ କୋଟି

## ପ୍ରଜନନ ହାର ୧.୯କୁ ହ୍ରାସ: ଜାତିସଂଘ ରିପୋର୍ଟ

ନୂଆଦିଲ୍ଲୀ,୧୦।୬(ପି.ଟି.)

ଭାରତର ଜନସଂଖ୍ୟା ୨୦୨୫ରେ ୧୪୬ କୋଟିରେ ପହଞ୍ଚିବାକୁ ଯାଉଥିବା ଆକଳନ କରାଯାଇଛି, ଯାହାକି ବିଶ୍ୱରେ ସର୍ବାଧିକ। ଜାତିସଂଘ ଜନସଂଖ୍ୟା ରିପୋର୍ଟରୁ ଏହା ଜଣାପଡ଼ିଛି। ଅନ୍ୟପକ୍ଷରେ ଦେଶର ମୋଟ ପ୍ରଜନନ ହାର ପ୍ରତିସ୍ଥାପନ ହାର (ଅର୍ଥାତ୍ ଜନସଂଖ୍ୟା ବଜାୟ ରଖିବା ପାଇଁ ଆବଶ୍ୟକ ପ୍ରଜନନ ସ୍ତର) ଠାରୁ କମ୍ ରହିଛି। ୟୁଏନ୍‌ଏଫ୍‌ପିଏର ଚଳିତ ବର୍ଷର ଷ୍ଟେଟ୍ ଅଫ୍ ୱାର୍ଲ୍ଡ ପପୁଲେଶନ (ଏସ୍‌ଓଡବ୍ଲ୍ୟୁପି) ରିପୋର୍ଟ, ଦି ରିଅଲ ଫର୍ଟିଲିଟି କ୍ରାଇସିସ୍‌ର ତଥ୍ୟ ଅନୁଯାୟୀ, ବିଭିନ୍ନ ଦେଶରେ ପ୍ରଜନନ ହାର ଭୟଙ୍କର ଭାବେ ହ୍ରାସ ପାଉଛି, ଯାହା ପ୍ରଜନନ ଲକ୍ଷ୍ୟ ପୂରଣ ପାଇଁ ସମର୍ଥ ନୁହେଁ। ଅନେକ ଲକ୍ଷ ଲୋକ ସେମାନଙ୍କ ବାସ୍ତବ ପ୍ରଜନନ ଲକ୍ଷ୍ୟ ବୁଝିବାକୁ ଅସମର୍ଥ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଜାତିସଂଘ ରିପୋର୍ଟ ଅନୁଯାୟୀ ଭାରତରେ ମହିଳାଙ୍କ ମୋଟ ପ୍ରଜନନ ହାର ୧.୯କୁ ହ୍ରାସ ପାଇଛି। ଜନସଂଖ୍ୟା ସ୍ତରକୁ ବଜାୟ ରଖିବାକୁ ହେଲେ ପ୍ରଜନନ ହାର ୨.୧ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ୧.୯ରେ ପହଞ୍ଚିଛି। ଜନ୍ମ ହାର ହ୍ରାସ ସତ୍ତ୍ୱେ ଭାରତରେ ଯୁବ ଜନସଂଖ୍ୟା ବେଶ୍ ଭଲ ରହିଛି। ୦ରୁ ୧୪ ବର୍ଷ ବୟସ ବର୍ଗର ପିଲାଙ୍କ ହାର ୨୪% ହୋଇଥିବାବେଳେ ୧୦ରୁ ୧୯ ବର୍ଷ ବର୍ଗର ପିଲାଙ୍କ ହାର ୧୭% ଏବଂ ୧୦ରୁ ୨୪ ବର୍ଷ ପିଲାଙ୍କ ହାର ୨୬% ରହିଛି। କାର୍ଯ୍ୟକ୍ଷମ ବୟସ (୧୫ରୁ ୬୪ ବର୍ଷ)ର ଲୋକଙ୍କ ହାର ୬୮ ପ୍ରତିଶତ ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ୬୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୭ ପ୍ରତିଶତକୁ ହ୍ରାସ ପାଇଛି। ଆୟୁଷ ବଢ଼ିବା ସହ ଆଗାମୀ ଦିନରେ ବୟସ୍କ ଜନସଂଖ୍ୟା ବଢ଼ିବା ଆଶା କରାଯାଉଛି। ବର୍ତ୍ତମାନ ସମୟରେ ପ୍ରତ୍ୟାଶିତ ଆୟୁଷ ପୁରୁଷଙ୍କ ପାଇଁ ୭୧ ବର୍ଷ ଓ ମହିଳାଙ୍କ ପାଇଁ ୭୪ ବର୍ଷ ରହିଛି। ଜାତିସଂଘ ଆକଳନ ଅନୁଯାୟୀ ଭାରତର ବର୍ତ୍ତମାନର ଜନସଂଖ୍ୟା ୧୪୬.୩୯ କୋଟି ହୋଇଥିବାବେଳେ ଏହା ହ୍ରାସ ପାଇବା ଆରମ୍ଭ ହେବା ପୂର୍ବରୁ ଆଗାମୀ ୪୦ ବର୍ଷ ମଧ୍ୟରେ ୧୭୦ କୋଟିରେ ପହଞ୍ଚିବ ବୋଲି ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି।



ଜାତିସଂଘ ଅଧ୍ୟୟନ ଅନୁଯାୟୀ, ଭାରତରେ ସନ୍ତାନ ଜନ୍ମ ସ୍ୱାଧୀନତାରେ ଆର୍ଥିକ ସୀମିତତା ବଡ଼ ପ୍ରତିବନ୍ଧକ ବୋଲି ୩୮ ପ୍ରତିଶତ ମତ ଦେଇଛନ୍ତି। ଭାରତ ସମେତ ୧୪ ଦେଶର ୧୪ ହଜାର ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଆୟ ସୀମିତ ହୋଇଥିବାରୁ ପରିବାର ବଢ଼ାଇବାକୁ ଚାହୁଁ ନ ଥିବା ଭାରତର ୩୮ ପ୍ରତିଶତ ମତ ଦେଇଥିଲେ। ସେହିପରି ଚାକିରିରେ ସୁରକ୍ଷା ନ ଥିବା କାରଣରୁ ୨୧%, ଘର ସମସ୍ୟା ପାଇଁ ୨୨% ଏବଂ ବିଶ୍ୱସ୍ତ ଶିଶୁଯତ୍ନ ଅଭାବ ପାଇଁ ୧୮ ପ୍ରତିଶତ ପିଲା ଜନ୍ମ କରିବାକୁ ଚାହୁଁ ନ ଥିବା ରିପୋର୍ଟରେ କୁହାଯାଇଛି। ଏହା ବ୍ୟତୀତ ଅସୁସ୍ଥତା, ବନ୍ଧ୍ୟାତ୍ୱ, ଗର୍ଭାବସ୍ଥା ସମୟର ଯତ୍ନର ଅଭାବ ଆଦି ଅନ୍ୟ କାରଣ ମଧ୍ୟ ରହିଛି।

## ଫୁରସତ୍

# ୪୯୯ ଦିନରେ ବିଶ୍ୱ ଭ୍ରମଣ

ୱାଶିଂଟନ୍

ଗ୍ରୀକ୍-ଆମେରିକୀୟ ଚଳଚ୍ଚିତ୍ର ନିର୍ମାତା ମାଇକେଲ୍ ଜେର୍‌ଭୋସ ୪୯୯ ଦିନ ମଧ୍ୟରେ ବିଶ୍ୱର ୧୯୫ଟି ଦେଶ ଭ୍ରମଣ କରି ରେକର୍ଡ ସ୍ଥାପନ କରିଛନ୍ତି। ତେବେ ଏହି ଯାତ୍ରାର ଉଦ୍ଦେଶ୍ୟ କେବଳ ରେକର୍ଡ ସ୍ଥାପନ କରିବା ନ ଥିଲା ବୋଲି ଜେର୍‌ଭୋସ୍ କହିଛନ୍ତି। ବିଶ୍ୱବ୍ୟାପୀ ବିଭିନ୍ନ ଦେଶର ଲୋକେ ସେମାନଙ୍କ ଜୀବନର ସବୁଠାରୁ ଖୁସିର ଦିନ ବିଷୟରେ କ’ଣ ଭାବନ୍ତି ତାହା ସେ ଏହି ଯାତ୍ରା ଯୋଗେ ଜାଣିବାକୁ ଚାହିଁଥିଲେ। ତେଣୁ ଏହି ଯାତ୍ରାରେ ସେ ଭେଟିଥିବା ପ୍ରତ୍ୟେକ ଲୋକଙ୍କୁ କେବଳ ଗୋଟିଏ ପ୍ରଶ୍ନ ପଚାରିଥିଲେ। ଏହି ପ୍ରଶ୍ନ ଥିଲା, ଆପଣଙ୍କ ଜୀବନର ସବୁଠାରୁ ଖୁସିର ଦିନ କ’ଣ ଥିଲା ଏବଂ ଏହାର କାରଣ କ’ଣ।

ଜେର୍‌ଭୋସ ୨୦୨୩ରେ ତାଙ୍କର ଏହି ବିଶ୍ୱ ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ। ସେ ଏହି ଯାତ୍ରାକୁ ପ୍ରୋଜେକ୍ଟ କୋସ୍ମୋସ୍‌ର ନାମ ଦେଇଥିଲେ, ଯାହା ଅଧୀନରେ ସେ ସାରା ବିଶ୍ୱର ଲୋକଙ୍କୁ ତାଙ୍କ ଜୀବନର ସବୁଠାରୁ ଖୁସିର ମୁହୂର୍ତ୍ତ ବିଷୟରେ ପଚାରିଥିଲେ। ଏହି ଯାତ୍ରାରେ ସେ ଅନେକ ସଂଖ୍ୟାରେ ଫେସ୍ ଟୁ ଫେସ୍ ଇଣ୍ଟରଭ୍ୟୁ ନେଇଥିଲେ। ତାଙ୍କର ଅନେକ ସାକ୍ଷାତ୍କାର ଖୁବ୍ ଆକର୍ଷଣୀୟ ଏବଂ ପ୍ରେରଣାଦାୟକ ଥିଲା ବୋଲି ନିକଟରେ ମିରର୍ ୱେବସାଇଟ୍ ସହ ଆଲୋଚନା ବେଳେ ଜେର୍‌ଭୋସ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ଫିନ୍‌ଲାଣ୍ଡର ଲୋକମାନେ ସେମାନଙ୍କ ଖୁସି ବିଷୟରେ କହିବାକୁ ବେଶୀ ସଙ୍କୋଚ କରୁଥିଲେ। ସେଠାକାର ଲୋକେ ବାହ୍ୟଜଗତ ସହ ଅଧିକ ଜଡିତ ରହିଥିଲେ ମଧ୍ୟ ନିଜ ଭାବନା ପ୍ରକାଶ କରିବାରେ ସଙ୍କୋଚ କରୁଥିବା ନେଇ ସେ ଅନୁଭବ କରିଥିଲେ। ସେହିପରି ଜାପାନର ରାଜଧାନୀ ଟୋକିଓରେ ତାଙ୍କର ଏକ ଅଜବ ଅଭିଜ୍ଞତା ହୋଇଥିଲା ବୋଲି ଜେର୍‌ଭୋସ କହିଛନ୍ତି। ଟୋକିଓ ଏକ ଅତ୍ୟାଧୁନିକ ସହର ହୋଇଥିବା ମନରେ ଭାବି ସେ ସେଠାକୁ ଯାଇଥିଲେ। କିନ୍ତୁ ସେଠାକାର ଲୋକମାନେ ନିଜ ନିଜ ଦ୍ରୁତଗତିର ଜୀବନଶୈଳୀରେ ଏକଲାପଣ ଏବଂ ମାନସିକ ଭାବେ କ୍ଳାନ୍ତ ଅନୁଭବ କରୁଥିବା ସେ ଅନୁଭବ କରୁଥିଲେ। ସେଠାକାର ଲୋକେ କେବଳ ବଡ଼ ଘଟଣା କିମ୍ବା ସଫଳତାରେ ନୁହେଁ, ବରଂ ଛୋଟ ଛୋଟ ମୁହୂର୍ତ୍ତରେ ମଧ୍ୟ ଖୁସି ଖୋଜିଥାନ୍ତି ବୋଲି ଜେର୍‌ଭୋସ କହିଛନ୍ତି। ବୟସ ସହ ଲୋକଙ୍କ ଖୁସିର ପରିଭାଷାରେ ମଧ୍ୟ ପରିବର୍ତ୍ତନ ଆସିଥାଏ, ତାହା ସେ ଏହି ଯାତ୍ରାରୁ ଅନୁଭବ କରିଥିବା ଜେର୍‌ଭୋସ କହିଛନ୍ତି।


ମାଇକେଲ୍ ଜେର୍‌ଭୋସ

## ‘ମାଲିକ’ରେ ରାଜକୁମାର-ମାନୁଷୀ ରୋମାନ୍ସ

ମୁମ୍ବାଇ

ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଫିଲ୍ମ ‘ମାଲିକ’ ଆସନ୍ତା ଜୁଲାଇ ୧୧ରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମରେ ରାଜକୁମାର ଗ୍ୟାଙ୍ଗଷ୍ଟର ଭୂମିକାରେ ନଜରକୁ ଆସିବେ। ମଙ୍ଗଳବାର ‘ମାଲିକ’ ଫିଲ୍ମର ଏକ ଗୀତ ‘ନାମୁମ୍‌କିନ’କୁ ରିଲିଜ୍ କରାଯାଇଛି। ଏହି ଗୀତରେ ରାଜକୁମାରଙ୍କ ସହ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ୱାର୍ଲ୍ଡ ମାନୁଷୀ ଛିଲ୍ଲର ରୋମାନ୍ସ କରୁଥିବାର ନଜରକୁ ଆସିଛି। ଦୁହିଁଙ୍କ କେମେଷ୍ଟ୍ରିକୁ ସୋସିଆଲ ମିଡିଆରେ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ‘ନାମୁମକିନ’ ଗୀତକୁ ଗାୟକ ବରୁଣ ଜୈନ, ଶ୍ରେୟା ଘୋଷାଲ ଏବଂ ସଚିନ ଜିଗର ମିଳିତ ଭାବେ ଗାଇଛନ୍ତି। ଅମିତାଭ ଭଟ୍ଟାଚାର୍ଯ୍ୟ ଏହି ଗୀତକୁ ଲେଖିଛନ୍ତି। ଗତ ୩ ତାରିଖରେ ‘ମାଲିକ’ ଫିଲ୍ମର ଟିଜରକୁ ରିଲିଜ୍ କରାଯାଇଥିଲା। ୧ ମିନିଟ୍ ୨୧ ସେକେଣ୍ଡର ଏହି ଟିଜରରେ ଗ୍ୟାଙ୍ଗଷ୍ଟର ଭୂମିକାରେ ଥିବା ରାଜକୁମାରଙ୍କ ଅନେକ ଆକ୍ସନ ଦୃଶ୍ୟ ରହିଥିଲା, ଯାହାକୁ ତାଙ୍କ ପ୍ରଶଂସକ ଖୁବ୍ ପସନ୍ଦ କରିଥିଲେ। ପୁଲକିତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରାଜକୁମାର ଏବଂ ମାନୁଷୀଙ୍କ ବ୍ୟତୀତ ଅଭିନେତା ପ୍ରସନ୍‌ଜିତ୍ ଚାଟାର୍ଜୀ ଏବଂ ଅଭିନେତ୍ରୀ ମେଧା ଶଙ୍କର ମଧ୍ୟ ନଜରକୁ ଆସିବେ।



# ରାଜଧାନୀରୁ ୩୧ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

## ଡିଲ୍ କରିବାକୁ ଯିବାବେଳେ ବେପାରୀ ଗିରଫ

ଭୁବନେଶ୍ୱର,୧୦।୬(ସତ୍ୟଜିତ୍ ରାଉତ)

ରାଜଧାନୀରେ ଜଣେ ପେସାଦାର ବ୍ରାଉନ୍‌ସୁଗାର ବେପାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ କେଶୁରା ଲେନ୍-୨ ଅଞ୍ଚଳର ମୃଣାଲ ସାମଲ(୨୯)। ମଙ୍ଗଳବାର ସକାଳେ ମୃଣାଲ ଡିଲ୍ କରିବାକୁ ଯିବା ବେଳେ କୁଆଖାଇ ନଦୀ ନିକଟ ହାଇଟେକ୍- ଟଙ୍କପାଣି ରୋଡ୍‌ରେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ କାବୁ କରିଥିଲା। ମୃଣାଲଙ୍କ ଠାରୁ ୩୧୯ ଗ୍ରାମର ବ୍ରାଉନ୍‌ସୁଗାର ଓ ଗୋଟିଏ ବାଇକ୍


ମୃଣାଲ ସାମଲ

ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ମୃଣାଲଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଜଜ୍ ତଥା ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୨/୨୦୨୫) ରୁଜୁ କରି ଏସ୍‌ଟିଏଫ୍ ତଦନ୍ତ ଚଳାଇଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ମୃଣାଲଙ୍କ ନାଁରେ ବଡ଼ଗଡ଼ ଥାନାରେ ଏକ ଚୋରି ମାମଲା ଓ ବାଲିଅନ୍ତା ଥାନାରେ ଏକ ନିଶା କାରବାର ମାମଲା ରହିଛି। ସେ ନେଟ୍‌ୱର୍କିଂ ମାର୍କେଟିଂ ଜରିଆରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ସେ ଟାର୍ଗେଟ୍ କରି ଏହି କାରବାର ଚଳାଇଥିଲେ। ଦୁଇଟି ଗ୍ରୁପ୍‌ରେ ୧୦ ଜଣ ଲେଖାଏ ସଦସ୍ୟଙ୍କୁ ରଖି ଏହି ନେଟ୍‌ୱର୍କ ଚଳାଇଥିଲେ। ତେବେ ସେ ଦିନକୁ ପ୍ରାୟ କେଜିଏ ବ୍ରାଉନସୁଗାର ବିକ୍ରି କରୁଥିଲେ। ମୃଣାଲଙ୍କ ବିଷୟରେ ଜଣାପଡ଼ିବା ପରେ ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ଗତ ମାସେ ହେବ ମୃଣାଲଙ୍କୁ ଗିରଫ କରିବାକୁ ଏସ୍‌ଟିଏଫ୍ ନଜର ରଖିଥିଲା। ଏବେ ମୃଣାଲଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ବ୍ରାଉନସୁଗାର ବେପାରୀଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅଧିକ ଖୋଳତାଡ଼ ଚଳାଇଛି।

# ଖଣି ଅଧିକାରୀଙ୍କୁ ଟାଣି ଆଣି ପିଟିଲେ


ଖଣି ଅଧିକାରୀଙ୍କୁ ଆକ୍ରମଣବେଳର ଦୃଶ୍ୟ।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆହତ ଖଣି ଅଧିକାରୀ।

## ଆତଙ୍କ ଖେଳାଉଛନ୍ତି ଚୋରା ବାଲି ବ୍ୟବସାୟୀ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ରେମୁଣା(ରବୀନ୍ଦ୍ର ମହାକୁଡ), ୧୦।୬

ମୟୂରଭଞ୍ଜ ଜିଲା କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ଥାନା ଆଗରେ ଚୋରା ବାଲି ବ୍ୟବସାୟୀମାନେ ମରଣାନ୍ତକ ଆକ୍ରମଣ କରିବାର ଚର୍ଚ୍ଚା ଥମି ନ ଥିବା ବେଳେ ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳରେ ଅନୁରୂପ ଆତଙ୍କରାଜ୍ ଦେଖିବାକୁ ମିଳିଛି। ଚୋରା ବାଲି ବ୍ୟବସାୟୀମାନେ ପ୍ରଶାସନ ଓ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଚଢାଉ କରିବାକୁ ଯାଉଥିବା ଅଧିକାରୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରିବାକୁ ପଛାଉନାହାନ୍ତି। ମଙ୍ଗଳବାର ଖଣି ବିଭାଗର କନିଷ୍ଠ ଅଧିକାରୀ ତାପସ କୁମାର ବେହେରାଙ୍କୁ ଭ୍ୟାନ୍‌ରୁ ଟାଣି ଆଣି ନିର୍ଘୂମ ପିଟିବା ସହ ଏକ କାଚ ବୋତଲରେ ଆକ୍ରମଣ କରିଛନ୍ତି। ବାଲେଶ୍ୱର ଜିଲା ରେମୁଣା ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀ କାଠସଙ୍ଗଡ଼ା ଘାଟ ନିକଟରେ ଏହି ଘଟଣା ଘଟିଛି। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆହତ ଜୁନିୟର ଖଣି ଅଧିକାରୀ ତାପସ କୁମାର ବେହେରାଙ୍କୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଭେଟିଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

କାଠସଙ୍ଗଡ଼ାଠାରେ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଖଣି ଅଧିକାରୀ ବେହେରା ମଙ୍ଗଳବାର ମଧ୍ୟାହ୍ନରେ ପରିଦର୍ଶନ ପାଇଁ ଯାଇଥିଲେ। ତାଙ୍କ ସହିତ ଖଣି ବିଭାଗର ଅନ୍ୟ ଜଣେ କର୍ମଚାରୀ ଓ ଡ୍ରାଇଭର ଥିଲେ। ସେଠାରେ ସେ ବାଲି ପରିବହନ କରୁଥିବା ଗାଡ଼ିର ଫଟୋ ଉଠାଉଥିଲେ। ଏହି ସମୟରେ ଚୋରା ବାଲି ବ୍ୟବସାୟୀ ଓ ସହଯୋଗୀ ସେଠାରେ ଏକାଠି ହୋଇ ଜୁନିୟର ଖଣି ଅଧିକାରୀ ବେହେରାଙ୍କୁ ମାଡ଼ ମାରିଥିଲେ। ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଏପରିକି ତାଙ୍କ ସହ ଥିବା କର୍ମଚାରୀ ଓ ଡ୍ରାଇଭରଙ୍କୁ ମଧ ଆକ୍ରମଣ କରିଥିଲେ। କିଛି ସମୟ ପରେ ଆକ୍ରମଣକାରୀ ଚାଲିଯିବା ପରେ ଆହତ କର୍ମଚାରୀ ଓ ଡ୍ରାଇଭର ଖଣି ଅଧିକାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ-ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଖଣି ଅଧିକାରୀ ସନ୍ତୋଷୀ ପ୍ରଭା ସେଠୀ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ଅଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଡ୍ୟୁଟିରେ ଥିବା ସମୟରେ କୌଣସି ଅଧିକାରୀଙ୍କୁ ଏଭଳି ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ଏନେଇ ପୋଲିସ ଅଧିକାରୀଙ୍କ ସହ ସେ କଥା ହୋଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଏ ସମ୍ପର୍କରେ ରେମୁଣା ଥାନାରେ ବିଭାଗ ତରଫରୁ ଲିଖିତ ଅଭିଯୋଗ ହୋଇଛି। ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଡାକ୍ତରଖାନାରେ ପହଞ୍ଚି ଆହତ ଅଧିକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବଚସାରୁ ପିଟି ହତ୍ୟା, ଅଭିଯୁକ୍ତ ଗିରଫ

ବାଲିଗୁଡ଼ା,୧୦।୬ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସାଙ୍ଗ ହୋଇ ମହୁଲି ମଦ ପିଇବାକୁ ଆସିଥିବା ବେଳେ ସାମାନ୍ୟ ବଚସାରୁ ଜଣେ ବ୍ୟକ୍ତିଙ୍କୁ ଅନ୍ୟ ଜଣେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ବାଲିଗୁଡ଼ା ମୁଣ୍ଡାସାହିର ଶଙ୍କର ନାୟକ(୫୨)। ଅଭିଯୁକ୍ତ ସ୍ଥାନୀୟ ନୂଆସାହିର ନିରାକାର ନାୟକ (୫୫)ଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି।


ପୋଲିସ ହେପାଜତରେ ଅଭିଯୁକ୍ତ ନିରାକାର ନାୟକ (ମଝି)।

ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟାରେ ନିରାକାର ଓ ଶଙ୍କର ସାଙ୍ଗ ହୋଇ ହାଟପଦା ସାହିକୁ ମହୁଲି ପିଇବାକୁ ଆସିଥିଲେ। କୌଣସି ଏକ କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ନିରାକାର ଉତ୍ତ୍ୟକ୍ତ ହୋଇ ଶଙ୍କରଙ୍କୁ ନିସ୍ଥୁକ ପିଟିଥିଲେ। ସେ ତଳେ ପଡ଼ିଯିବାରୁ ପେଟକୁ ୨/୩ଥର ଗୋଇଠା ମାରିଥିଲେ। ଫଳରେ ଘଟଣାସ୍ଥଳରେ ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ପରେ ନିରାକାର ମୃତଦେହକୁ ପ୍ରାୟ ୧୫୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇ କମିଟି ଗୃହ ନିକଟରେ ରଖିଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ଶଙ୍କରଙ୍କ ସ୍ତ୍ରୀ ସାବିତ୍ରୀ ନାୟକ ତାଙ୍କ ସ୍ୱାମୀଙ୍କୁ ନିରାକାର ହତ୍ୟା କରିଥିବା ନେଇ ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ନେଇ ନଂ. ୧୮୩/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସଞ୍ଜୟ ସ୍ୱାଇଁ ପ୍ରକାଶ କରିଛନ୍ତି।

# ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବଡ଼ବିଲ, ୧୦।୬(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଗାଢ଼ା ହଟିଂ ଅଞ୍ଚଳରେ ସ୍ୱାମୀଙ୍କ ଗୋଇଠା, ବିଧା ଏବଂ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଗାଢ଼ା ହଟିଂ ଅଞ୍ଚଳର ଜାନକୀ ମୁଣ୍ଡା। ପୋଲିସ ଅଭିଯୁକ୍ତ ସ୍ୱାମୀ ଟାକୁଲୁ ମୁଣ୍ଡାଙ୍କୁ ମଙ୍ଗଳବାର ଗିରଫକରି କୋର୍ଟ ଚାଲାଣ କରିଛି। ଏ ନେଇ ବଡ଼ବିଲ ସବ୍ ଡିଭିଜନାଲ ପୋଲିସ ଅଫିସର ଦେବେନ୍ଦ୍ର କୁମାର ପିଙ୍ଗୁଆ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବଡ଼ବିଲ ପୌରାଞ୍ଚଳ ୱାର୍ଡ ନଂ. ୧୦, ଗାଢ଼ା ହଟିଂ ଅଞ୍ଚଳରେ ଟାକୁଲୁ, ସ୍ତ୍ରୀ ଜାନକୀ ୫ ଝିଅ ଓ ୨ ପୁଅଙ୍କ ସହ ରହୁଥିଲେ। ଉଭୟେ ଦିନମଜୁରିଆ ଭାବେ କାମ କରୁଥିଲେ। ପ୍ରତ୍ୟହ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଗତ ରବିବାର ରାତିରେ ଉଭୟଙ୍କ ମଧ୍ୟରେ କଳହ ହୋଇଥିବା ବେଳେ ଟାକୁଲୁ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ଗୋଇଠା, ବିଧା ସହ ଏକ କାଠରେ ନିସ୍ଥୁକ ମାଡ଼ ମାରିଥିଲେ। ଟାକୁଲୁଙ୍କ ମାଡ଼ରେ ଜାନକୀ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୋମବାର ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ ସଦଳବଳ ପହଞ୍ଚି ମୃତଦେହ ଜବତକରିବା ସହ ଟାକୁଲୁଙ୍କୁ ଗିରଫ କରିଥିଲା। ସେ ଠେଙ୍ଗାରେ ମାଡ଼ ମାରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବଡ଼ବିଲ ଥାନାରେ ଏକ ମାମଲା(ନଂ. ୧୭୩/୨୦୨୫)ରୁଜୁ ହୋଇଛି।

# ବିଲ୍ ପାଇଁ ଲାଞ୍ଚ ନେଇ ବ୍ଲକ୍ ମହିଳା ସହକାରୀ ଯନ୍ତ୍ରୀ ଗିରଫ

ଲମତାପୁଟ,୧୦।୬(ଭକ୍ତରାମ ବାଙ୍କିଆ)

ଏକ ବିଲ୍ ପାସ୍ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ମହିଳା ସହକାରୀ ଯନ୍ତ୍ରୀ ଶୁଚିସ୍ମିତା ପରିଜାଙ୍କୁ ମଙ୍ଗଳବାର ଅପରାହ୍ନରେ ଜୟପୁର ଭିଜିଲାନ୍ସ ଟିମ୍ ଗିରଫ କରିଛି। ସୂଚନା ଅନୁଯାୟୀ, ସହକାରୀ ଯନ୍ତ୍ରୀ ପରିଜା ୨ବର୍ଷ ହେବ ଲମତାପୁଟ ବ୍ଲକ୍ ଉମ୍ପେଲ ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନ୍ତର୍ଗତ ଏକ ଘାଟ କଟିଂ କାର୍ଯ୍ୟର ବିଲ୍ କରାଇ ଦେବା ପାଇଁ ଜଣେ ଗାଁ ସାଥୀଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଗାଁ ସାଥୀ ୫ ହଜାର ଟଙ୍କା ଦେଇ ବଳକା ଟଙ୍କା ପରେ ଦେବି କହି ସୋମବାର ଭିଜିଲାନ୍ସ ଥାନାର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ବଳକା ୧୦ହଜାର ଟଙ୍କାରୁ ୮ ହଜାର ଦେଉଥିବା ବେଳେ ସହକାରୀ ଯନ୍ତ୍ରୀ ପରିଜାଙ୍କ ଲମତାପୁଟସ୍ଥିତ ସରକାରୀ ବାସଭବନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଟଙ୍କା ଜବତ କରିଥିଲା। ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ସରକାରୀ ବାସଭବନ, ସେମିଳିଗୁଡ଼ାସ୍ଥିତ ଘର ଓ ଭୁବନେଶ୍ୱରସ୍ଥିତ ଘରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ ଜାରି ରଖିଛି।

BUSINESS

# ଆଇଆଇଏର ପ୍ରସ୍ତାବ: ବଦଳିବ ବିଲ୍ଡିଂ ପ୍ଲାନ୍ ନିୟମାବଳୀ

ଭୁବନେଶ୍ୱର,୧୦।୬

ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ଘରଟିଏ କରିବାକୁ ଇଚ୍ଛା କରୁଥିଲେ ମଧ ବିଲ୍ଡିଂ ପ୍ଲାନିଂ ଓ ପ୍ଲାନ୍ ଆପ୍ରୁଭାଲ ଯୋଗୁ ଉପଭୋକ୍ତା ଜଣକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଆଇଆଇଏ) ର ଓଡ଼ିଶା ଚାପ୍ଟର ପକ୍ଷରୁ ରାଜ୍ୟ ସରକାରଙ୍କୁ ଏକ ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ପାଇଁ ବିଭିନ୍ନ ସରଳୀକରଣ ଉପ୍ରାଦ ସହ ପ୍ରସ୍ତାବିତ ଏକ ଚିଠା ଆଇଆଇଏର ଅଧ୍ୟକ୍ଷା ସ୍ୱାପ୍ନଦତ୍ତା ମହାନ୍ତିଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଏବଂ ସହରାଞ୍ଚଳ ବିକାଶ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କୁ ପ୍ରଦାନ କରାଯାଇଛି। ବିଶେଷକରି ଏହି ପ୍ରସ୍ତାବିତ ଚିଠା ଓଡ଼ିଶା ବିକାଶ ପ୍ରାଧିକରଣ (ପ୍ଲାନିଂ ଓ ନିର୍ମାଣ ମାନକ ନିୟମ) ୨୦୨୫ ସହ କ୍ରେଡାଇ ଓଡ଼ିଶା, କ୍ରେଡାଇ ଭୁବନେଶ୍ୱର, ଆର୍ଫର୍ଡ ଏବଂ ନରେଡକୋ ଓଡ଼ିଶା ସମେତ ପ୍ରମୁଖ ଅଂଶୀଦାରଙ୍କ ସହ ବ୍ୟାପକ ଆଲୋଚନା ପରେ ଏହାକୁ ପ୍ରଦାନ କରାଯାଇଛି। ସେହିପରି ଚିଠା ପ୍ରସ୍ତାବ ଯେଭଳି ସମାବେଶୀ ଏବଂ ବାସ୍ତବବାଦୀ ହେବ, ତାହା ସୁନିଶ୍ଚିତ କରିବାକୁ ଜନସାଧାରଣଙ୍କ ମତାମତକୁ ମଧ ବିଚାରକୁ ନିଆଯାଇଛି। ଏପରିକି ଆଇନକୁ କମ୍ ଜଟିଳ ଏବଂ ଅଧିକ ଲୋକାଭିମୁଖୀ କରି ଗଢି ତୋଳିବା ଏବଂ ପରିଶେଷରେ ସାଧାରଣ ଲୋକଙ୍କୁ ଫାଇଦା ଦେବା ଲକ୍ଷ୍ୟରେ ଉଷା ପାଢ଼ୀଙ୍କ ମାର୍ଗଦର୍ଶନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା। ଅପରପକ୍ଷରେ ଏହି ପ୍ରସ୍ତାବିତ ନିୟମାବଳୀଗୁଡିକ ଲୋକାଭିମୁଖୀ ଏବଂ ଏହା ପ୍ଲାନିଂ ଏବଂ ବିକାଶ ପ୍ରକ୍ରିୟାରେ ସାଧାରଣ ଜନତା ସମ୍ମୁଖୀନ ହେଉଥିବା ପଦ୍ଧତିଗତ ପ୍ରତିବନ୍ଧକଗୁଡିକୁ ସହଜ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି। ସାମ୍ପ୍ରତିକ ନିୟମଗୁଡ଼ିକ କୋଠାବାଡି ଅନୁମୋଦନ ପ୍ରକ୍ରିୟାକୁ ସୁଗମ କରିବା ଦ୍ୱାରା ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକର ସମାଧାନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି। ବହୁସ୍ତରୀୟ କଟକଣାଯୁକ୍ତ ନିୟମାବଳୀକୁ ନେଇ ନାଗରିକମାନଙ୍କୁ ଭାରାକ୍ରାନ୍ତ କରିବା


ଆଇଆଇଏ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷା ସ୍ୱାପ୍ନଦତ୍ତା ମହାନ୍ତି ପ୍ରସ୍ତାବିତ ଚିଠାକୁ ଉଷା ପାଢ଼ୀଙ୍କୁ ପ୍ରଦାନ କରୁଛନ୍ତି। ଏହି ଅବସରରେ ଚାପ୍ଟରର ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପରିବର୍ତ୍ତେ ଏହି ନିୟମଗୁଡିକ ସେମାନଙ୍କୁ ସରଳୀକୃତ ଏବଂ ସହଜ ପଦ୍ଧତିଗୁଡିକ ଜରିଆରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି।

ଏହି ଚିଠାରେ କମ୍ ଆପଦଯୁକ୍ତ କୋଠାବାଡ଼ିଗୁଡିକର ଅନୁମୋଦନ ପଦ୍ଧତି ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହା ଅର୍ଥ ଆକାରରେ ୫୫୦୦ ବର୍ଗଫୁଟ ପର୍ଯ୍ୟନ୍ତ ପ୍ଲଟ୍ ଏବଂ ୩ ମହଲା ପର୍ଯ୍ୟନ୍ତ କୋଠାଗୁଡିକୁ ସିଙ୍ଗଲ ୱିଣ୍ଡୋ ସେବା ଜରିଆରେ ପଞ୍ଜୀକୃତ ସ୍ଥପତିଙ୍କ ଦ୍ୱାରା ଅନୁମୋଦନ କରାଯାଇପାରିବ। ଏହା ପଦ୍ଧତିଗତ ପ୍ରତିବନ୍ଧକ ପଛରେ ଗୋଡାଇ କ୍ଳାନ୍ତ ହୋଇପଡୁଥିବା ଏକ ବିଶାଳ ଜନସଂଖ୍ୟା ପାଇଁ ଏହା ବେଶ୍ ସହାୟକ ହେବ। ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବରେ ମଧ କୋଠାବାଡ଼ିର ପ୍ରକାର, ପ୍ଲିନ୍ଥ ଉଚ୍ଚତା, ଷ୍ଟିଲ୍ଟ ପାର୍କିଂ ଉଚ୍ଚତା, କୋଠାର ଉଚ୍ଚତା, ଭୂମି ବ୍ୟବହାର ଜୋନ୍, ପହଞ୍ଚିବାର ଉପାୟ, ସଡ଼କର ଓସାର ଏବଂ ସ୍ୱଷ୍ଟତାର ଅଭାବ ରହିଥିବା ଭଳି ଅନେକ ବିଷୟର ସଂଜ୍ଞାକୁ ଯେଭଳି ଦ୍ୱିଅର୍ଥ ବୋଧକ କରାଯାଉଛି, ତାହା ଦୂରକରାଯିବା ନିହାତି ଆବଶ୍ୟକ ରହିଛି। ଆପ୍ରୁଭାଲର ବୈଧତା ୫ ବର୍ଷ ପାଇଁ ବୃଦ୍ଧି କରାଯିବା ଏବଂ ସହଜ ନବୀକରଣ ପଦ୍ଧତି କାର୍ଯ୍ୟକାରୀ କରିବାକୁ ମଧ ଚିଠାରେ ପ୍ରସ୍ତାବ ଦିଆଯାଇଛି। ଏହି ସମସ୍ତ ପ୍ରସ୍ତାବ ଯଦି ଗ୍ରହଣ ଓ କାର୍ଯ୍ୟକାରୀ କରାଯାଏ। ତେବେ ତାହା ଓଡ଼ିଶାର ଜନସାଧାରଣଙ୍କ ନିମନ୍ତେ ଉଦାହରଣଯୋଗ୍ୟ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ଏହା ସମସ୍ତ କାର୍ଯ୍ୟ ପରିଚାଳନା ସହଜ କରିବା ପ୍ରକ୍ରିୟାକୁ ସୁଗମ କରିବ। ଏହି ପରିବର୍ତ୍ତନ ସ୍ୱଚ୍ଛତା, ସମାବେଶୀ ଏବଂ ଜୀବନଧାରଣ ସହଜ କରିବା ଦିଗରେ ପଦକ୍ଷେପକୁ ପ୍ରତିଫଳିତ କରୁଛି। ଦୀର୍ଘସ୍ଥାୟିତା ଲକ୍ଷ୍ୟ ସହିତ ତାଳଦେଇ ଏହି ଚିଠା ପ୍ରସ୍ତାବରେ ଆଧୁନିକ ବୈଷୟିକମାନକ, ସବୁଜ କୋଠାବାଡି ସର୍ତ୍ତାବଳୀ ଏବଂ ମଜଭୁତ ସହରାଞ୍ଚଳ ଡିଜାଇନ ନୀତିକୁ ସାମିଲ କରାଯାଇଛି।

# ସତ୍‌ପାଲ ଏଲ୍‌ଆଇସିର ଅନ୍ତରୀଣ ସିଇଓ

ମୁମ୍ବାଇ,୧୦।୬


ସତ୍‌ପାଲ ଭାନୋ

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଅନ୍ତରୀଣ ସିଇଓ ତଥା ଏମ୍‌ଡି ଭାବେ ସତ୍‌ପାଲ ଭାନୋଙ୍କୁ ନିକଟରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଜୁନ୍ ୭ରେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ପକ୍ଷରୁ ଏଲ୍‌ଆଇସିକୁ ଏକ ପତ୍ର କରାଯାଇଛି। ଉକ୍ତ ଚିଠି ଅନୁଯାୟୀ ସତ୍‌ପାଲ ଭାନୋଙ୍କୁ ଏଲ୍‌ଆଇସିର ଅନ୍ତରୀଣ ଏମ୍‌ଡି ତଥା ସିଇଓ ଦ୍ୱାୟିତ୍ୱ ସହ ଆର୍ଥିକ ଏବଂ ପ୍ରଶାସନିକ କ୍ଷମତା ଓ କାର୍ଯ୍ୟ ନ୍ୟସ୍ତ କରାଯାଇଛି। ସେହିଭଳି ୨୦୨୫ ଜୁନ୍ ୮ ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏପରି କି ଆସନ୍ତା ତିନି ମାସ ପର୍ଯ୍ୟନ୍ତ ସେ ଏହି ଅତିରିକ୍ତ ଦାୟିତ୍ୱ ବହନ କରିବେ। ଅପରପକ୍ଷରେ ନିୟମିତ ପଦାଧିକାରୀଙ୍କ ଦ୍ୱାରା ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସୂଚନାଯୋଗ୍ୟ, ୨୦୨୫ ଜୁନ ୭ରେ ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କର କାର୍ଯ୍ୟକାଳ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ସତ୍‌ପାଲଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ଏଲ୍‌ଆଇସିରେ ୪ଜଣ ଏମ୍‌ଡି କାର୍ଯ୍ୟ କରୁଥିବାବେଳେ ସତ୍‌ପାଲ ଭାନୋ ବରିଷ୍ଠ ଭାବେ କାର୍ଯ୍ୟ କରୁଛନ୍ତି।

# ଶେୟାର ବଜାର କାରବାରରେ ଭିନ୍ନ ଫଳାଫଳ

ମୁମ୍ବାଇ,୧୦।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଭିନ୍ନ ଫଳାଫଳ ସହ ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୩.୪୯ ପଏଣ୍ଟ କମି ୮୨,୩୯୧.୭୨ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ ୧.୦୫ ପଏଣ୍ଟ ବଢି ୨୫,୧୦୪.୨୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ଏସ୍‌ଏସ୍‌ଆର୍‌ଡିପି ତତ୍ତ୍ୱାବଧାନରେ ଏସ୍‌ଏସ୍‌ୟୁ ବିଦ୍ୟାର୍ଥୀଙ୍କର ପ୍ରଶିକ୍ଷଣ


ଇଣ୍ଟର୍ନଶିପ୍ ପ୍ରୋଗ୍ରାମରେ ସାମିଲ ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୬(ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଶ୍ରୀ ଶ୍ରୀ ୟୁନିଭର୍ସିଟି (ଏସ୍‌ଏସ୍‌ୟୁ)ର କୃଷି ବିଭାଗ ପକ୍ଷରୁ ଇଣ୍ଟର୍ନଶିପ୍ ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ଏପରିକି ଶ୍ରୀ ଶ୍ରୀ ରୁରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟ (ଏସ୍‌ଏସ୍‌ଆର୍‌ଡିପି) ତତ୍ତ୍ୱାବଧାନରେ ଏସ୍‌ଏସ୍‌ୟୁ ବିଦ୍ୟାର୍ଥୀଙ୍କର ପ୍ରଶିକ୍ଷଣ ଆରମ୍ଭ ହୋଇଛି। ସେହିଭଳି କୃଷି ବିଭାଗ ଶେଷ ସେମିଷ୍ଟର ଏକ ୧୪ ଜଣିଆ ଟିମ୍ ପ୍ରଥମ ପର୍ଯ୍ୟାୟରେ ବେଙ୍ଗାଲୁରୁସ୍ଥିତ 'ଆର୍ଟ ଅଫ୍ ଲିଭିଂ ଆଶ୍ରମ'କୁ ଇଣ୍ଟର୍ନଶିପ୍ ପାଇଁ ଯାଇଛନ୍ତି। ଏପରିକି ପ୍ରଥମ ପର୍ଯ୍ୟାୟରେ ଇଣ୍ଟର୍ନଶିପ୍‌କୁ କୃଷି ବିଭାଗର ଆର୍ଯ୍ୟଶ୍ରୀ ତେଜସ୍ୱିନୀ, କ୍ରିତିକା ନାୟକ, ଶ୍ରାବଣୀ ରାଉତ, ପ୍ରିୟଦର୍ଶିନୀ ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ଶ୍ୱେତପଦ୍ମା ପାତ୍ର, ଅର୍ଘ୍ୟଦୀପ ପଟ୍ଟନାୟକ, ରିଷିରାଜ ରାଉତ, ମୀରା ସ୍ୱାଇଁ, କାଶିସ୍ ରାଜୁ, ସତ୍ୟପ୍ରକାଶ ସିଂ, ପ୍ରାଚୀତାରା ଦାସ, ଈପ୍‌ସିତା ନାୟକ ଏବଂ ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ସାମିଲ ଅଛନ୍ତି। ଏପରିକି ସେମାନେ ସେଠାରେ ବିଭିନ୍ନ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ସାଙ୍ଗକୁ ଅଭିଜ୍ଞତା ମଧ ଅର୍ଜନ କରୁଛନ୍ତି। ଏହି ଇଣ୍ଟର୍ନଶିପ୍‌ର ଅବଧି ୨୦୨୫ ଜୁନ୍ ୨୬ ପର୍ଯ୍ୟନ୍ତ ରହିଛି। ଏପରିକି ପ୍ରାୟ ଏକ ମାସ ଧରି ଏହି ଇଣ୍ଟର୍ନଶିପ୍ ଚାଲିବାକୁ ଥିବାବେଳେ ସେମାନେ ଉକ୍ତ ସମୟ ମଧ୍ୟରେ ବିଭିନ୍ନ ସଂସ୍ଥା ଓ କାର୍ଯ୍ୟାଳୟ ବୁଲି ଦେଖିବା ସହ ଅଧିକ ଜ୍ଞାନ ଆହରଣ କରିବାର ସୁଯୋଗ ପାଉଥିବା ପ୍ରକାଶ କରିଛନ୍ତି। ଏହି କ୍ରମରେ ସେମାନେ 'ଫର୍ମା ଅର୍ଗାନିକ୍ ଫାର୍ମିଂ' ବୁଲି ଦେଖିଥିଲେ।

# ୧୨ରେ ଡାଇଭରସିଜ୍ ଇନ୍‌ସ୍ପିରିଆ ଇଭେଣ୍ଟ

ଭୁବନେଶ୍ୱର,୧୦।୬

ଡାଇଭରସିଜ୍'ର ଇନ୍‌ସ୍ପିରିଆ ଇଭେଣ୍ଟ ୨୦୨୫ ଜୁନ୍ ୧୨ରେ ଭୁବନେଶ୍ୱରଠାରେ ହେବାକୁ ଯାଉଛି। ଏହା ସ୍ଥାୟୀ ସ୍ୱଚ୍ଛତା ନବସୃଜନ ପ୍ରଦର୍ଶନ କରୁଥିବା ଏକ ପ୍ରମୁଖ ପ୍ଲାଟ୍‌ଫର୍ମ । କାର୍ଯ୍ୟନିର୍ବାହୀ ଗୃହରକ୍ଷୀ, ପରିଚାଳକ ଏବଂ ବିଭାଗ ମୁଖ୍ୟଙ୍କ ସମେତ ୨୦୦ରୁ ଅଧିକ ଇଣ୍ଡଷ୍ଟ୍ରି ଲିଡରଙ୍କୁ ଏଥିରେ ସାମିଲ କରାଯାଇଛି। ହାଇଜିନ୍ ସାଇନ୍ସ ଏବଂ ଇଏସ୍‌ଜିଚାଳିତ ଅଭ୍ୟାସ ଉପରେ ବିଶେଷଜ୍ଞଙ୍କ ନେତୃତ୍ୱରେ ପ୍ୟାନେଲ କାର୍ଯ୍ୟକ୍ରମ ରହିଛି। ଏହି ଇଭେଣ୍ଟ ଭାରତର ସବୁଜ ବ୍ୟବସାୟ କାର୍ଯ୍ୟର ପରିବର୍ତ୍ତନକୁ ଗୁରୁତ୍ୱାରୋପ କରିବା ସହ କର୍ପୋରେଟ୍ ଏବଂ ଆତିଥ୍ୟ ଉତ୍କୃଷ୍ଟତାର କେନ୍ଦ୍ର ଭାବେ ଭୁବନେଶ୍ୱରର ବଢୁଥିବା ଭୂମିକାକୁ ଉଜ୍ଜ୍ୱଳ କରିବାକୁ ଯୋଜନା ରହିଛି। ଏହି ସମାବେଶ ସମୟୋଚିତ ଏବଂ ପ୍ରାସଙ୍ଗିକ ଶିଳ୍ପ ଡାଇଭରସି ଭଳି ଏକ ସୋଲେନିସ୍ କମ୍ପାନୀ, ଯାହା ଆତିଥ୍ୟ, ଖାଦ୍ୟସେବା, ସ୍ୱାସ୍ଥ୍ୟସେବା, ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ କ୍ଷୀର ବଜାର ପାଇଁ ସଫାସୁତୁରା, ପରିଷ୍କାର ଏବଂ ସଂକ୍ରମଣ ନିବାରଣ ସମାଧାନ ପ୍ରଦାନ କରିଥାଏ।

# ସିବିଆଇ ସହ ବେଦାନ୍ତର ବୁଝାମଣା

ଭୁବନେଶ୍ୱର,୧୦।୬

ବେଦାନ୍ତ ଆଲୁମିନିୟମ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ (ସିବିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ବେଦାନ୍ତ ଆଲୁମିନିୟମର କାର୍ଯ୍ୟ ପରିସର ଏବଂ ବାଲ୍‌କୋ ମାଧ୍ୟମରେ ଏକ ଜମାନତମୁକ୍ତ ଗ୍ରାହକ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସିବିଆଇ ସହ ଏହି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଅପରପକ୍ଷରେ କମ୍ପାନୀର ଏହି ପଦକ୍ଷେପ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସମେତ ମୂଳ ଉପକରଣ ନିର୍ମାତା (ଓଇଏମ୍) ଗୁଡ଼ିକୁ ସର୍ବନିମ୍ନ ଡକ୍ୟୁମେଣ୍ଟେସନ୍ ସହିତ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପାଇବାକୁ ଏହା ସକ୍ଷମ କରିବ, ଯାହା ଭାରତର ଡାଉନଷ୍ଟ୍ରିମ୍ ଧାତୁ ଶିଳ୍ପକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଭାରତରେ ଉତ୍ପାଦନ ଏବଂ ଶିଳ୍ପ ଇକୋସିଷ୍ଟମର ମେରୁଦଣ୍ଡ ଗଠନ କରୁଥିବା ଏମ୍‌ଏସ୍‌ଏମ୍‌ଇ ମାନଙ୍କ ପାଇଁ କାର୍ଯ୍ୟକ୍ଷମ ପୁଞ୍ଜିକୁ ଅଧିକ ସୁଲଭ କରି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏପରିକି ଅଧିକ ଆର୍ଥିକ ସହାୟତାକୁ ସକ୍ଷମ କରି ଆମେ କେବଳ ଆମର ଗ୍ରାହକମାନଙ୍କୁ ଦକ୍ଷତାର ସହିତ ମାପିବା ପାଇଁ ସଶକ୍ତ କରୁନାହୁଁ ବରଂ ଏକ ଦୃଢ଼ ଡାଉନଷ୍ଟ୍ରିମ୍ କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରୁଛୁ। ଆମର ଡାଉନଷ୍ଟ୍ରିମ୍ ଗ୍ରାହକଙ୍କ ମଧ୍ୟରୁ ୬୦% ରୁ ଅଧିକ ଏମଏସଏମଇ ସହିତ ଏହି ପଦକ୍ଷେପ ବ୍ୟବସାୟ ବିସ୍ତାର ଏବଂ ପ୍ରତିଯୋଗିତାମୂଳକତା ପାଇଁ ନୂତନ ରାସ୍ତା ଖୋଲିବ। ଏହା ଏକ ଆତ୍ମନିର୍ଭରଶୀଳ,ପ୍ରତିଯୋଗିତାମୂଳକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଆଲୁମିନିୟମ ଶିଳ୍ପ ନିର୍ମାଣ କରିବାର ଆମର ଦୃଷ୍ଟିକୋଣ ସହିତ ସମାନ, ଯାହା ଭାରତର ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ବିଶ୍ୱ ଉତ୍ପାଦନ ନେତୃତ୍ୱକୁ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେଇଥାଏ। ସେହିଭଳି ବେଦାନ୍ତ ଆଲୁମିନିୟମର ୬୦% ରୁ ଅଧିକ ଡାଉନଷ୍ଟ୍ରିମ୍ ଗ୍ରାହକ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରୁ ଆସିଥିଲାବେଳେ ପ୍ରବେଶ ଯୋଗ୍ୟତା ଏବଂ ଗ୍ରାହକ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଆର୍ଥିକ କାର୍ଯ୍ୟକ୍ରମକୁ ସିଧାସଳଖ ବେଦାନ୍ତ ମେଟାଲ୍ ବଜାରରେ ସଂଯୁକ୍ତ କରାଯିବ।

# ଝାଡ଼ାବାନ୍ତିରେ ଜଣେ ମୃତ, ଶତାଧିକ ଆକ୍ରାନ୍ତ

- ଚଣ୍ଡିଖୋଲ, ଧର୍ମଶାଳା, ଦାନଗଦି, ବ୍ୟାସନଗରରେ ସର୍ବାଧିକ
- ଜିଲାପାଳ, ସିଡିଏମ୍ଓ, ବିଧାୟକଙ୍କ ଡାକ୍ତରଖାନା ପରିଦର୍ଶନ




ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ।

ଯାଜପୁର/ଯାଜପୁର ରୋଡ଼/କାଂପା/ଧର୍ମଶାଳା(ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି/ଶିବପ୍ରସାଦ ମହାନ୍ତି/ବାବୁଲୁ ପରିଡ଼ା),୧୦।୬

ଯାଜପୁର ଜିଲ୍ଲାର ଧର୍ମଶାଳା, ଚଣ୍ଡିଖୋଲ, ଦାନଗଦି, କୋରେଇ ଓ ବ୍ୟାସନଗର ପୌରାଞ୍ଚଳରେ ସୋମବାର ରାତିରୁ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ବ୍ୟାସନଗର ବଙ୍ଗଳା ଛକ ମାରୁଆଡ଼ି ପଡ଼ାର ତୋଲାରାମ ଶର୍ମା(୬୫)। ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ରୋଡ଼ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହି ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶତାଧିକ ଆକ୍ରାନ୍ତଙ୍କୁ ଭର୍ତ୍ତି କରାଯାଇଛି। ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ପ୍ରକାଶ କୁମାର ବଳ ପ୍ରମୁଖ ଡାକ୍ତରଖାନା ପରିଦର୍ଶନ କରି ରୋଗୀମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସକାଳୁ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିଲା। ମଧ୍ୟାହ୍ନ ସୁଦ୍ଧା ୧୨୦ରୁ ଊର୍ଦ୍ଧ୍ୱ ରୋଗୀ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ବେଡ୍ ଅଭାବରୁ ରୋଗୀମାନଙ୍କୁ ସାଲାଇନ ଧରି ବାରଣ୍ଡାରେ ଶୋଇବାକୁ ପଡ଼ିଥିଲା। ମେଡିକାଲରେ ଔଷଧ ଏବଂ ଇଞ୍ଜେକ୍ସନ ମିଳି ପାରୁ ନ ଥିବା ଅନେକ ରୋଗୀ ସିଡିଏମ୍ଓଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ହଠାତ୍ ଏତେ ସଂଖ୍ୟକ ଝାଡ଼ାବାନ୍ତି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନାକେଦମ ହୋଇଯାଇଥିଲେ ଡାକ୍ତରଖାନା କର୍ତ୍ତୃପକ୍ଷ। ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ ଡାକ୍ତର ଦୁର୍ଗା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ୩ ଜଣିଆ ଟିମ ଓ ଯାଜପୁରକେନ୍ଦୁଝର ମେଡିକାଲ କଲେଜରୁ ଗୋଟିଏ ଟିମ୍‌କୁ ରୋଗୀମାନଙ୍କ ସେବାରେ ନିୟୋଜିତ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଅନ୍ୟ ଏକ ଡାକ୍ତରୀ ଦଳ ସର୍ବାଧିକ ରୋଗୀ ଆସିଥିବା ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ ଓ ରସୁଲପୁର ବ୍ଲକ ଗୋପାଳପୁର ଅଞ୍ଚଳକୁ ଯାଇ ଝାଡ଼ାବାନ୍ତି କାରଣ ଖୋଜିଥିଲେ। ଜଳବାୟୁରେ ପରିବର୍ତ୍ତନ ହେତୁ ହଠାତ ଏଭଳି ପରିସ୍ଥିତି ହୋଇଥିବା ସିଡିଏମ୍ଓ ବଳ କହିଛନ୍ତି।

ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୦ରୁ ଅଧିକ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ରୋଗୀମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୮ ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ସିଡିଏମ୍ଓ ବଳଙ୍କ ନିର୍ଦ୍ଦେଶରେ ଯାଜପୁର ଯଯାତି କେଶରୀ ମେଡିକାଲ କଲେଜରୁ ଏକ ବିଶେଷଜ୍ଞ ଦଳ ଯାଜପୁରରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଝାଡ଼ା ଓ ବାନ୍ତିର ନମୁନା ସଂଗ୍ରହ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାଲାଇନ ଏବଂ ଓଆରଏସ୍ ସମେତ ଅନ୍ୟ ଜରୁରୀ ମେଡ଼ିସିନ ମହଜୁଦ ରହିଥିବା ସିଡିଏମ୍ଓ ବଳ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତିରୁ ପେଟ ଯନ୍ତ୍ରଣା ସହିତ ବାନ୍ତି ଓ ପତଳା ଝାଡ଼ା ଆରମ୍ଭ ହୋଇଥିଲା । ଯାଜପୁରରୋଡ଼ ମେଡିକାଲ ଭାରପ୍ରାପ୍ତ ଅଧିକାରୀ ରଞ୍ଜୀବ ରାଉତଙ୍କୁ ଏ ସମ୍ପର୍କରେ ପଚାରିବାରୁ ଆକ୍ରାନ୍ତମାନେ ଭୋଜିଖାଇ ଏଭଳି ପରିସ୍ଥିତି ହୋଇଥିବା କହିଥିଲେ। ଏବେ ପରିସ୍ଥିତି ନିୟନ୍ତ୍ରଣରେ ରହିଥିବା ସେ କହିଛନ୍ତି।

ଖବର ପାଇ ଅପରାହ୍ନରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମେଡିକାଲରେ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ସମେତ ଶିଶିର କୁମାର ରାଉତ, ଉମାପଦାର ଅନୁପ ନାୟକ, ନଟପଡ଼ାର ବ୍ୟବସାୟୀ ରାଜେଶ କୁମାର ରାଉତ ଓ ସଞ୍ଜୟ ବୋଇତାଇ, ଖଟିଆ ସାହିର ପଦ୍ମନାଭ ନାୟକ, କୋପଣ୍ଡାର ରଜତ ରାଉତ, ଦଳା ଅଞ୍ଚଳର ପ୍ରିୟବ୍ରତ ମହାପାତ୍ର ପ୍ରମୁଖ ଚିକିତ୍ସାଧୀନ ଅଛନ୍ତି। ଏତେ ରୋଗୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ସଂକ୍ରାନ୍ତରେ ଅନ୍ୟ କାରଣ ଥାଇପାରେ ସେ ନେଇ ତର୍ଜମା ଚାଲିଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷେ ଯାଜପୁରରୋଡ଼ ସହରକୁ ଖରସ୍ରୋତା ନଦୀରୁ ୱାଟ୍‌କୋ ଦ୍ୱାରା ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଠିକ ଭାବେ ବିଶୋଧନ ହେଉ ନ ଥିବା ଓ ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ଡ୍ରେନ ପାଣି ପାନୀୟ ଜଳରେ ମିଶି ଦୂଷିତ ହେଉଥିବା ଅନ୍ୟ ଏକ କାରଣ ହୋଇପାରେ ବୋଲି ଅଭିଯୋଗ ହେଉଛି।

# ପିଏମ୍ କୁସୁମ-କ' କାର୍ଯ୍ୟାନ୍ୱୟନ ଉପରେ ଓଇଆର୍‌ସିରେ ଜନଶୁଣାଣି

ଭୁବନେଶ୍ୱର,୧୦।୬
(ରବିନାରାୟଣ ଜେନା)

କୃଷି ଓ କୃଷକଙ୍କ ବିକାଶ ତଥା ସବୁଜ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ-କୁସୁମ ଯୋଜନାକୁ ଓଡ଼ିଶା ସରକାର କୃଷିକ୍ଷେତ୍ରରେ ପ୍ରୟୋଗ କରିଛନ୍ତି। ଓଡ଼ିଶା ସରକାର କୁସୁମ ଯୋଜନା ପାଇଁ ଟାଟା ପାୱାରକୁ କାର୍ଯ୍ୟାନ୍ୱୟନ ସଂସ୍ଥା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି। କୁସୁମ-କ' ଲାଗି ଅତିରିକ୍ତ ୧୫୦ ମେଗାୱାଟ୍ ବିଦ୍ୟୁତ୍ ବୃଦ୍ଧି ପାଇଁ ଟାଟା ପାୱାର କରିଥିବା ଦରଖାସ୍ତ ଉପରେ ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା।

ଆୟୋଗ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା, ନୂତନ ଭାବେ ଯୋଗ ଦେଇଥିବା ଆୟୋଗ ସଭ୍ୟ ବିଶ୍ୱଜିତ୍ ମହାନ୍ତି ଓ ଅନ୍ୟତମ ସଭ୍ୟ ସୁଶାନ୍ତ ରାୟ ମହାପାତ୍ରଙ୍କ ଉପସ୍ଥିତିରେ ତିନିଜଣିଆ ବେଞ୍ଚରେ ଶୁଣାଣି ହୋଇଥିଲା। ପ୍ରାରମ୍ଭରେ ଟାଟା ପାୱାର ଆୟୋଗଙ୍କୁ ସୂଚନା ପ୍ରଦାନକରି କହିଥିଲା ଯେ, କେନ୍ଦ୍ର ଅକ୍ଷୟଶକ୍ତି ମନ୍ତ୍ରଣାଳୟ ଓଡ଼ିଶା ପାଇଁ ଅତିରିକ୍ତ ୫୦ ମେଗାୱାଟ୍ ଗତ ୨୬।୦୫।୨୦୨୫ରେ ମଞ୍ଜୁର କରିଛନ୍ତି। ଆଗରୁ ମଞ୍ଜୁର ୪୦ ମେଗାୱାଟ୍‌କୁ ମିଶାଇ ଓଡ଼ିଶାକୁ ସମୁଦାୟ ୯୦ ମେଗାୱାଟ୍ କୁସୁମ-କ' ପାଇଁ ମଞ୍ଜୁର ହୋଇଛି। ଆୟୋଗ ପୂର୍ବରୁ ୫୦ ମେଗାୱାଟ୍ ନିର୍ମାଣ ପାଇଁ ଟାଟାକୁ ଅନୁମତି ଦେଇଛନ୍ତି। ଏବେ ଅତିରିକ୍ତ ଭାବେ ୧୫୦ ମେଗାୱାଟ୍ ନିର୍ମାଣ କରିବା ପାଇଁ ଅନୁମତି ପ୍ରଦାନ ଲାଗି କର୍ତ୍ତୃପକ୍ଷ ଆୟୋଗଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଗ୍ରୀଡ୍‌କୋ ପ୍ରତିନିଧି ୟୁନିଟ୍ ପିଛା ଧାର୍ଯ୍ୟ କ୍ରୟମୂଲ୍ୟ ୪ ଟଙ୍କା ୪୦ ପଇସାକୁ ବିରୋଧକରି କହିଥିଲେ, ପ୍ରତିଯୋଗିତାମୂଳକ ନିଲାମ ପ୍ରକ୍ରିୟାରେ ମୂଲ୍ୟ ଧାର୍ଯ୍ୟ କରାଗଲେ ବିଦ୍ୟୁତ୍ କ୍ରୟ ମୂଲ୍ୟ କମ୍ ରହିବ। ସେହିପରି ଜନଶୁଣାଣିରେ ଉପସ୍ଥିତ ୱେସ୍କୋର ପୂର୍ବତନ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ପ୍ରଧାନ ଅତିରିକ୍ତ ୧୫୦ ମେଗାୱାଟ୍ କ୍ଷମତା ବୃଦ୍ଧିକୁ ବିରୋଧକରି କହିଲେ, ଏହି ଯୋଜନାରେ କୃଷକଙ୍କ ତୁଳନାରେ ସୋଲାର ବ୍ୟବସାୟୀମାନେ ଅଧିକ ଲାଭାନ୍ୱିତ ହେବେ। କେନ୍ଦ୍ର ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ଏହି ସ୍କିମ୍‌ଟିକୁ ପ୍ରଚଳନ କରିଛନ୍ତି, ତେଣୁ ଟାଟାର ଆବେଦନକୁ ନାକଚ କରାଯାଉ। ସେହିପରି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଟାଟାର କାର୍ଯ୍ୟକୁ ସୂଚିତ କରି କହିଲେ, ଟାଟା ପାୱାରକୁ ରାଜ୍ୟ ସରକାର କାର୍ଯ୍ୟାନ୍ୱୟନ ସଂସ୍ଥା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି। ତେଣୁ କୁସୁମ-କ' ଯୋଜନାରେ ଓଡ଼ିଶାକୁ ମଞ୍ଜୁର ହୋଇଥିବା ୪୦ ମେଗାୱାଟ୍ କ୍ଷମତାକୁ କୃଷିକ୍ଷେତ୍ରର ବିକାଶ ପାଇଁ କିପରି ସୁବିନିଯୋଗ କରାଯାଇପାରିବ ତାହାକୁ କାର୍ଯ୍ୟକାରୀ କରିବେ। ଓଡ଼ିଶାରେ ଅଧିକ କ୍ଷମତାର କୁସୁମ-କ' ପ୍ରକଳ୍ପ ସ୍ଥାପନ କରିବା ନିଷ୍ପତ୍ତି ଟାଟାକୁ ଓଡ଼ିଶା ସରକାର ପ୍ରଦାନ କରିନାହାନ୍ତି। ହେଲେ ଟାଟା ଓଡ଼ିଶାର କୁସୁମ-କ' କ୍ଷମତାକୁ ଅତିରିକ୍ତ ଭାବେ ୫୦ ମେଗାୱାଟ୍ ବୃଦ୍ଧି କରାଇନେଇଛି, ଯାହା ଠିକ୍ ହୋଇନାହିଁ। ଏହି ଅବସରରେ ଶକ୍ତି ବିଭାଗ ପ୍ରତିନିଧି ସୋନାଲି ପଟ୍ଟନାୟକ କହିଥିଲେ, ଟାଟାର ଆବେଦନକୁ ସମୀକ୍ଷା କରିବାର ଆବଶ୍ୟକତା ରହିଛି ଏବଂ ସରକାରଙ୍କ ନିଷ୍ପତ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ଜଣାଇ ଦିଆଯିବ। ସମସ୍ତ ପକ୍ଷ ଶୁଣିସାରିବା ପରେ ଆୟୋଗ ଆଦେଶକୁ ସଂରକ୍ଷିତ ରଖିଛନ୍ତି।


**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**NOTICE**

**FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"- Procurement**

**Bid Identification No.Online Tender/05-2025-26/PMGSY/BPR**

**No.O-262:The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads / Bridges under **PRADHAN MANTRI JANJATI ADIVASI NYAYA MAHA ABHIYAN (PM-JANMAN Batch-I /2024-25)** under Pradhan Mantri Gram Sadak Yojana (PMGSY) in the districts of **Ganjam for 08 (Eight)** number of packages with estimated cost totalling to **Rs.21.91 Cr (Approximate)** including their maintenance for five years from the eligible contractors registered with **State PWD/CPWD/MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. **Dtd. 12.06.2025**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security and (c) Original Affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand**, failing which the bids shall be declared non-responsive.

**Last Date/ Time for receipt of bids through e-procurement: 26.06.2025 upto 5.30 P.M**
**For further details and corrigendum (if any) please log on to www.pmgsytenders.gov.in**

OIPR-25071/11/0096/2526 **Sd./- Chief Construction Engineer, R.W.Circle, Berhampur**



**Government of Odisha**
**OFFICE OF THE EXECUTIVE ENGINEER, RURAL WORKS DIVISION-II, NABARANGPUR, UMERKOTE**
e-mail: eerwukt@gmail.com & eerwukt@ymail.com
Letter No.2193, Dated:09.06.2025

**e-Procurement Notice**

No.O-261:1. Name of the Work: Weir Adjacent to Bridge Works, 2. Total No. of Works: 01 (One) No. 3. Approx. Estimated Cost: 76.33 Lakhs. 4. Class of Contractor: "B" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of Tender on-line for bidding From | Availability of Tender on-line for bidding To | Last Date & Time seeking tender clarification | Date & Time of Opening of Tender: Technical Bid | Date & Time of Opening of Tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/03/ RWD- UKT/ 2025-26 | 16.06.2025 at 11.00 AM | 25.06.2025 upto 5.00 PM | 24.06.2025 at 01.00 PM | 26.06.2025 at 11.00 AM | To be intimated separately |

Further details can be seen from the Government website www.tendersodisha.gov.in

OIPR-25103/11/0020/2526 **Sd./- Executive Engineer, Rural Works Division-II, Nabarangpur, Umerkote**



**OFFICE OF THE SUPERINTENDENT**
**SAHEED LAXAMAN NAYAK MEDICAL COLLEGE AND HOSPITAL, KORAPUT**
Tel.No.06852 252121, E-mail- supdtslnmchkpt.od@gov.in, slnmchkpt22@gmail.com
No.3955/2025 Date:06.06.2025

**TENDER CALL NOTICE**

No.E-156:The Medical Superintendent, SLNMCH, Koraput-764020, Dist- Koraput, Odisha invites sealed tenders in plain papers/pads are invited from intending Manufacturers/Distributors/Stockiest/ Wholesaler for supply of Drugs & Medical Consumables item in bulk quantity to the undersigned as per requirement of the hospital which will be valid for a period of one year from the date of approval or till finalisation of next tender. The detail information terms and condition can be obtained from the office of the undersigned in all working day after publication in newspapers. The bidder can also download the tender documents directly from the website www.koraput.odisha.gov.in and www.slnmch.nic.in. The last date of receipt of tenders through Regd.Post/ Speed Post/ Courier is on or before Dt.08.07.2025 & the Tender will be opened on Dt.09.07.2025. It may be extended. The Superintendent, SLNMCH, Koraput reserves right to accept/reject/cancel any or all the tenders in full or part without assigning any reason thereof.

| | | |
|---|---|---|
| 1 | Date of Sale of Tender Paper | |
| 2 | Cost of Tender Paper | Rs.4000/- (In shape of Demand Draft in favour of Medical Superintendent, SLNMCH, Koraput payable at Koraput |
| 3 | Cost of EMD | Rs.50000/- (In shape of Demand Draft in favour of Medical Superintendent, SLNMCH, Koraput payable at Koraput) |
| 4 | Last date of receipt of Tender Paper | 08.07.2025 till 5.30 PM |
| 5 | Date of Opening of Technical Bid | 09.07.2025 at 11.30 A.M. |
| 6 | Date of Opening of Price Bid | 09.07.2025 at After Completion of Technical Bid |
| 7 | Venue for opening Technical Bid and Price Bid | Office of the Superintendent, SLNMCH, Koraput |
| 8 | Address for Correspondence | Office of the Superintendent, SLNMCH, Koraput, At-Pujariput, Po/ Dist-Koraput |

**Sd./- Superintendent, SLNMCH, Koraput**
OIPR-10121/11/0037/2526



**ODISHA POLICE STATE HEADQUARTERS, CUTTACK**
Buxi Bazar, Cuttack-753001, Tel/Fax No.0671-2304354
www.odishapolice.gov.in, Email:sphqrs.odpol@nic.in
**Odisha Police**
**Office of the D.G. & I.G. of Police, Odisha, Cuttack**
Tel.:0671-2304001, Website:www.odishapolice.gov.in, Email:aig-prov.odpol@gov.in

**No.D-100:**Online Bids through e-Tender Portal https://tendersodisha.gov.in are invited from the eligible bidders for Selection of System Implementation Partner (SIP) for facilitating conduct of OMR based Written Examination, Physical Measurement Test & Physical Efficiency Test for Constable Communication of Selection Board during the current financial year, 2025-26 as per the particulars mentioned below.

| Tender Reference Number | 02-RFP-OMR based Written Examination 2025-26 Date:10.06.2025 |
|---|---|
| Date of Publication of RFP in the Website of Odisha Tenders Portal | 10.06.2025 |
| Last date & time to accept pre-bid queries through email (sp1signal.orpol@nic.in) | 16.06.2025, 05.00 P.M. |
| *Virtual/Pre-Bid Meeting (is to be communicated to interested bidders) | 18.06.2025 |
| Publication of Corrigendum to RFP (if any) in the website of Selection Board | 21.06.2025 |
| Last date & Time of submission of Bid on Odisha Tenders Portal | 10.07.2025, 05.00 PM |
| Date of Opening of General & Technical Bid | 11.07.2025, 05.00 PM |
| Technical Presentation by the Bidders | To be intimated qualified Bidder |
| Date of Opening of Commercial/ Financial Bid | To be intimated qualified Bidder |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) (Refundable) | Rs.5,00,000/- (Rupees Five Lakh) only (t) NEFT as per Appendix-XIII clause-F. |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.**

**Sd./- Dy.Commandant SP., Hdqrs. Odisha, Cuttack**
OIPR-12029/11/0089/2526



**OFFICE OF THE PRINCIPAL**
**GOVT. AYURVEDIC COLLEGE & HOSPITAL**
Tulsinagar, Balangir-767001, Odisha, Tel-Fax-06652-232523 (Coll), 232308 (Hos)
E-Mail:gacbgrorissa@rediffmail.com, Web:www.gachbalangirodisha.ac.in

**NOTICE**

No.1417/GAC&H Date:09.06.2025

**No.E-158:**In pursuance of Government in GA & PG Department Resolution No: 26993/Gen Dated: 12.09.2024, applications are invited from the retired Government Officers with below the age of 65 years, having good service records & physically fit, free from Departmental/ Vigilance Proceedings/Criminal Cases and who have not been penalized for misconduct during the period of preceding 5 years from the date of retirement from Govt. service for re-engagement of 30 Nos. of posts (details of posts available in college website ) on contractual basis at Govt. Ayurvedic College & Hospital, Balangir under the Administrative control of Directorate of AYUSH, Odisha with a consolidated remuneration as guided under para-2 of F.D. Office Memorandum No: 24533/F, Dated: 29.09.2022.

The willing retired Govt. Servants in the respective positions are requested to apply in the application form (available in college website) addressing to "The Principal, Govt.Ayurvedic College,Bolangir Pin -767001" through Registered / Speed Post only so as to reach office of the Principal, Govt.Ayurvedic College,Bolangir ,Tulasinagar by Dated: 26.06.2025 up to 05.00 P.M. for consideration of their application for engagement. The application received after the due date will not be entertained. The application received in any field empty will be rejected. The applicant can download the application form and the detail advertisement by visiting the College Website www.gachbalangirodisha.ac.in.The shortlisted candidates will be called for interview to their given address by Registered/Speed post / Email ID . The engagement shall be for a period of one year or until further orders.

**Sd./- Prof. (Dr.) Manoj Kumar Sahoo**
**Principal**
**Govt. Ayurvedic College & Hospital, Balangir**
OIPR-10010/11/0003/2526



**GOVERNMENT OF ODISHA**
**COOPERATION DEPARTMENT**
**Lokseva Bhawan, Sachivalay Marg, Bhubaneswar, PIN-751001**
**https://coop.odisha.gov.in**
**No.LL-**

**NOTICE**

No.COOP-AGM-AGM-0005-2025 6277, Date 09.06.2025
Sub: Draft State Policy Framework on Agri-Marketing for the state of Odisha.

This is to inform that to create a transparent, competitive and tech-enabled inclusive Agri-Marketing ecosystem in Odisha where all farmers can access diverse markets, get remunerative prices, and benefit from robust infrastructure and value chain-based solutions a draft Policy Framework on Agri-Marketing for the state of Odisha is formulated and the same is available in the website of this Department, **https://coop.odisha.gov.in** and website of OSAM Board **https://osamb.odisha.gov.in** which may be accessed and downloaded. Necessary feedback/ valuable suggestion are invited from all the stake holders on the "Draft State Policy Framework on Agri-Marketing for the State of Odisha" to the Email- **cooperationodisha@gmail.com** & **osamboard99@yahoo.com** within 3 days of the publication of this Notice.

**Sd./- Special Secretary to Government**
OIPR-39001/11/0025/2526


See Career Appointment on every Wednesday & Saturday


**OFFICE OF THE BARBIL MUNICIPALITY, BARBIL**
**REQUEST FOR PROPOSAL**

**No.1686** **Dt.06.06.2025**

No.C-473: Executive Officer, Barbil Municipality, Barbil invites sealed proposal from interested consulting firms for **"Preparation of Detailed Project Report and Providing Consulting Services for implementation of different Infrastructure Developmental Projects under Barbil Municipality".** The RFP documents can be downloaded from the website www.barbilmuniciplity.in from Dt. 10.06.2025 on payment of Rs. 2,000/- (Rupees Two Thousand only) (Non-refundable) through Demand Draft issued in favour of "Executive Officer, Barbil Municipality" payable at Barbil.

The complete application as per the instructions in the RFP document, should reach to the Office of Executive officer, Barbil Municipality by hand/ Speed Post/ Registered Post on or before 23.06.2025 up to 3.00 P.M. The RFP applications will be opened on Dt. 23.06.2025 at 4.00 P.M. in the presence of the bidder or their authorised representative. The authority reserves right to accept or cancel any or all quotations without assigning any reasons thereof.

**Sd/- Executive Officer, Barbil Municipality**
OIPR-13108/11/0037/2526



**OFFICE OF THE NOTIFIED AREA COUNCIL, TARBHA**
**"e" Procurement Notice**
**Bid Identification No.: TRV-NAC- 02/2025-26**
**TENDER ID:2025_ORULB_**
**Tender Call Notice No.926/ Date:06.06.2025**

**No.C-476:** Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e, www.tendersodisha.gov.in.

1. Name of the Work : As per DTCN.
2. No. of Works : 23 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.09.06.2025 from 11.00 A.M.
6. Last Date & Time for Receipt of tenders through online : On or before Dt.20.06.2025 upto 05.00 P.M.
7. Bids received online shall be opened on : On Dt.21.06.2025 at 11.45 AM
8. Name and address of the Officer Inviting Bid : Executive Officer, Tarbha NAC

Further details can be seen from the procurement portal i.e. www.tendersodisha.gov.in.

**Sd./- Executive Officer Tarbha NAC**
OIPR-13199/11/0009/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER P.H.DIVISION, CUTTACK**
e-mail ID- eephctcii@gmail.com, sephdctc521@gmail.com

**No.C-480:** **e-Procurement Notice for**
**Bid Identification No.SEPH-DIVISION, CTC-10 of 2025-26**

1. Name of the Work : 1 No. of P.H. Work
2. Estimated Cost : Rs.84.03 Lakhs
3. Period of Completion : 3 Months
4. Date & Time of availability of bid document in the portal : 16.06.2025 from 11.00 A.M. to 30.06.2025 upto 5.00 P.M.
5. Last date & time of seeking clarification : 21.06.2025 upto 5.00 P.M.
6. Last date/time of receipt of bids in the portal : 30.06.2025 upto 5.00 P.M.
7. Date & Time of opening of bids: 01.07.2025 at 11.00 A.M.
8. Name and address of the Officer Inviting Bid : The Superintending Engineer P.H. Division, Cuttack- 753004 Odisha, Ph.(0671) 2441063 email: eephctcii@gmail.com sephdctc521@gmail.com

Further details can be seen from the e-procurement portal https://www.tendersodisha.gov.in.

**Sd./- Superintending Engineer P.H. Division, Cuttack**
OIPR-13225/11/0025/2526



**ODISHA STATE ROAD TRANSPORT CORPORATION, BHUBANESWAR**
No.7774/Estate-32/2021 Dated 05.06.2025

**NOTICE INVITING TENDER**

**No.CAD-718:**Sealed tenders are invited in the prescribed form from the intending persons/firms/institutions for license of 39 nos. of following vacant rooms, Shops /Open Space/Pindi / Office Room / Canteen / Hotel / Food Court / Multipurpose Hall on the following places as indicated below to be used "As is where is basis".

The sealed tender papers will be received upto 5 PM on or before dt. 30.06.2025 and the same will be opened on 01.07.2025 at 11.00 AM in the Conference hall of the Corporate Office, Bhubaneswar.

For details of Tender including Tender Schedule, terms and conditions, please visit our website www.osrtc.org.

1. **06** nos. of shop rooms & **01** Hotel /Food Court at Angul Old Bus stand, Angul.
2. **02** nos. of shop room at Padampur.
3. **01** no. canteen and **01** no. of Open Space at Baragarh.
4. **04** nos. of shop rooms and **08** nos. of Pindi & **02** nos. of Cafeteria at Malatipatpur OSRTC Bus Stand, Puri.
5. **12** nos. of vacant Shops / **2** nos. Multipurpose Hall at OSRTC Market Complex, Ranpur, Dist- Nayagarh

By Order of Chairman-cum-Managing Director, OSRTC
**Sd./- General Manager (Estates) OSRTC, Bhubaneswar**
OIPR-38002/11/0023/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତୀୟ ଦଳର ନେତୃତ୍ୱ ନେବେ ହୁଣ୍ଡାଲ

**ନୂଆଦିଲ୍ଲୀ, ୧୦।୬(ପି.ଟି.)**

ଚଳିତବର୍ଷ ନଭେମ୍ବର-ଡିସେମ୍ବରରେ ଚେନ୍ନାଇ ଓ ମଦୁରାଇରେ ଜୁନିୟର ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଭାରତୀୟ ଜୁନିୟର ପୁରୁଷ ଦଳ ବର୍ଲିନ୍‌ରେ ଜୁନ୍ ୨୧ରୁ ଆରମ୍ଭ ହେବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ।

**ଚତୁଃରାଷ୍ଟ୍ରୀୟ ଜୁନିୟର ହକି**

ମନୋନୀତ ୨୪ଜଣିଆ ଭାରତୀୟ ଦଳର ଅଧିନାୟକତ୍ୱ କରିବେ ଅଭିଜ୍ଞ ଡ୍ରାଗ୍ ଫ୍ଲିକର ଅରାଇଜିତ୍ ସିଂ ହୁଣ୍ଡାଲ। ଜୁନ୍ ୨୧ରୁ ୨୫ ପର୍ଯ୍ୟନ୍ତ ହେବାକୁଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ବ୍ୟତୀତ ସ୍ପେନ୍, ଅଷ୍ଟ୍ରେଲିଆ ଏବଂ ଆୟୋଜକ ଜର୍ମାନୀ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, ହୁଣ୍ଡାଲ ୨୦୨୩ ଜୁନିୟର ଏସିଆ କପ୍


ଅରାଇଜିତ୍ ସିଂ ହୁଣ୍ଡାଲ

ସ୍ୱର୍ଣ୍ଣ ଜିତିଥିବା ଦଳର ଅନ୍ୟତମ ସଦସ୍ୟ। ସେ ଆହୁରି ମଧ୍ୟ ୨୦୨୩-୨୪ ପ୍ରୋ-ଲିଗ୍ ଖେଳିଛନ୍ତି। ଡିଫେଣ୍ଡର ଅମିର ଅଲି ତାଙ୍କ ଡେପୁଟି ଭାବେ କାର୍ଯ୍ୟ କରିବେ। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଏକ ସିଙ୍ଗଲ ରାଉଣ୍ଡ-ରବିନ ଲିଗ୍‌ରେ ପ୍ରତ୍ୟେକ ଦଳ ପରସ୍ପର ସହ ଖେଳିବେ। ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ। ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିବା ଦଳ ଏକ କ୍ଲାସିଫିକେଶନ ମ୍ୟାଚ୍ ଖେଳିବେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ଭାରତ ଗୋଲ୍‌କିପର ତଥା ଜୁନିୟର ପୁରୁଷ ଦଳର କୋଚ୍ ପି.ଆର୍. ଶ୍ରୀଜେଶ କହିଛନ୍ତି, ବିଭିନ୍ନ କମ୍ବିନେଶନ, ରଣକୌଶଳର ପରୀକ୍ଷା ନିରୀକ୍ଷା କରିବା କ୍ଷେତ୍ରରେ ଏହି ଟୁର୍ନାମେଣ୍ଟ ବିଶେଷ ସହାୟକ ହେବ। ଏହାଛଡ଼ା ଜଟିଳ ପରିସ୍ଥିତିରେ କିପରି ଖେଳିବାକୁ ହେବ ତାହା ଖେଳାଳିମାନ ଶିକ୍ଷାଲାଭ କରିପାରିବେ।

**ଭାରତୀୟ ଦଳ:** ଗୋଲ୍‌କିପର: ବିକ୍ରମ୍‌ଜିତ ସିଂ, ବିବେକ ଲାକ୍ରା। ଡିଫେଣ୍ଡର: ଅମିର ଅଲି(ଉପଅଧିନାୟକ), ତାଲେମ ପ୍ରିୟବ୍ରତ, ଶ୍ରଦ୍ଧାନନ୍ଦ ତିୱାରୀ, ସୁନୀଲ ପି.ବି, ଅନ୍‌ମୋଲ ଏକ୍କା, ରୋହିତ୍, ରବନୀତ ସିଂ, ସୁଖ୍‌ବିନ୍ଦର। ମିଡ୍‌ଫିଲ୍ଡର: ଅଙ୍କିତ ପାଲ୍, ମନ୍‌ମିତ ସିଂ, ରୋଶନ କୁଜୁର, ରୋହିତ କୁଲୁ, ଥୋକ୍‌ଚୋମ୍ କିଙ୍ଗସନ୍ ସିଂ, ଥୋନାଓଜାମ୍ ଇଙ୍ଗାଲେମ୍ବା ଲୁୱାଙ୍ଗ, ଅଦ୍ରୋହିତ୍ ଏକ୍କା, ଜିତ୍‌ପାଲ। ଫରୱାର୍ଡ: ଅରାଇଜିତ୍ ସିଂ ହୁଣ୍ଡାଲ(ଅଧିନାୟକ), ଗୁରଜୋତ୍ ସିଂ, ସୌରଭ ଆନନ୍ଦ କୁଶ୍ୱାହା, ଦିଲରାଜ ସିଂ, ଅର୍ଶଦୀପ ସିଂ ଓ ଅଜିତ୍ ଯାଦବ।

# ଖୋର୍ଦ୍ଧା ଜିଲା ୧୧ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର, ୧୦।୬ (ବିଜୟ ରଣା):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୧୪ ଓ ୧୫ ତାରିଖରେ ଯାଆଁଳାସ୍ଥିତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି, ବିଦ୍ୟାନଗର, ମହୁରାଠାରେ ଖୋର୍ଦ୍ଧା ଜିଲା ୧୧ ବର୍ଷରୁ କମ୍ ବାଳକ ଓ ବାଳିକା ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥରୁ ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ଦୁଇ ଖେଳାଳି ଓଡ଼ିଶା ରାଜ୍ୟ ୧୧ ବର୍ଷରୁକମ୍ ବାଳକ/ବାଳିକା ଚାମ୍ପିୟନଶିପ୍ ୨୦୨୫ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଅଧୀନରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ତରଫରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଭୟ ବାଳକ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୬ ଖେଳାଳିଙ୍କ ଲାଗି ୫,୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ରଖାଯାଇଛି। ଏଥିପାଇଁ ଏଣ୍ଟ୍ରି ଫି' ୫୦୦ ଟଙ୍କା ରଖାଯାଇଛି ଏବଂ ଜୁନ୍ ୧୩ ସୁଦ୍ଧା ଜମା ଦେବାକୁ କୁହାଯାଇଛି।

# ପୂର୍ବତନ ଫୁଟବଲରଙ୍କୁ ଛୁରାମାଡ଼

**ମଣ୍ଟପେଲିଅର,୧୦।୬(ଏପି):** ପୂର୍ବତନ ମଣ୍ଟପେଲିଅର ଖେଳାଳି ଡାନିଏଲ କଂଗ୍ରେଙ୍କୁ ଛୁରା ମାଡ଼ ହୋଇଛି। ତାଙ୍କୁ ନିଜ ଘରୁ ଗୁରୁତର ଓ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଲିଗ୍ ୧ କ୍ଲବ ଲାୟନ ପାଇଁ ସ୍ପୋର୍ଟ୍ସ କୋଅର୍ଡିନେଟର ଭାବେ କାର୍ଯ୍ୟ କରୁଥିବା କଂଗ୍ରେଙ୍କୁ ପେରୋଲ୍ସସ୍ଥିତ ନିଜ ଘରୁ ଉଦ୍ଧାର କରାଯାଇଥିଲା। ତାଙ୍କ ଛାତିପାଖରେ ଛୁରା ମାଡ଼ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ତଦନ୍ତ ଜାରି ରଖିଛି ବୋଲି ସ୍ଥାନୀୟ ଖବର କାଗଜ ମିଡି ଲିବ୍ରେରେ ପ୍ରକାଶ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।


**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**



**ଧାନ୍‌ବୀ ପ୍ରିୟଦର୍ଶନୀ**
ରଞ୍ଜୁକ୍ତା କୁଟୀର, ଅଣ୍ଡିଲୋ, ବାଲିଅନ୍ତା
ସରଳ ହୃଦୟକୁ ଶ୍ରଦ୍ଧାର ସଞ୍ଚୟ ନିଷ୍ପାପ ମନଟି ତୋର ହଟାଇ ବିପଦ ଅରକେ ସମ୍ପଦ, ଆଶିଷ ମିଳୁ ଅପାର, ସଦାସର୍ବଦା ଆସିଥାଉ ଏଇ ତୋର ଜନ୍ମଦିନ। ଜୀବନ ପଥ ଆଗକୁ ଲମ୍ବିଯାଉ, କୁସୁମିତ ହେଉ ତୋ ଜୀବନ।
ଶୁଭେଚ୍ଛା ସହ- ବାପା, ମା, ପରିବାରବର୍ଗ ଓ ବାବୁନି
ଧ-୭୧୨୪୦



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ନାଗାଲ, ବୋପାନ୍ନାଙ୍କ ଅବନତି

**ନୂଆଦିଲ୍ଲୀ, ୧୦।୬(ପି.ଟି.)**

**ଟେନିସ୍ ର୍ୟାଙ୍କିଙ୍ଗ୍**



ସଦ୍ୟ ପ୍ରକାଶିତ ଟେନିସ୍ ର୍ୟାଙ୍କିଙ୍ଗ୍ ତାଲିକାରେ ଭାରତର ସୁମିତ୍ ନାଗାଲ ଓ ରୋହନ ବୋପାନ୍ନାଙ୍କ ଅବନତି ପରିଲକ୍ଷିତ ହୋଇଛି। ଏଟିପି ସର୍କିଟ୍‌ରେ ପ୍ରାରମ୍ଭିକ ବିଦାୟ ଯୋଗୁ ନାଗାଲ ବର୍ତ୍ତମାନ ସିଙ୍ଗଲ୍ସ ର୍ୟାଙ୍କିଙ୍ଗରେ ୨୩୩ତମ ସ୍ଥାନରେ ରହିଛନ୍ତି। ଦୁଇବର୍ଷରେ ତାଙ୍କର ଏହା ହେଉଛି ସର୍ବନିମ୍ନ ର୍ୟାଙ୍କିଙ୍ଗ। ସେ ୬୩ ସ୍ଥାନ ତଳକୁ ଖସିଆସିଛନ୍ତି। ଅନ୍ୟପକ୍ଷରେ ଏବେ ସୁଦ୍ଧା ଭଲ ଖେଳିପାରୁଥିବା ୪୫ ବର୍ଷୀୟ ରୋହନ ବୋପାନ୍ନା ୧୫ ବର୍ଷରେ ପ୍ରଥମ ଥର ଟପ୍ ୫୦ ତଳକୁ ଖସି ଆସିଛନ୍ତି। ୨୭ ବର୍ଷୀୟ ନାଗାଲ ଗତଥର ୨୦୨୩ ଜୁଲାଇରେ ଟପ୍ ୨୦୦ ର୍ୟାଙ୍କିଙ୍ଗ ବାହାରେ ଥିଲେ। ସେତେବେଳେ ସେ ୨୩୧ତମ ସ୍ଥାନରେ ରହିଥିଲେ। ଏହାପରେ ସେ ଟୁର୍‌ରେ ଅଗ୍ରଗତି କରିବାରେ ଲାଗିଥିଲେ। ୨୦୨୪ ଜୁଲାଇରେ ସେ କ୍ୟାରିୟର ଶ୍ରେଷ୍ଠ ୬୮ତମ ସ୍ଥାନ ଅଧିକାର କରିଥିଲେ। ତେବେ ଚଳିତ ସିଜନ ଆରମ୍ଭରେ ତାଙ୍କୁ ବିଜୟ ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ଜାନୁଆରୀରେ ସେ ଟପ୍ ୧୦୦ ଭିତରେ ରହିଥିଲେ। ମାତ୍ର ଗତ ୫ ମାସରେ ସେ ର୍ୟାଙ୍କିଙ୍ଗ ଶିଡ଼ିରେ ୧୪୨ ସ୍ଥାନ ହରାଇଛନ୍ତି। ଟପ୍ ୧୦୦କୁ ପ୍ରତ୍ୟାବର୍ତ୍ତନ ପରେ ସେ ୨୦୨୪ ଅଷ୍ଟ୍ରେଲିଆନ ଓପନଠାରୁ ଆରମ୍ଭ କରି ସେ କ୍ରମାଗତ ୫ଟି ଗ୍ରାଣ୍ଡସ୍ଲାମର ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିଲେ। ସେ କିନ୍ତୁ ନିକଟରେ ପ୍ୟାରିସରେ ଅନୁଷ୍ଠିତ ହୋଇଥିବା ଫ୍ରେଞ୍ଚ ଓପନ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରିନ ଥିଲେ। ଭାରତର ପ୍ରଥମ ଓ ଦୁଇ ନମ୍ବର ଖେଳାଳିଙ୍କ ମଧ୍ୟରେ ବହୁ ବ୍ୟବଧାନ ପରିଲକ୍ଷିତ ହୋଇଛି। ପରବର୍ତ୍ତୀ ଶ୍ରେଷ୍ଠ ଖେଳାଳି ଶିଶିକୁମାର ମୁକୁନ୍ଦ ର୍ୟାଙ୍କିଙ୍ଗ ତାଲିକାର ୪୩୦ତମ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ କରଣ ସିଂ (୪୪୫), ଅର୍ଯ୍ୟନ ଶାହା (୪୮୩) ଓ ଦେବ ଜାଭିଆ (୬୨୧) ରହିଛନ୍ତି। ଡବଲ୍ସ ର୍ୟାଙ୍କିଙ୍ଗରେ ଦେଶର ନମ୍ବର-୧ ଖେଳାଳି ୟୁକି ଭାମ୍ବ୍ରି ୬ସ୍ଥାନ ପଦୋନ୍ନତି ସହ ୩୫ତମ ସ୍ଥାନରେ ରହିଥିବା ବେଳେ ଭେଟେରାନ ବୋପାନ୍ନା ୧୫ ବର୍ଷରେ ବୋପାନ୍ନା ପ୍ରଥମ ଥର ଟପ୍ ୫୦ ତଳକୁ ଖସି ଆସିଛନ୍ତି। ଫ୍ରେଞ୍ଚ ଓପନ ଅଭିଯାନ ପରେ ଏହି ୪୫ ବର୍ଷୀୟ ଖେଳାଳି ୨୦ ସ୍ଥାନ ହରାଇ ବର୍ତ୍ତମାନ ୫୩ ତମ ସ୍ଥାନରେ ରହିଛନ୍ତି।

# ଓଡ଼ିଶା-ଆନ୍ଧ୍ର ଫାଇନାଲ


ଓଡ଼ିଶା ଦୃଷ୍ଟିହୀନ ମହିଳା ଟି୨୦ ଦଳ।

**ଭୁବନେଶ୍ୱର,୧୦।୬ (ଅନାଦି କର)**

**ଆନ୍ତଃ ରାଜ୍ୟ ଦୃଷ୍ଟିହୀନ ମହିଳା ଟି୨୦ ସିରିଜ**

ବିଶାଖାପାଟଣାଠାରେ ଚାଲିଥିବା ଆନ୍ତଃ ରାଜ୍ୟ ଦୃଷ୍ଟିହୀନ ମହିଳା ଟି୨୦ ସିରିଜ୍‌ରେ ମଙ୍ଗଳବାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ବୁଧବାର ଉକୁଷ୍ଟାଡିୟମରେ ଖେଳାଯିବାକୁ ଥିବା ଫାଇନାଲରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ପରସ୍ପରକୁ ଭେଟିବେ।

ଆଜି ବର୍ଷା କାରଣରୁ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ୧୦ ଓଭରିଆ ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୦ ଓଭରରେ ୨ ଉଇକେଟ ହରାଇ ୯୬ ରନ କରିଥିଲା। ଦଳ ପାଇଁ ପଦ୍ମିନୀ ଟୁଡୁ ୩୨ ରନ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ମାତ୍ର ୨ଟି ବଲ ବୋଲିଂ ହୋଇପାରିଥିଲା। ପ୍ରବଳ ବର୍ଷା କାରଣରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ସେମାନଙ୍କ ପ୍ରଥମ ଦୁଇ ମ୍ୟାଚ୍‌ରେ ଦିଲ୍ଲୀ ଓ କେରଳକୁ ହରାଇଥିଲେ। ଏଣୁ ଉଭୟ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Hotel Job, ବୟସ- 37 ପୁଅ ବାହାଘର ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। ଝିଅ ଗରିବ ହେଲେ ବି ଚଳିବ। କିଛି ଡିମାଣ୍ଡ ନ ଦେଲେ ବି ଚଳିବ। ଆମ ସହିତ ଯୋଗାଯୋଗ। ମୋବାଇଲ ନମ୍ବର- 8763173124. D-858

## GROOM WANTED

Beautiful Brahmin Girl 1988, 5'3", MBBS, PG (ENT) Serving Doctor "SUNASANSAR". 9937512659. D-861

Beautiful Khandayat Girl 1999, 5'2", MA (Economics) BE.d, Serving Lecturer "SUNASANSAR". 9937512659. D-862

ବୟସ 27 କୌଣସି ଚାକିରି କରୁନଥିବା ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-860

Fair beautiful Delhi based Working Odia Girl (MA) First Divn. 1997 born 5'5" seeks well settled Delhi/ NCR based boy# csdillip@gmail.com. D-895


REAL ESTATE

## SALE

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**Marriage Mandap, Hotel, Restaurant, Bar, Lodging, 20,000sqft. Chandrasekharpur, Bhubaneswar. 7653880000.** D-884

1500 Sqft. area on 2nd floor, Provision for lift and adequate parking, located near Capital Hospital, available on rent. Ideal for bank, Corporate office, or Diagnostic centers. Contact No.- 9437633342, 9437559892. D-896



Wellness relax body massage & joint pain treatment by trend therapist. 7327020180. D-76917

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

Newly open SPA positively health benefits (expert therapist). Contact- 7749034655. D-76919

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open Jyoti SPA positively health benefits (expert therapist). 8458067955. D-870

Positively health benefits SPA expert female therapist homely atmosphere. 9114559860. D-883

## AFFIDAVIT

By virtue of an affidavit sworn before Notary Public, Bhubaneswar on dtd- 10.06.2025, I, Sri Kailash Chandra Sahoo resident of LIG-21, Brit Colony, Nayapalli, Bhubaneswar, Dist.- Khordha, PIN- 751012, declare that I have changed my name from SAGIT DUTTA to KAILASH CHANDRA SAHOO. Hence I shall be known as KAILASH CHANDRA SAHOO for all purpose.
Kailash Chandra Sahoo
D- 886

By virtue of an affidavit sworn before Executive Magistrate, Nimapara dated- 06.06.2025, I, Basanta Satapathy Address: At- Terahala, P.O.- Nuagopalpur, P.S.- Balanga, Dist.- Puri, PIN Code- 752105 declare that I have changed my name from Basabt Dibya to Basanta Satapathy. Henceforth, I shall be known as Basanta Satapathy for all purposes. D- 76465

By virtue an affidavit No.- 5822, I, Gitanjali Sahani(34), W/o- Rasmi Ranjan Nayak, Vill: Gajipur, P.O.- Palibindha, P.S.- Tihidi, Dist.- Bhadrak, Odisha declare that my son Somya Ranjan Nayak's Birth Certificate his father's name wrongly mentioned Rashmi Ranjan Nayak instead of actual spelling Rasmi Ranjan Nayak. Further declare that Rasmi Ranjan Nayak and Rashmi Ranjan Nayak same and one person. D-889

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sri Sanjaya Kumar Agrawal, F/o- Sri Anmol Agrawal resident of Plot No.- 68, Sidhivinayak Enclave, Budheswari Colony, Bhubaneswar- 751006, Odisha declare by this affidavit No.- 73/2025 dtd- 09.06.2025 that now onwards I shall be known as Sri SANJAY KUMAR AGRAWALLA for all future purposes. D-892

By virtue of an affidavit sworn before the Executive Magistrate, Boudh, No.644, dated- 08.04.25, I, Ranjit Naik, R/o. Village- Udayapur, P.O.- Badabandha, P.S.- Purunakatak, Dist.- Boudh, Odisha, PIN- 762013 declare that I have changed my son's name from Chandrasekhar Satyam Naik to Ankit Naik. Henceforth he shall be known as Ankit Naik for all purposes.
Ranjit Naik
D-890

By virtue of an affidavit sworn before the Executive Magistrate, Boudh, No.794, date 08.05.2025, I, Swagat Kumar Mishra, S/o- T. Simanchal Mishra, R/o. Village/P.O.- Biranarasinghpur, P.S./ Dist.- Boudh declare that I have changed my name from Swagat Mishra to Swagat Kumar Mishra. Henceforth, I shall be known as Swagat Kumar Mishra for all purposes.
Swagat Kumar Mishra
D-891

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସ୍ମିତିପ୍ରଜ୍ଞା ସାହୁ (ରୋଜି)**
କଟକ
ଆବିର୍ଭାବ- ୦୩।୧୨।୧୯୮୭
ତିରୋଧାନ- ୨୦।୦୬।୨୦୧୬
ତୋର ଯିବାର ଆଜିକୁ ୯ ବର୍ଷ ହୋଇଗଲା, ହେଲେ ପ୍ରତ୍ୟେକ ଦିନ ଆମକୁ ଗୋଟେ ଯୁଗ ପରି ଲାଗୁଛି। ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ତୋ ଆତ୍ମାର ସଦ୍‌ଗତି ପାଇଁ ଆକୁଳ ପ୍ରାର୍ଥନା। ସ୍ମୃତିଭିଜା ଏହି ସ୍ନାନ ପୂର୍ଣ୍ଣିମା ଦିନରେ ତୋର ସେହି ହସ ହସ ମୁହଁ, ମନ ଦର୍ପଣରେ ପ୍ରତିବିମ୍ବ ସାଜି ଛାଡିରୁ ମୋ ଉଠେ କୋହ।
ଶୋକସନ୍ତପ୍ତ: ତୋର ବାପା, ମାମା, ଲୋନି ଓ ଓମ୍‌ଶ୍ରୀ।
ଧ-୮୮୪

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡିଓଲି କନ୍ଦାକୁ ଓଦାବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

# ଫସଲ ଉତ୍ପାଦନରେ କପରର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଖାଦ୍ୟ ଉପାଦାନ ମଧ୍ୟରୁ କପର ବା ତମ୍ବା ଅନ୍ୟତମ । କପର ଫସଲ ପାଇଁ ଏକ ଅଣୁଖାଦ୍ୟ ଉପାଦାନ । ସାମାନ୍ୟତମ କପର ଅର୍ଥାତ୍ ୧ କି.ଗ୍ରା. ମାଟିରେ ମାତ୍ର ୦.୨ ମିଲିଗ୍ରାମରୁ କମ୍ ପରିମାଣ କପର ରହିଲେ ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ କରି ନ ପାରି ଫୁଲ ଫଳ ଧରିପାରେ ନାହିଁ। ଫସଲର ପତ୍ରରେ ସବୁଜ କଣିକା ସୃଷ୍ଟି ପାଇଁ କପର କାମ କରିଥାଏ । ଫସଲର ପତ୍ରରେ ଥିବା ଜୈବ କଣିକା, କ୍ଲୋରପ୍ଲାଷ୍ଟରେ ଯେଉଁ ସମସ୍ତ ଖାଦ୍ୟ ଉପାଦାନ ଥାଏ, ସେଥିମଧ୍ୟରୁ କପରର ଭାଗ ପ୍ରାୟ ୭୦ ଶତକଡ଼ା ଥାଏ । ତେଣୁ ଫସଲକୁ ସବୁଜ ରଖିବା କପର ଉପାଦାନର କାମ । ଫସଲରେ ଠିକ୍ ପରିମାଣରେ ଫୁଲ ଫଳ ଆସିବା ପାଇଁ ଯେଉଁସବୁ ଏନ୍‌ଜାଇମ୍ ଆବଶ୍ୟକ, ସେହିସବୁ ଏନ୍‌ଜାଇମ୍ ସହ କପର ଧାତୁ ସଂଶ୍ଳିଷ୍ଟ । ଡାଲିଜାତୀୟ ଫସଲର ଚେରରେ ଭାତୁଡି ସୃଷ୍ଟି କରିବାରେ ସାହାଯ୍ୟକରି ବାୟୁମଣ୍ଡଳରୁ ନିଷ୍କ୍ରିୟ ଯବକ୍ଷାରଯାନକୁ ସକ୍ରିୟ କରିବାରେ କପର ଧାତୁ କାମ କରିଥାଏ ।

"ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପ୍ରତି ୦.୪ କି.ଗ୍ରା.ରୁ କମ୍ ସୁଲଭ କପର ରହିଲେ ମାଟି କପର ଅଭାବ ଥିବା ଜଣାଯାଏ । ଆମ ରାଜ୍ୟର ପ୍ରତ୍ୟେକ ଜିଲାର ଚାଷଜମିର ମାଟି ପରୀକ୍ଷା କରି ଜଣାପଡ଼ିଛି, ରାଜ୍ୟର ସମୁଦାୟ ଚାଷଜମିର ମାତ୍ର ଶତକଡ଼ା ୧.୭୦ଭାଗ ଜମିରେ ସୁଲଭ କପରର ଅଭାବ ରହିଛି । କିନ୍ତୁ କଟକ ଜିଲାର ସମୁଦାୟ ଚାଷଜମିର ସର୍ବାଧିକ ଶତକଡା ୧୩.୧ ଭାଗ ଚାଷଜମି ଏବଂ ଗଜପତି ଜିଲାର ଶତକଡା ୩.୬ ଭାଗ ଚାଷଜମିରେ ସୁଲଭ କପରର ଅଭାବ ରହିଛି । ରାୟଗଡ଼ା ଜିଲାର ଶତକଡା ୧.୫ ଭାଗ, ବଲାଙ୍ଗୀର ଶତକଡା ୧.୪ ଭାଗ ଏବଂ ମାଲକାନାଗିରି ଜିଲାର ଶତକଡା ୧.୦ ଭାଗ ଜମି ସୁଲଭ କପର ଅଭାବଗ୍ରସ୍ତ । କିନ୍ତୁ କନ୍ଧମାଳ ଜିଲାର ଶତକଡା ମାତ୍ର ୦.୪ ଏବଂ ନବରଙ୍ଗପୁର ଜିଲାର ଶତକଡ଼ା ୦.୩ ଭାଗ ଚାଷଜମି କପର ଅଭାବଗ୍ରସ୍ତ । ଅନ୍ୟାନ୍ୟ ଜିଲାଗୁଡ଼ିକର ଚାଷଜମିର ମାଟିରେ ସୁଲଭ କପର ଲୁକ୍କାୟିତିରୁ ନଗଣ୍ୟ ଅଭାବ ରହିଛି।"

ପ୍ରତ୍ୟେକ ଫସଲର ମଞ୍ଜି ଗଜାହେବାଠାରୁ ଆରମ୍ଭକରି ଫୁଲ ଏବଂ ଫଳ ହେବା ପର୍ଯ୍ୟନ୍ତ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ କରିଥାଏ । ଉକ୍ତ



"କପର ଅଭାବରେ ଫସଲର ପତ୍ର ଫିକା ସବୁଜ ହୁଏ । କପର ଧାତୁର ଅଭାବରେ ଗଛର ଉପର ପତ୍ରର ଓସାର କମେ ଏବଂ ଭିତର ପଟକୁ ମୋଡ଼ିହୁଏ। ପତ୍ରର ତଳଭାଗ ଫିକା ସବୁଜ ଥାଇ ଉପରଭାଗ ଈଷତ୍ ଧଳା ରହେ । ଫସଲରେ ଫଳ ହୁଏ, କିନ୍ତୁ ପରିପୁଷ୍ଟ ମଞ୍ଜି ଆସି ନ ପାରି ଫଳ ଫମ୍ପା ହୁଏ ।"

କପର ଅଭାବରେ ଫସଲର ପତ୍ର ଫିକା ସବୁଜ ହୁଏ । କପର ଧାତୁର ଅଭାବରେ ଗଛର ଉପର ପତ୍ରର ଓସାର କମେ ଏବଂ ଭିତର ପଟକୁ ମୋଡ଼ିହୁଏ । ପତ୍ରର ତଳଭାଗ ଫିକା ସବୁଜ ଥାଇ ଉପରଭାଗ ଈଷତ୍ ଧଳା ରହେ । ଫସଲରେ ଫଳ ହୁଏ, କିନ୍ତୁ ପରିପୁଷ୍ଟ ମଞ୍ଜି ଆସି ନ ପାରି ଫଳ ଫମ୍ପା ହୁଏ । ସମୟେ ସମୟେ ଫଳ ଭଲଭାବେ ପାଚିପାରେ ନାହିଁ । ଗଛର ଅଗ୍ରଭାଗ ଶୁଖିଯାଏ । କପର ଉପାଦାନର ଅଭାବଜନିତ ଲକ୍ଷଣ ବିଭିନ୍ନ ଫସଲର ପୃଥକ୍ ପୃଥକ୍ ହୋଇଥାଏ । ଶସ୍ୟଜାତୀୟ ଫସଲର ମଞ୍ଜି ପାକଳ ହୋଇ ନ ପାରି ସଙ୍କୁଚିତ ହୁଏ । ଫସଲରେ ଫୁଲ ଆସେ, କିନ୍ତୁ ପରାଗରେଣୁ ସଂଖ୍ୟା କମି ଠିକ୍ ପରାଗ ସଂଗମ ହୋଇପାରେ ନାହିଁ । ମକାଗଛର ନୂଆ ପତ୍ର ସବୁଜ ନ ହୋଇ ଫିକା ହଳଦିଆ ହୁଏ । ଗଛର ଅଗ୍ରଭାଗ ସିଧା ବଢ଼ି ନ ପାରି ବଙ୍କାହୁଏ । ଗହମ ଗଛର କେଣ୍ଡା ସମ୍ପୂର୍ଣ୍ଣ ବାହାରି ପାରେନାହିଁ । କେଣ୍ଡାର ରଙ୍ଗ ବାଇଗଣି ହୁଏ । ମଟର ଗଛର ଫଳ ଛୋଟ ଏବଂ ସଙ୍କୁଚିତ୍ ହୁଏ । ବନ୍ଧାକୋବିର ଚାରା ଝାଉଁଳେ, ଯଦି ବଞ୍ଚେ କୋବି ଭଲ ବାନ୍ଧେ ନାହିଁ । ପିଆଜ ପତ୍ର ଚିତ୍ରା ରଙ୍ଗର ହୁଏ । ପିଆଜର ଚୋପା ହଳଦିଆ ହୁଏ । ପିଆଜ ବେଶିଦିନ ରହି ନ ପାରି ପଚିଯାଏ । ବିଲାତି ବାଇଗଣ ଗଛର ପତ୍ର ସବୁଜ ନ ରହି ଧୂଳିଆ ରଙ୍ଗ ହୁଏ । ସେବତି ଫୁଲ ଫୁଟିବାରେ ବିଳମ୍ବ ହୁଏ ଏବଂ ଫୁଲର ଆକାର ଛୋଟ ହୁଏ । ବିଭିନ୍ନ ଫଳ ଗଛର ପତ୍ର ସିଧା ନ ହୋଇପାରି ବଙ୍କା ହୁଏ । ବିଶେଷକରି ସେଓ ଗଛର ପତ୍ର ଅଧିକ ବଙ୍କା ହୁଏ । କମଳାରେ ଅଠାଳିଆ ପଦାର୍ଥମାନ ଲାଖି ରହେ । ଖାରି ଏବଂ ଅଧିକ ଚୂନ ଥିବା ମାଟିରେ କପରର ଅଭାବ ଦେଖାଯାଏ । ଅଧିକ ଜୈବଖତ ଥିବା ମାଟିରେ କପର ଖତରେ ବାନ୍ଧିହୋଇ ଗଛକୁ ଗ୍ରହଣ ଉପଯୋଗୀ ହୁଏ ନାହିଁ। ମାଟି ଓଦା ଏବଂ ସନ୍ତସନ୍ତିଆ ରହିଲେ କପର ଲବଣ ଦ୍ରବୀଭୂତ ହୋଇ ଭୂଗର୍ଭକୁ ଚାଲିଯାଏ ।

ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପ୍ରତି ୦.୪ କି.ଗ୍ରା.ରୁ କମ୍ ସୁଲଭ କପର ରହିଲେ, ମାଟି କପର ଅଭାବ ଥିବା ଜଣାଯାଏ । ଆମ ରାଜ୍ୟର ପ୍ରତ୍ୟେକ ଜିଲାର ଚାଷ ଜମିର ମାଟି ପରୀକ୍ଷାକରି ଜଣାପଡ଼ିଛି , ରାଜ୍ୟର ସମୁଦାୟ ଚାଷଜମିର ମାତ୍ର ଶତକଡା ୧.୭୦ଭାଗ ଜମିରେ ସୁଲଭ କପରର ଅଭାବ ରହିଛି । କିନ୍ତୁ କଟକ ଜିଲାର ସମୁଦାୟ ଚାଷ ଜମିର ସର୍ବାଧିକ ଶତକଡା ୧୩.୧ ଭାଗ ଚାଷଜମି ଏବଂ ଗଜପତି ଜିଲାର ଶତକଡା ୩.୬ ଭାଗ ଚାଷଜମିରେ ସୁଲଭ କପରର ଅଭାବ ରହିଛି। ରାୟଗଡା ଜିଲାର ଶତକଡା ୧.୫ ଭାଗ, ବଲାଙ୍ଗୀର ଜିଲାର ଶତକଡା ୧.୪ ଭାଗ ଏବଂ ମାଲକାନାଗିରି ଜିଲାର ଶତକଡା ୧.୦ ଭାଗ ଜମି ସୁଲଭ କପର ଅଭାବଗ୍ରସ୍ତ । କିନ୍ତୁ କନ୍ଧମାଳ ଜିଲାର ଶତକଡା ମାତ୍ର ୦.୪ ଏବଂ ନବରଙ୍ଗପୁର ଜିଲାର ଶତକଡା ୦.୩ ଭାଗ ଚାଷଜମି କପର ଅଭାବଗ୍ରସ୍ତ । ଅନ୍ୟାନ୍ୟ ଜିଲାର ଚାଷଜମିର ମାଟିରେ ସୁଲଭ କପର ଲୁକ୍କାୟିତିରୁ ନଗଣ୍ୟ ଅଭାବ ରହିଛି ।କପର ଅଭାବ ଥିବା ମାଟିରେ କପର ସାର ପ୍ରୟୋଗ କରାଯାଏ । କପର ସାର ମଧ୍ୟରେ କପର ସଲ୍‌ଫେଟ୍ ଏବଂ ଚିଲେଟେଡ୍ କପର ଦୁଇଟି ବଜାରରେ ମିଳେ । କପର ସଲ୍‌ଫେଟ୍‌ରେ ଶତକଡ଼ା ୨୪ ଭାଗ କପର ଥିବାବେଳେ ଚିଲେଟେଡ୍ କପରରେ ଶତକଡା ୧୨ ଭାଗ କପର ଥାଏ ।

କୃଷି ବିଭାଗ କପର ସଲ୍‌ଫେଟ୍ ସାରକୁ ଅନୁମୋଦନ କରିଥାନ୍ତି । କେତେକ ଫସଲ ଯଥା ଗହମ, ଓଟ୍, ଗାଜର, ବିଟ୍, ପାଳଙ୍ଗ, ଲେଟୁସ ଏବଂ ଫଳ ଗଛ ମଧ୍ୟରେ କାଗଜି ଲେମ୍ବୁ ଏବଂ କମଳା ଅଧିକ କପର ଆବଶ୍ୟକ କରିଥାନ୍ତି । କପର ଅଭାବ ଥିବା ମାଟିରେ ହେକ୍ଟର ପ୍ରତି ୫ କି.ଗ୍ରା. କପର ସଲ୍‌ଫେଟ୍‌କୁ ୫୦୦ କି.ଗ୍ରା. ଶୁଖିଲା ଗୁଣ୍ଡ ଗୋବର ଖତ ସହ ମିଶାଇ ଧାଡ଼ିରେ ମଞ୍ଜି ବୁଣା କିମ୍ବା ତଳି ରୁଆ ସମୟରେ ପ୍ରୟୋଗ କରାଯାଏ । ଠିଆ ଫସଲରେ କପର ଅଭାବଜନିତ ଲକ୍ଷଣ ଦେଖାଦେଲେ ଶତକଡା ୦.୫ ଭାଗ କପର ସଲଫେଟ୍ ଅର୍ଥାତ୍ ୫୦ ଗ୍ରାମ କପର ସଲ୍‌ଫେଟ୍‌କୁ ୧୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୨ ଥର ପତ୍ରଛିଞ୍ଚା କରାଯାଏ ।

-ଶୈଳେଶ୍ରୀ ବିହାର, ଭୁବନେଶ୍ୱର

ମୋ : ୯୫୫୬୨୬୭୦୮୫



## ଟମାଟୋ ତଳି ଲଗାଇବାର ପ୍ରଣାଳୀ

**ଟ**ମାଟୋ ତଳି ଲଗାଉଥିଲେ ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ । ଏହାପରେ ପଟାଳିରେ ପାଣିଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

## ମଲ୍ଲୀ ଗଛର ଯତ୍ନ



**ମ**ଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେରହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗ୍ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି ଲମ୍ବ, ୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର । ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ । କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଆସନ୍ତା ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।

## କୁକୁଡ଼ା ପାଳନ



**ଗାଁ**ଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲିରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲିରାଜା ଏକ ରଙ୍ଗିନ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।

## ଢିପ ଜମି ଧାନଚାଷରେ ସାର ପ୍ରୟୋଗ

**ଢି**ପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ । ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ଏକ ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ଢିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ ।





## ମୁଗ ଫସଲରେ ପତ୍ରକଟା ପୋକ ଲାଗିଥିଲେ..

ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ଏକ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପନିପରିବାରେ ରୋଗ ପୋକ ଲାଗିଲେ...

**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ଏକ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁତ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମିଲି ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା **ପୋ**କର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।



# ଖ୍ୱାଜାଙ୍କ ସହ ଓପନ କରିବେ ଲାବୁସେନ

**ଲର୍ଡ୍ସ,୧୦।୬(ପି.ଟି.)**

ବୁଧବାରଠାରୁ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଆରମ୍ଭ ହେବ। ଏଥିଲାଗି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ମଙ୍ଗଳବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛନ୍ତି। ପୂର୍ବତନ ନଂ-୧ ଟେଷ୍ଟ ବ୍ୟାଟର ମାର୍ନସ ଲାବୁସେନଙ୍କୁ ଉସ୍ମାନ ଖ୍ୱାଜାଙ୍କ ସହ ଓପନିଂ କରିବା ଲାଗି ପ୍ରମୋଟ କରାଯାଇଛି। ପେସ ବିଭାଗରେ ସ୍କଟ ବୋଲାଣ୍ଡଙ୍କ ବଦଳରେ ଜୋଶ ହାଜେଲଉଡ୍‌ଙ୍କୁ ସାମିଲ କରାଯାଇଥିଲା। ସେ ମିଚେଲ ଷ୍ଟାର୍କ ଓ କମିନ୍ସଙ୍କ ସହ ପେସ ବିଭାଗ ସମ୍ଭାଳିବେ। ବ୍ୟାକ ସର୍ଜରୀ ପରେ ଅଲରାଉଣ୍ଡର କାମେରନ ଗ୍ରୀନ ପ୍ରଥମ ଥର ପାଇଁ ଦଳକୁ ଫେରିଥିବା ବେଳେ ବେଉ ୱେବଷ୍ଟର ଚୂଡ଼ାନ୍ତ ଏକାଦଶରେ ଦଳ ବଜାୟ ରଖିଛନ୍ତି। ସେ ତାଙ୍କ ମିଡିୟମ ପେସ ଓ ପାର୍ଟ ଟାଇମ ସ୍ପିନ ବୋଲିଂ ଜରିଆରେ ଦଳକୁ ଅତିରିକ୍ତ ବୋଲିଂ ବିକଳ୍ପ ଯୋଗାଇବେ। କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଡବ୍ଲ୍ୟୁଟିସି ମେସକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଗତ ଥର ୨୦୨୩ ଜୁନରେ ଭାରତକୁ ଫାଇନାଲରେ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଚଳିତ ଡବ୍ଲ୍ୟୁଟିସି ସାଇକେଲରେ ଅଷ୍ଟ୍ରେଲିଆ ପ୍ରଭାବୀ ପ୍ରଦର୍ଶନ କରିଛି। ଗତ ଦୁଇ ବର୍ଷରେ ଅଷ୍ଟ୍ରେଲିଆ କୌଣସି ଟେଷ୍ଟ ସିରିଜ୍‌ରେ ପରାଜିତ ହୋଇ ନାହିଁ। ସେମାନେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାକୁ ଟେଷ୍ଟ ସିରିଜ୍‌ରେ ହରାଇବା ସହ ଇଂଲଣ୍ଡରେ ଆସେସ ବଜାୟ ରଖିବା ପରେ ଭାରତ ଓ ପାକିସ୍ତାନ ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ଜିତିଥିଲା। କେବଳ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍ ବରାବର ଭାବେ ଶେଷ ହୋଇଥିଲା।



ଉସ୍ମାନ ଖ୍ୱାଜା ଓ ମାର୍ନସ ଲାବୁସେନ।

## ପାଟରସନଙ୍କ ବଦଳରେ ଏନ୍‌ଗିଡି

ଅନ୍ୟପକ୍ଷରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ପକ୍ଷରୁ ମଧ୍ୟ ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ଡବ୍ଲ୍ୟୁଟିସି

**ଆଜିଠାରୁ ଡବ୍ଲ୍ୟୁଟିସି ଫାଇନାଲ**

ଫାଇନାଲ ଖେଳିବାକୁ ଯାଉଥିବା ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଘୋଷିତ ଦକ୍ଷିଣ ଆଫ୍ରିକା ଦଳରେ ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗରେ ଗଭୀରତା ରଖାଯାଇଛି। ଏଡେନ ମାରକ୍ରାମଙ୍କ ରିୟାନ ରିକଲଟନ ଓପନିଂ କରିବେ। ୱିଆନ ମୁଲ୍ଡର ନଂ-୩ରେ ବ୍ୟାଟିଂ କରିବେ। ଗତ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍‌ରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ଅଧିନାୟକ ଟେମ୍ବା ବଭୁମା, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ବେଡିଂହାମ ଓ କାଏଲ ଭରେନି (ଉଇକେଟକିପର) ମିଡିଲ୍ ଓଭର ସମ୍ଭାଳିବେ। ପେସର ଭାବେ କାଗିସୋ ରାବାଡା, ମାର୍କୋ ଜାନସେନ ଓ ଲୁଙ୍ଗି ଏନ୍‌ଗିଡି ଦଳରେ ସ୍ଥାନ ପାଇଛନ୍ତି। ଏକମାତ୍ର ସ୍ପିନର ଭାବେ କେଶବ ମହାରାଜଙ୍କୁ ଦଳରେ ସାମିଲ କରାଯାଇଛି। ମୁଲ୍ଡର ନଂ-୩ ପୋଜିଶନରେ ଖେଳିବା ଏବେ ଆରମ୍ଭ କରିଛନ୍ତି। କିନ୍ତୁ ମୁଲ୍ଡରଙ୍କ ସହ ଖେଳିଲା ବେଳେ ତାଙ୍କୁ ଦେଖିବା ପରେ ସେ ଗତ ଦୁଇ ବର୍ଷରେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି, ତାହାକୁ ଦେଖି ଆମେ ଏହି ନିଷ୍ପତ୍ତି ନେଇଛୁ। ଏହା ତାଙ୍କୁ ଆତ୍ମବିଶ୍ୱାସ ଦେବା ଏବଂ ସେ ଯାହା କରନ୍ତି, ତାହା କରିବାକୁ ଆମେ ସମର୍ଥନ କରିବାକୁ ଉଦ୍ୟମ କରୁଛୁ। ଗତ ବର୍ଷ ଭଲ ପ୍ରଦର୍ଶନ କରିଥିବା ଡେନ ପାଟରସନଙ୍କ ବଦଳରେ ଏନ୍‌ଗିଡିଙ୍କୁ ନିଆଯାଇଛି। ଏହି ନିଷ୍ପତ୍ତି ନେବା ଆମ ପାଇଁ କଷ୍ଟକର ଥିଲା। ଗତ ସିଜନରେ ପାଟରସନ ଖୁବ୍ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ଲୁଙ୍ଗିଙ୍କ ରେକର୍ଡ ଅଧିକ ଭଲ ଏବଂ ତାଙ୍କ ପାଖରେ ପୂର୍ବରୁ ଏଠାରେ ଖେଳିବାର ଅଭିଜ୍ଞତା ରହିଛି, ଯାହାକି ପାଟରସନଙ୍କ ପାଖରେ ନାହିଁ ବୋଲି ବଭୁମା ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

**ଅଷ୍ଟ୍ରେଲିଆ ଏକାଦଶ:** ଉସ୍ମାନ ଖ୍ୱାଜା, ମାର୍ନସ ଲାବୁସେନ, କାମେରନ ଗ୍ରୀନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ, ବେଉ ୱେବଷ୍ଟର, ଆଲେକ୍ସ କାରେ (ଉଇକେଟକିପର), ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ନାଥନ ଲାୟନ, ଜୋଶ ହାଜେଲଉଡ।

**ଦକ୍ଷିଣ ଆଫ୍ରିକା ଏକାଦଶ:** ଏଡେନ ମାରକ୍ରାମ, ରିୟାନ ରିକଲଟନ, ୱିଆମ ମୁଲ୍ଡର, ଟେମ୍ବା ବଭୁମା (ଅଧିନାୟକ), ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ବେଡିଂହାମ, କାଏଲ ଭରେନି (ଉଇକେଟକିପର), ମାର୍କୋ ଜାନସେନ, କେଶବ ମହାରାଜ, କାଗିସୋ ରାବାଡା ଓ ଲୁଙ୍ଗି ଏନ୍‌ଗିଡି।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ପୁରନଙ୍କ ଅବସର



ନିକୋଲସ ପୁରନ

**ପୋର୍ଟ ଅଫ୍ ସ୍ପେନ,୧୦।୬(ପି.ଟି.)**

ୱେଷ୍ଟଇଣ୍ଡିଜର ଷ୍ଟାର ବ୍ୟାଟର ନିକୋଲସ ପୁରନ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରି ସଭିଙ୍କୁ ଚକିତ କରି ଦେଇଛନ୍ତି। ୨୯ ବର୍ଷ ବୟସରେ ଅବସର ନେଇଥିବା ପୁରନ କୌଣସି କାରଣ ଦର୍ଶାଇ ନାହାନ୍ତି। ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ଟି୨୦ ସିରିଜ୍‌ରେ ନ ଖେଳିବାକୁ ନିଷ୍ପତ୍ତି ନେବାର ଦିନକ ପରେ ଅବସର ଘୋଷଣା କରିଛନ୍ତି। ବିସ୍ଫୋରକ ବାମହାତୀ ବ୍ୟାଟର ୱେଷ୍ଟଇଣ୍ଡିଜ ଲାଗି ସର୍ବାଧିକ ୧୦୬ ଟି୨୦ ମ୍ୟାଚ୍ ଖେଳିବା ସହ ୨୬.୧୪ ଆଭରେଜରେ ସର୍ବାଧିକ ୨୨୭୫ ରନ ସ୍କୋର କରିଛନ୍ତି। ୬୧ ଦିନିକିଆ ମ୍ୟାଚ୍‌ରେ ୯୯.୧୫ ଷ୍ଟ୍ରାଇକ୍‌ରେଟ୍‌ରେ ୩୯.୬୬ ଆଭରେଜ ସହ ୧୯୮୩ ରନ କରିଛନ୍ତି। ସେ କଦାପି ଦେଶ ପାଇଁ ଟେଷ୍ଟ କ୍ରିକେଟ ଖେଳି ନ ଥିଲେ।

ଅନେକ ବିଚାରବିମର୍ଶ କରିବା ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଏହି ଖେଳକୁ ଆମେ ବହୁତ ଭଲ ପାଉ ଏବଂ ଏହା ମୋତେ ଖୁବ ଆନନ୍ଦ, ଉଦ୍ଦେଶ୍ୟ, ଚିରସ୍ମରଣୀୟ ସ୍ମୃତି, ୱେଷ୍ଟଇଣ୍ଡିଜ ଲୋକଙ୍କର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେବା ଜାରି ରଖିବ। ମେରୁନ ରଙ୍ଗର ଜର୍ସି ପିନ୍ଧି ପ୍ରତ୍ୟେକ ଥର ଫିଲ୍ଡରେ ମୁଁ ମୋର ସବୁ କିଛି ଦେଇଛି। ଏହାର ଅର୍ଥ ମୋ ପାଇଁ କ'ଣ ତାହାକୁ କୌଣସି ଶବ୍ଦରେ ପ୍ରକାଶ କରିପାରିବି ନାହିଁ। ୱେଷ୍ଟଇଣ୍ଡିଜ ଦଳର ନେତୃତ୍ୱ ନେବା ମୋ ପାଇଁ ସୌଭାଗ୍ୟର ବିଷୟ ଏବଂ ଏହା ସର୍ବଦା ହୃଦୟ ନିକଟରେ ରହିବ ବୋଲି ପୁରନ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ୨୦୨୩ ବିଶ୍ୱକପ୍ କ୍ୱାଲିଫାୟରରୁ ୱେଷ୍ଟଇଣ୍ଡିଜ ଦଳର ବିଦାୟ ପରଠାରୁ ପୁରନ କୌଣସି ଦିନିକିଆ ମ୍ୟାଚ୍ ଖେଳି ନ ଥିଲେ। ସେ ଅନ୍ତିମ ଥର ୨୦୨୪ ଡିସେମ୍ବରରେ ବାଂଲାଦେଶ ବିପକ୍ଷରେ ୱେଷ୍ଟଇଣ୍ଡିଜ ପାଇଁ ଖେଳିଥିଲେ। ତାଙ୍କ ଅବସରରେ ସମ୍ପର୍କରେ କ୍ରିକେଟ ୱେଷ୍ଟଇଣ୍ଡିଜ(ସିଡବ୍ଲ୍ୟୁଆଇ) ପକ୍ଷରୁ କୁହାଯାଇଛି ଯେ, ନିକୋଲାସ ଆନୁଷ୍ଠାନିକ ଭାବେ ଅବସର ସମ୍ପର୍କରେ ସିଡବ୍ଲ୍ୟୁଆଇକୁ ଜଣାଇଛନ୍ତି। ଏଥିସହିତ ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ଅଧ୍ୟାୟ ଶେଷ ହୋଇଛି। ସେ ଜଣେ ବିଶ୍ୱ ସ୍ତରୀୟ ଖେଳାଳି ଓ ଗେମ୍ ଚେଞ୍ଜର ଥିଲେ। ଫିଲ୍ଡରେ ତାଙ୍କ ପ୍ରଦର୍ଶନ ଓ ଦଳ ଉପରେ ଥିବା ତାଙ୍କ ପ୍ରଭାବ ୱେଷ୍ଟଇଣ୍ଡିଜ କ୍ରିକେଟ ସହ ଯୋଡ଼ି ହୋଇ ରହିବ।

# ହଂକଂଠାରୁ ହାରିଲା ଭାରତ

**କୋଲୁନ, ୧୦।୬(ପି.ଟି.):** ୨୦୨୭ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟରର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୦-୧ ଗୋଲ୍‌ରେ ହଂକଂଠାରୁ ପରାସ୍ତ ହୋଇଛି। ଭାରତର ମୁଖ୍ୟ କୋଚ୍ ମାନୋଲୋ ମାର୍କ୍ୱେଜ ଭେଟେରାନ୍ ଷ୍ଟ୍ରାଇକର ସୁନୀଲ ଛେତ୍ରୀଙ୍କୁ ଷ୍ଟାର୍ଟିଂ ଏକାଦଶରୁ ବାହାରେ ରଖିଥିଲେ। ନବନିର୍ମିତ କାଇ ତାକ ଷ୍ଟାଡିୟମରେ ପ୍ରଥମାର୍ଦ୍ଧରେ ଭାରତ କିଛି ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ କୌଣସି ଖେଳାଳି ଗୋଲ ସ୍କୋର କରି ନ ପାରିବାରୁ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ପ୍ରଥମାର୍ଦ୍ଧର ୩୫ତମ ମିନିଟ୍‌ରେ ଆଶିକ୍ କୁରୁନିୟାନ ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲେ। ଦ୍ୱିତୀୟାର୍ଦ୍ଧରେ କୁରୁନିୟାନ ପୁଣି ଏକ ସୁଯୋଗର ଫାଇଦା ଉଠାଇବାରେ ବିଫଳ ହୋଇଥିଲେ। ଏହାପରେ କୋଚ୍ ମାର୍କ୍ୱେଜ ଭାରତର ସର୍ବକାଳୀନ ଗୋଲସ୍କୋରର ଛେତ୍ରୀଙ୍କୁ ନାଓରେମ ସିଂଙ୍କ ସହ କୁରୁନିୟାନ ଓ ବ୍ରାଣ୍ଡନ ଫର୍ନାଣ୍ଡେସଙ୍କ ବଦଳରେ ଦଳରେ ସାମିଲ କରିଥିଲେ। ୮୧ତମ ମିନିଟ୍‌ରେ ଛେତ୍ରୀଙ୍କୁ ଏକ ସୁଯୋଗ ମିଳିଥିଲା। ହେଲେ ସେ ଠିକ୍‌ଭାବେ ସଟ୍‌କୁ କନେକ୍ଟ କରିପାରି ନ ଥିଲେ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ଟି ଧାର୍ଯ୍ୟ ସମୟରେ ଶେଷହେବା ପର୍ଯ୍ୟନ୍ତ ଗୋଲଶୂନ୍ୟ ରହିଥିଲା। ଇଞ୍ଜୁରି ଟାଇମ୍‌ରେ ଭାରତୀୟ ଗୋଲ୍‌କିପର ବିଶାଲ କୈଥ ଗୋଲଲାଇନ୍ ବାହାରେ ବଲ୍‌କୁ ଧରିବାକୁ ଉଦ୍ୟମ କରିଥିଲେ। ଫଳରେ କୈଥଙ୍କୁ ୟେଲୋ କାର୍ଡ ଦିଆଯିବା ସହ ହଂକଂକୁ ଏକ ପେନାଲ୍ଟି ମିଳିଥିଲା, ଯାହାକୁ ଷ୍ଟେଫାନ ପେରେଇରା (୯୦+୪) ଗୋଲରେ ପରିଣତ କରିଥିଲେ।

# ଭାରତ ଖାତା ଖୋଲିଲେ ଇଲାଭେନିଲ



ଇଲାଭେନିଲ ଭାଲାରିଭାନ

**ନୂଆଦିଲ୍ଲୀ,୧୦।୬(ପି.ଟି.)**

**ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍**

ମ୍ୟୁନିକ୍‌ଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଇଲାଭେନିଲ ଭାଲାରିଭାନ ଭାରତର ପଦକ ଖାତା ଖୋଲିଛନ୍ତି। ସେ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୫ ବର୍ଷୀୟା ଇଲାଭେନିଲ ଫାଇନାଲରେ ପ୍ରାୟତଃ ସମୟ ଆଗୁଆ ରହିଥିଲେ। ହେଲେ ଶେଷରେ ସେ ୨୩୧.୨ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚାଇନାର ୧୮ ବର୍ଷୀୟା ସେନସେଶନ ୱାଙ୍ଗ ଜିଫେଇ ୨୫୨.୭ ପଏଣ୍ଟ ସହ ସ୍ୱର୍ଣ୍ଣ ଓ କୋରିଆର କ୍ୱନ ୟୁଞ୍ଜି (୨୫୨.୬) ରୌପ୍ୟ ପଦକ ହାତେଇଛନ୍ତି। ଫାଇନାଲ ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ଇଲାଭେନିଲ ୬୩୫.୯ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲକୁ ଉନ୍ନୀତ ହୋଇଥିଲେ। ୧୮ ବର୍ଷୀୟା ୱାଙ୍ଗ ୬୩୭.୯ ସ୍କୋର କରିଥିଲେ, ଯାହାକି ଯୋଗ୍ୟତା ପର୍ଯ୍ୟାୟରେ ଏକ ବିଶ୍ୱ ରେକର୍ଡ। ଭାରତର ଜାତୀୟ ଚାମ୍ପିୟନ ଅନନ୍ୟା ନାଇଡୁ ୬୩୨.୪ ସ୍କୋର ସହ ୧୫ତମ ଓ ରମିତା ଜିନ୍ଦଲ ୬୩୨.୬ ସ୍କୋର ସହ ୧୩ତମ ସ୍ଥାନରେ ରହିଥିଲେ।

**ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍**

# ବାଳକରେ ୫, ବାଳିକାରେ ଜ୍ୟୋତିକା ଶୀର୍ଷରେ

**ଭୁବନେଶ୍ୱର,୧୦।୬(ଅନାଦି କର):** କଟକସ୍ଥିତ ଜାବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଟ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ରାଜ୍ୟ ୧୫ ବର୍ଷରୁ କମ୍ ଓପନ ଏବଂ ବାଳିକା ଚେସ୍ ପ୍ରତିଯୋଗିତାରେ ମଙ୍ଗଳବାର ଷଷ୍ଠରାଉଣ୍ଡ ଶେଷସୁଦ୍ଧା ଓପନ ବିଭାଗରେ ୫ ବାଳକ ଓ ବାଳିକା ବିଭାଗରେ ଜ୍ୟୋତିକା ସାହୁ ଶୀର୍ଷରେ ରହିଛନ୍ତି।

ଓପନ୍ ବିଭାଗରେ ହିମାଂଶୁ ନାୟକ, ବିଶ୍ୱପ୍ରିତ୍ ରାୟ, ଲଳିତ ରଞ୍ଜନ ସାହୁ, ସାତ୍ୱିକ ସ୍ୱାଇଁ ଓ ସାଇ ଶକ୍ତି ପଣ୍ଡା ୫.୫ ପଏଣ୍ଟ ସହ ମିଳିତ ଶୀର୍ଷରେ ରହିଛନ୍ତି। ଉଦୟକାନ୍ତ ନାୟକ, ସାର୍ଥକ ମହାନ୍ତି, ଆଦିତ୍ୟ ଜେନା, ପ୍ରିୟଦର୍ଶନ ରାୟ, ସୌଭିକ ପାଢ଼ୀ, ମନିଶ ମିଶ୍ର ୫ ଲେଖାଏ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଳିକା ବିଭାଗରେ ଜ୍ୟୋତିକା ସର୍ବାଧିକ ୬ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ସୃଷ୍ଟି ଶ୍ରେୟାସୀ, ଶ୍ରଦ୍ଧା ସ୍ମରଣୀକା ନନ୍ଦ, ଇ. ରାଗୀଣି, ଅମୃତା ପ୍ରିୟଲକ୍ଷ୍ମୀ ଓ ପ୍ରିତିଷା ମିତ୍ର ୫ ଲେଖାଏ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବୁଧବାର ଟୁର୍ନାମେଣ୍ଟର ଅନ୍ତିମ ଦିନ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରବାଟୀ ବିଧାୟିକା ସୋଫିଆ ଫିରଦୋଷ ଯୋଗ ଦେବେ ବୋଲି ଜଣାପଡ଼ିଛି।

# ଦୁଇ ବିଶ୍ୱ ରେକର୍ଡ ଭାଙ୍ଗିଲେ ମ୍ୟାକ୍‌ଇଣ୍ଟୋସ



**ଭିକ୍ଟୋରିଆ(କାନାଡ଼ା), ୧୦।୬(ଏପି)**

**ସୁଇମିଂ**

କାନାଡ଼ାର ସ୍ୱଳ୍ପବୟସ୍କ ସନ୍ତରଣକାରୀ ସୁମର ମ୍ୟାକ୍‌ଇଣ୍ଟୋସ କାନାଡ଼ିଆନ ସୁଇମିଂ ଟ୍ରାଏଲ୍ସରେ ୩ ଦିନ ମଧ୍ୟରେ ଦୁଇଟି ବିଶ୍ୱ ରେକର୍ଡ କରିଛନ୍ତି। ମ୍ୟାକ୍‌ଇଣ୍ଟୋସ ୨ ମିନିଟ୍ ୫.୭ ସେକେଣ୍ଡ ଟାଇମିଂରେ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ରେସ୍ ଶେଷକରି ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ହଙ୍ଗେରୀର ମହାନ୍ ସନ୍ତରଣକାରୀ କାଟିନ୍‌କା ହୋସ୍‌ଜୁ (୨୦୧୫ରେ, ଟାଇମିଂ ୨:୦୬.୧୨)ଙ୍କ ନାମରେ ରହିଥିଲା। ଟରଣ୍ଟୋର ଏହି ୧୮ ବର୍ଷୀୟ ଶନିବାର ୪୦୦ ମିଟର ଫ୍ରିଷ୍ଟାଇଲ ରେସ୍‌କୁ ୩:୫୪.୧୮ରେ ଶେଷକରି ଗୋଟିଏ ସେକେଣ୍ଡ ବ୍ୟବଧାନରେ ଅଷ୍ଟ୍ରେଲିଆର ଆରିଆର୍ନ ଟିଟ୍‌ମସ୍ (୩:୫୫.୩୮)ଙ୍କ ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ମ୍ୟାକ୍‌ଇଣ୍ଟୋସ ଆହୁରି ମଧ୍ୟ ୮୦୦ ମିଟର ଫ୍ରିଷ୍ଟାଇଲରେ ତାଙ୍କ ନାମରେ ରହିଥିବା କାନାଡ଼ିଆନ ରେକର୍ଡକୁ ୮:୦୫.୦୭ ଟାଇମିଂରେ ଭଙ୍ଗ କରିଦେଇଛନ୍ତି। ଗତ ମେ'ରେ ବିଶ୍ୱ ରେକର୍ଡ କରିଥିବା କେଟି ଲେଡେକିଙ୍କଠାରୁ ସେ ମାତ୍ର ୦.୯୫ ସେକେଣ୍ଡ ପଛରେ ରହିଯାଇଥିଲେ।

# ୟର୍କଶାୟାରରେ ଯୋଗଦେଲେ ଋତୁରାଜ

**ଲର୍ଡ(ଇଂଲଣ୍ଡ), ୧୦।୬(ପି.ଟି.)**

ଭାରତୀୟ ବ୍ୟାଟର ଋତୁରାଜ ଗାଏକ୍ୱାଡ ୟର୍କଶାୟାରରେ ଯୋଗଦେବେ। ଦଳ ତରଫରୁ ସେ ୫ଟି କାଉଣ୍ଟି ଚାମ୍ପିୟନଶିପ୍‌ର ଡିଭିଜନ ୱାନ୍ ମ୍ୟାଚ୍ ଏବଂ ଦିନିକିଆ କପ୍ ଖେଳିବେ। ସେ ଜୁଲାଇରେ ସ୍କାରବୋରୋଠାରେ ସରେ ବିପକ୍ଷ କାଉଣ୍ଟି ମ୍ୟାଚ୍ ପୂର୍ବରୁ ଦଳ ସହ ଯୋଗଦେବେ। ସିଜନ ଶେଷପର୍ଯ୍ୟନ୍ତ ସେ କ୍ଲବ ସହିତ ରହିବେ। କ୍ଲବ ତରଫରୁ ଏହାର ୱେବ୍‌ସାଇଟରେ ଏହି ସୂଚନା ଦିଆଯାଇଛି। ୨୮ ବର୍ଷୀୟ ଋତୁରାଜ ବର୍ତ୍ତମାନ ଭାରତ 'ଏ' ଦଳ ସହ ଇଂଲଣ୍ଡ ଟୁର୍‌ରେ ଅଛନ୍ତି। ଇତିମଧ୍ୟରେ ସେ ଦଳ ଲାଗି ଦୁଇଟି ୪ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ଖେଳିସାରିଛନ୍ତି। ଆଗକୁ ବେକେନହାମ୍‌ଠାରେ ଜୁନ୍ ୧୩ରୁ ୧୬ ପର୍ଯ୍ୟନ୍ତ ସେ ସିନିୟର ଦଳ ବିପକ୍ଷରେ ଏକ ୪ଦିନିଆ ଇଣ୍ଟ୍ରା ସ୍କାର୍ଡ ମ୍ୟାଚ୍ ଖେଳିବେ। ପୁଣେରେ ଜନ୍ମଗ୍ରହଣ କରିଥିବା ଋତୁରାଜ ଇଣ୍ଡିଆନ୍ ପ୍ରିମିୟର ଲିଗ(ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ, ରଣ୍‌ଜୀ ଟ୍ରଫିରେ ମହାରାଷ୍ଟ୍ର ଦଳର ଅଧିନାୟକ ରହିଛନ୍ତି। ସେ ତାଙ୍କ କ୍ୟାରିୟର ମଧ୍ୟରେ ୬ଟି ଅନ୍ତର୍ଜାତୀୟ ଦିନିକିଆ ଓ ୨୦ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

# କେନ୍ଦ୍ରାପଡ଼ା, କୋରାପୁଟ ଓ କଟକ 'ବି' ବିଜୟୀ



ଆୟୁଷ ମନ୍ତ୍ରୀ



କ୍ରିଷ୍ଣା ମହାନ୍ତି



ସଂଶ୍ରୟ ଶାହା

**ଭୁବନେଶ୍ୱର, ୧୦।୬ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ପର୍ଯ୍ୟାୟ ଲିଗ୍ (ଗ୍ରୁପ୍ 'ଇ' ଓ 'ଏଫ୍')ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ କେନ୍ଦ୍ରାପଡ଼ା, କୋରାପୁଟ ଓ କଟକ 'ବି' ବିଜୟ ଲାଭ କରିଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କେନ୍ଦ୍ରାପଡ଼ା ୪ ଉଇକେଟରେ ଦେବଗଡ଼କୁ ହରାଇ ଦେଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ୪୫ ଓଭରରେ ୯ ଉଇକେଟ ବିନିମୟରେ ୧୩୯ ରନ କରିଥିଲା। ଦଳ ପକ୍ଷରୁ ୟାରିକ ଆହାନ ୩୨*ଓ ଯୁବରାଜ ଦେଓ ୩୦ ରନ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର କ୍ରିଷ୍ଣା ମହାନ୍ତି ୨୫ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କେନ୍ଦ୍ରାପଡ଼ା ଦଳ ୩୧. ୫ ଓଭରରେ ୬ ଉଇକେଟ ବିନିମୟରେ ୧୪୦ ରନ କରି ମ୍ୟାଚ ଜିତି ନେଇଥିଲା। ଦଳର ଟପ୍ ସ୍କୋରର ମୋହନରାଜ ରାଉତ ୬୩ ରନ କରିଥିଲେ। ବିଜୟୀ ଦଳର ବୋଲର କ୍ରିଷ୍ଣା ମହାନ୍ତି (୯-୨-୨୫-୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ମ୍ୟାଚରେ କୋରାପୁଟ ଡି/ଏଲ୍ ପଦ୍ଧତିରେ ୬ ଉଇକେଟରେ ଅନୁଗୋଳକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅନୁଗୋଳ ୩୯.୩ ଓଭରରେ ୧୪୮ରନ କରି ଅଲଆଉଟ ହୋଇଯାଇଥିଲା। ଦଳପକ୍ଷରୁ ନିଖିଲ ଦେହୁରୀ ସର୍ବାଧିକ ୨୫ ରନ କରିଥିଲେ। ବିପକ୍ଷ ଦଳର ସଂଶ୍ରୟ ଶାହା ୩୧ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। କୋରାପୁଟ ଦଳ ୨୨.୪ ଓଭରରେ ୪ଉଇକେଟ ହରାଇ ୧୦୩ ରନ କରିବା ସହ ମ୍ୟାଚ ଜିତି ନେଇଥିଲା। ସଂଶ୍ରୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସନ୍‌ସାଇନ୍ ଗ୍ରାଉଣ୍ଡରେ ଜଗତ୍‌ସିଂହପୁର ବିପକ୍ଷରେ କଟକ 'ବି' ୧୫୭ରନରେ ବିଜୟ ଲାଭ କରିଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ 'ବି' ୪୩ ଓଭରରେ ୭ ଉଇକେଟ ବିନିମୟରେ ୩୫୭ ରନ କରିଥିଲା। ଆୟୁଷ ମନ୍ତ୍ରୀ ୯୮ ଓ ବାଦଲ ମଲିକ ୬୬ ରନ କରିଥିଲେ। ଜବାବରେ ଜଗତ୍‌ସିଂହପୁର ୩୭ ଓଭରରେ ୮ଉଇକେଟ ବିନିମୟରେ ୧୬୦ ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ଅରବିନ୍ଦ ମଲିକ ସର୍ବାଧିକ ୫୫ ରନ କରିଥିଲେ। ଆୟୁଷ ମନ୍ତ୍ରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ